CMYK

- Vol.- 46, Issue No.58
- Friday, 29 May 2026
- ଶୁକ୍ରବାର, ୨୯ ମଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ମୁଖ୍ୟମନ୍ତ୍ରୀଙ୍କ ୨ ବର୍ଷର ସଫଳତା ସମୀକ୍ଷା

# ରୋଡ଼ମ୍ୟାପ୍ ପ୍ରସ୍ତୁତ କରିବାକୁ ପଦକ୍ଷେପ

ଭୁବନେଶ୍ୱର,୨୮।୫: ମୁଖ୍ୟମନ୍ତ୍ରୀ ୨ ବର୍ଷର ସଫଳତା ସମୀକ୍ଷା କରିଛନ୍ତି । ବିଭାଗୀୟ ସଚିବମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରିଛନ୍ତି । ଲୋକସେବା ଭବନରେ ଅନୁଷ୍ଠିତ ପ୍ରାକ୍-ପ୍ରସ୍ତୁତି ବୈଠକ ସରକାରଙ୍କ ଦୁଇ ବର୍ଷର ଶାସନ କାଳର ସମୀକ୍ଷା ଏବଂ ଆଗାମୀ ରୋଡ଼ମ୍ୟାପ୍ ପ୍ରସ୍ତୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ଆରମ୍ଭ ହୋଇଥିବା ଏହି ପ୍ରମୁଖ ଯୋଜନାର ସଫଳତା, ହିତାଧିକାରୀଙ୍କ ସଂଖ୍ୟା ଏବଂ ସହାୟତା ରାଶି ବଣ୍ଟନର ସ୍ୱଚ୍ଛତା ଉପରେ ଆଲୋଚନା ହୋଇଛି । ଚାଷୀମାନଙ୍କୁ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ପ୍ରଦାନ ଏବଂ ମଣ୍ଡି ପରିଚାଳନାରେ ହୋଇଥିବା ସଂସ୍କାରର ତଥ୍ୟ ଆଦାନ ପ୍ରଦାନ କରାଯିବ। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ସମ୍ପ୍ରସାରଣ ଏବଂ ସମସ୍ତ



ବର୍ଗର ଲୋକଙ୍କ ପାଖରେ ମାଗଣା ଚିକିତ୍ସା ସୁବିଧା ପହଞ୍ଚାଇବା ଦିଗରେ ହୋଇଥିବା ପ୍ରଗତି । ବିଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାକୁ ଆସିଥିବା ନୂତନ ପୁଞ୍ଜିନିବେଶ ପ୍ରସ୍ତାବ, ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ଏବଂ ଏହା ଦ୍ୱାରା ସୃଷ୍ଟି ହୋଇଥିବା ନିଯୁକ୍ତି ସୁଯୋଗର ଆକଳନ ଏବଂ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ବିଶେଷ କରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକର ସମୟସୀମା ମଧ୍ୟରେ ସମାପ୍ତି କରାଯିବ। ଜନସାଧାରଣଙ୍କ ସମସ୍ୟାର ସିଧାସଳଖ ଶୁଣାଣି ଏବଂ ବିଭିନ୍ନ ବିଭାଗ ଦ୍ୱାରା ସେଗୁଡ଼ିକର ତ୍ୱରିତ ସମାଧାନର ସଫଳତା ହାର। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ଏବଂ ଜାତୀୟ ଶିକ୍ଷା ନୀତିର ରୂପାୟନ ସମ୍ପର୍କିତ ଆଲୋଚନା କରାଯାଇଛି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ଓ ସାଂସ୍କୃତିକ ସ୍ଥଳୀଗୁଡ଼ିକର ବିକାଶ ଏବଂ ପ୍ରଚାର ପ୍ରସାର କ୍ଷେତ୍ରରେ ହାସଲ ହୋଇଥିବା ସଫଳତା ଉପରେ ଆଲୋଚନା ହୋଇଛି । ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏକ ସାମଗ୍ରିକ 'ସଫଳତା ପୁସ୍ତିକା' ପ୍ରସ୍ତୁତ କରିବା ଏବଂ ଯାହାକୁ ଆଗାମୀ ଦିନରେ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ ବୈଠକର ମୂଳ ଉଦ୍ଦେଶ୍ୟ । ସମସ୍ତ ବିଭାଗର ସଚିବମାନଙ୍କୁ ସେମାନଙ୍କ ବିଭାଗର ସଫଳତାର ସଠିକ ତଥ୍ୟ ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ମୋଦି

## ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବରେ ହେବେ ସାମିଲ୍



ଭୁବନେଶ୍ୱର,୨୮।୫: ଓଡ଼ିଶାରେ ପ୍ରଥମ ଥର କ୍ଷମତାସୀନ ବିଜେପି ସରକାରକୁ ପୂରିବାକୁ ଯାଉଛି ଦୁଇ ବର୍ଷ। ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆୟୋଜିତ ହେବାକୁ ଥିବା ଉତ୍ସବରେ ଯୋଗ ଦେବେ ଏ ନେଇ ଗୁରୁବାର ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଆସିବାକୁ ପ୍ରଧାନମନ୍ତ୍ରୀଙ୍କୁ ମୁଁ ଦିଲ୍ଲୀ ଗସ୍ତ ସମୟର ନିମନ୍ତ୍ରଣ କରିଥିଲି। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ନେଇ ଗ୍ରୀନ ସିଗ୍ନାଲ ମିଳିଛି। ଏ ନେଇ ଆମେ ପ୍ରସ୍ତୁତ ଚଳାଇଛୁ। ସୂଚନାଯୋଗ୍ୟ, ଓଡ଼ିଶାରେ ପ୍ରଥମ ଥର ବିଜେପି ସରକାରକୁ ଆସିଛି। ଜୁନ ୧୨ରେ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ତାଙ୍କ ସହ ୧୫ ଜଣ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ ଭବ୍ୟ ସମାରୋହରେ ଯୋଗ ଦେଇଥିଲେ ପିଏମ ମୋଦୀ। ସେ ମୋହନ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉତ୍ସବର ଶୁଭାରମ୍ଭ କରିଥିଲେ ଏବଂ ଓଡ଼ିଶାକୁ ଭାରତର ସାଂସ୍କୃତିକ ଐତିହ୍ୟର 'ଉଜ୍ଜ୍ୱଳ ତାରକା' ବୋଲି କହିଥିଲେ। ଏହା ମଧ୍ୟରେ ମୋହନ ମାଝୀ ସରକାରଙ୍କୁ ୨ ବର୍ଷ ପୂରିବାକୁ ଯାଉଛି। ଆଉ ଏହି ଅବସରରେ ଆୟୋଜିତ ହେବାକୁ ଥିବା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ ବୋଲି ସବୁଜ ସଙ୍କେତ ଦେଇ ସାରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀ ଗସ୍ତ କରିଥିଲେ। ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବା ସହ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଥିଲେ। ପ୍ରଧାନମନ୍ତ୍ରୀ ୨ୟ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗ ଦେବେ ବୋଲି ସବୁଜ ସଙ୍କେତ ଦେଇଥିବା ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

# ଜୁଲାଇ ୨ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

କଟକ,୨୮।୫: ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୨ରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ବୁଧବାର ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଜୁଲାଇ ୨ରେ ପ୍ରଥମ ଭାଷା ଓଡ଼ିଆ, ୪ରେ ଦ୍ୱିତୀୟ ଭାଷା ଇଂରାଜୀ, ୬ରେ ଗଣିତ, ୮ରେ ବିଜ୍ଞାନ, ୯ରେ ସାମାଜିକ ବିଜ୍ଞାନ ଏବଂ ୧୦ରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବିଷୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପୂର୍ବାହ୍ଣ ୯ଟାରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଉଭୟ ରେଗୁଲାର ଏବଂ ଏକ୍ସରେଗୁଲାର ଛାତ୍ରଛାତ୍ରୀଙ୍କ ପରୀକ୍ଷା ହେବ। କେବଳ ଗଣିତ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅଧିକ ୧୫ ମିନିଟ୍ ସମୟ ମିଳିବ। ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଦ୍ୱିତୀୟ) ପରୀକ୍ଷା ପାଇଁ ସୂଚୀ ପ୍ରକାଶ ପାଇଛି। ଜୁଲାଇ ୨ରେ ମାତୃଭାଷା, ୩ରେ ପେଣ୍ଟିଂ, ୪ରେ ଇଂରାଜୀ, ୬ରେ ଗଣିତ, ୭ରେ ହୋମ ସାଇନ୍ସ, ୮ରେ ବିଜ୍ଞାନ, ୯ରେ ସାମାଜିକ ବିଜ୍ଞାନ, ୧୦ରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ବିଷୟରେ ପରୀକ୍ଷା ହେବ। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ୧୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବାକୁ ଫର୍ମପୂରଣ କରିଛନ୍ତି। ଅଗଷ୍ଟ ସୁଦ୍ଧା ଫଳ ପ୍ରକାଶ ପାଇଁ ବୋର୍ଡ ଯୋଜନା କରିଛି।

# ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ସିଦ୍ଧରମେୟା

ବେଙ୍ଗାଲୁରୁ,୨୮।୫: କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ସିଦ୍ଧରମେୟା। ବେଙ୍ଗାଲୁରୁ ରାଜଭବନ ଯାଇ ସେ ଇସ୍ତଫା ଦେଇଛନ୍ତି। ଏ ନେଇ ସିଦ୍ଧରମେୟା ଏକ ପ୍ରେସ୍‌ମିଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟପାଳଙ୍କ ଅନୁପସ୍ଥିତିରେ ତାଙ୍କ ସଚିବଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛି। ରାଜ୍ୟପାଳ ଫେରିଲେ ମୋର ଇସ୍ତଫାପତ୍ର ଗ୍ରହଣ କରିବେ। କଂଗ୍ରେସ ହାଇକମାଣ୍ଡ ମୋତେ ଇସ୍ତଫା ପାଇଁ କହିଥିଲେ। ସିଦ୍ଧରମେୟା ଗୁରୁବାର ମନ୍ତ୍ରୀମାନଙ୍କ ସହିତ ଏକ ବୈଠକରେ ଇସ୍ତଫା ଘୋଷଣା କରିଥିଲେ। ସେ କହିଥିଲେ, ମୋତେ ଏକ ନୂଆ ମୁହଁ ପାଇଁ ରାସ୍ତା ଛାଡ଼ିବାକୁ କୁହାଯାଇଛି। ମୁଁ ଦଳର ହାଇକମାଣ୍ଡଙ୍କ ଅନୁରୋଧରେ ସହମତ ହେଉଛି ଏବଂ ଇସ୍ତଫା ଦେଉଛି। ଯାହାକି ଡିକେ ଶିବକୁମାରଙ୍କ ମୁଖ୍ୟମନ୍ତ୍ରୀ ହେବା ପାଇଁ ରାସ୍ତା



ଫିଟିଛି। ଉଲ୍ଲେଖନୀୟ ଯେ, ମୁଖ୍ୟମନ୍ତ୍ରୀ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ଆଲୋଚନା ସମୟରେ ଯେତେବେଳେ ରୋଟେସନ ଚୁକ୍ତିନାମା ଅନୁଯାୟୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ କରାଯିବ କି ଅନ୍ୟ କାହାକୁ ବିଚାର କରାଯିବ ତାହା ସ୍ଥିର କରାଯାଇଥିଲା, ପ୍ରିୟଙ୍କା ଗାନ୍ଧୀ ତାଙ୍କର ମତ ସ୍ପଷ୍ଟ କରିଥିଲେ ଏବଂ ନେତୃତ୍ୱକୁ କେବଳ ଡିକେ ଶିବକୁମାରଙ୍କୁ ବାଛିବାକୁ ପରାମର୍ଶ ଦେଇଥିଲେ, ଅନ୍ୟ କାହାକୁ ନୁହେଁ। ପ୍ରିୟଙ୍କା ସ୍ପଷ୍ଟ ଭାବରେ କହିଛନ୍ତି, ଯେଉଁମାନେ ସବୁଠାରୁ କଷ୍ଟକର ସମୟରେ ମଧ୍ୟ ଦଳ ସହିତ ଠିଆ ହୋଇଛନ୍ତି ସେମାନଙ୍କୁ ସମର୍ଥନ କରିବା ଉଚିତ୍।

# ଗଙ୍ଗା ନଦୀରେ ଡଙ୍ଗାବୁଡ଼ି: ୨ ମୃତ, ୫ ନିଖୋଜ

ପାଟନା,୨୮।୫: ବିହାର ପାଟନାର ସଟେରେ ଗଙ୍ଗା ନଦୀରେ ବୁଡ଼ିଲା ଯାତ୍ରୀବାହୀ ଡଙ୍ଗା । ୨ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଏବେ ବି ୫ ଜଣ ନିଖୋଜ ଥିବା ଜଣାପଡିଛି । ଆଜି ସକାଳୁ ପାଟନା ସଂଲଗ୍ନ ଉମାନାଥ ଗଙ୍ଗା ଘାଟରେ ଡଙ୍ଗାଟି ବୁଡ଼ି ଯାଇଥିଲା । ଡଙ୍ଗାରେ ମୋଟ ୧୪ ଜଣ ଲୋକ ଥିଲେ । ଘଟଣା ବିଷୟରେ ଖବର ପାଇଁ ପ୍ରଶାସନ ଏବଂ ଏସଡିଆରଏଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ସ୍ଥାନୀୟ ଏସଡିପିଓ ରାମକୃଷ୍ଣ କହିଛନ୍ତି ଯେ, ଦୁର୍ଘଟଣା ପରେ ୭ ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି । ଏହି ସମୟରେ ଦୁଇଜଣ ବୁଡ଼ି ଯାଇଥିଲେ ଏବଂ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଡଙ୍ଗାରେ ମୋଟ ୧୪ରୁ ୧୫ ଜଣ ଲୋକ ଥିଲେ । ଡଙ୍ଗାରେ ନଦୀ ପାର ହେଉଥିବା ବେଳେ ଅଘଟଣ ଘଟିଛି । ଜୋରରେ ପବନ ହେବା ଯୋଗୁଁ ଡଙ୍ଗାଟି ଅନିୟନ୍ତ୍ରିତ ହୋଇ ଓଲଟି ପଡିଥିଲା । ଘଟଣା ପରେ ଲୋକଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକ ଅନ୍ୟ ଡଙ୍ଗା ସାହାଯ୍ୟରେ କିଛି ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ । ଘଟଣାରେ ୫ଜଣ ଏଯାଏଁ ନିଖୋଜ ରହିଛନ୍ତି। ଏସଡିଆରଏଫ ଟିମ୍ ନଦୀରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ଘଟଣା ବିଷୟରେ ଖବର ମିଳିବା ପରେ ଘାଟରେ ଲୋକଙ୍କ ସମାଗମ ହୋଇଛି । ଲୋକମାନେ ନିଜ ପରିବାର ସଦସ୍ୟଙ୍କୁ ନେଇ ଚିନ୍ତିତ ରହିଛନ୍ତି । ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ କରାଯାଉଛି । ତେବେ ପ୍ରଶାସନ କୌଣସି ଗୁଜବ ଉପରେ ଧ୍ୟାନ ନ ଦେବାକୁ ଲୋକଙ୍କୁ କହିଛି ।

# ଟ୍ରେନ୍ ଉପରେ ଖସି ପଡ଼ିଲା କ୍ରେନ୍

ନୀଳଗିରି,୨୮।୫: ଟ୍ରେନ୍ ଉପରେ ଖସି ପଡିଲା କ୍ରେନ୍। ଛିଣ୍ଡିଗଲା ବିଦ୍ୟୁତ ତାର। ଏଭଳି ଅଭାବନୀୟ ଘଟଣା ଘଟିଛି ନୀଳଗିରି ଗୋପୀନାଥପୁର ସ୍ଥିତ ରେଳ ଷ୍ଟେସନରେ। ନୀଳଗିରି ଗୋପୀନାଥପୁରସ୍ଥିତ ରେଳ ଷ୍ଟେସନରେ ପାର୍ଶ୍ୱରେ ଥିବା ସ୍ଲିପର କାରଖାନାରେ ସିମେଣ୍ଟ ବିମ୍ ସବୁ ଲୋଡ୍ କରାଯାଉଥିବା ସମୟରେ ଅଚାନକ ମାଲବାହୀ ଟ୍ରେନ ଉପରେ କ୍ରେନଟି ଛିଣ୍ଡି ପଡ଼ିଥିଲା। କ୍ରେନଟି ଖସିବା ସମୟରେ ଜୋରରେ ଶବ୍ଦ ହେବା ସହ ଉପରେ ଲାଗିଥିବା ଖୁଣ୍ଟିରୁ ବିଦ୍ୟୁତ ତାର ଛିଣ୍ଡି ଟ୍ରେନ ଉପରେ ଲାଖି ଯାଇଥିଲା। ରେଳ କର୍ମଚାରୀମାନେ ସଙ୍ଗେ ସଙ୍ଗେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦେଇଥିଲେ। ସେପଟେ ଏଭଳି ପରିସ୍ଥିତି ଦେଖି ଖଡଗପୁର ଡିଭିଜନ ପକ୍ଷରୁ ବାଲେଶ୍ୱର-ନୀଳଗିରି ରେଳ ଚଳାଚଳ ବନ୍ଦ କରାଯାଇଛି। କ୍ରେନକୁ କଟର ଜରିଆରେ କାଟି ଖୋଲା ଯାଉଥିବା ବେଳେ ବାଲେଶ୍ୱର ଓ ଖଡ଼ଗପୁର ରେଳ ବିଭାଗର କର୍ମଚାରୀ ବିଦ୍ୟୁତ ତାର ସଜାଡୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ନୀଳଗିରି ଗୋପୀନାଥପୁର ରେଳ ଷ୍ଟେସନ ପାର୍ଶ୍ୱରେ ଥିବା ସ୍ଲିପର କାରଖାନାରେ ରେଳ ଧାରଣାରେ ପଡୁଥିବା ସିମେଣ୍ଟ ବିମ୍ ସବୁ ତିଆରି କରାଯାଇ ଦେଶର ସବୁ ରେଳପଥକୁ ଚାଲାଣ କରାଯାଇଥାଏ।

# ପୋଲ ତଳକୁ ଖସିଲା ଗାଡ଼ି: ୨ ମୃତ

ଘଟଗାଁ,୨୮।୫: ଚଳନ୍ତା କାରରୁ ବାହାରିଗଲା ଚକ । ଭାରସାମ୍ୟ ହରାଇ ପୋଲ ତଳକୁ ଖସିଲା କାର୍ । ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । କେନ୍ଦୁଝର ଜିଲ୍ଲା ଦୈତାରୀ ଥାନା ଅର୍ନ୍ତଗତ ରାଶୋଳ ଛକ ନିକଟରେ ଦୁର୍ଘଟଣା ଘଟିଛି। ସୂଚନାଯୋଗ୍ୟ ଯେ, ଢେଙ୍କାନାଳରୁ ୪ ଜଣ ଯୁବକ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସୁଥିବା ବେଳେ ବ୍ରାହ୍ମଣୀପାଳ-କେନ୍ଦୁଝର ରାସ୍ତାର ରାସୋଳ ଛକ ନିକଟରେ ହଠାତ କାରର ପଛ ଚକ ବାହାରି ଯାଇଥିଲା । ଫଳରେ କାର୍ଟି ଭାରସାମ୍ୟ ହରାଇ ଏକ ବ୍ରିଜ୍‌ରେ ବାଡେଇ ହୋଇ ପୋଲ ତଳକୁ ଖସି ପଡ଼ିଥିଲା । ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି । ଖବର ପାଇ ଦୈତାରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା । ଏହି ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ, ଅନ୍ୟ ୨ ଜଣ ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି ।

# ଓଡ଼ିଆରେ ଉପଲବ୍ଧ ହେବ +୨ ବିଜ୍ଞାନ ବହି

## ଉପକୃତ ହେବେ ୨ ଲକ୍ଷ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୮।୫: ଆଉ ବିଜ୍ଞାନ ଶିକ୍ଷାରେ ବାଧକ ନୁହେଁ ଭାଷା । ଏବେ ଓଡ଼ିଆ ଭାଷାରେ ପଢ଼ି ଡାକ୍ତର, ଇଞ୍ଜିନିୟର ହେବାର ସୃଷ୍ଟି ହୋଇଛି ସୁଯୋଗ । ଗାଁ ମାଟିର ପିଲାଙ୍କ ସ୍ୱପ୍ନକୁ ମିଳିଲା ମାତୃଭାଷାର ଡେଣା । ୨ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ଆରମ୍ଭ । ପ୍ରଥମ ଥର ପାଇଁ ଚଳିତ ବର୍ଷରୁ +୨ ବିଜ୍ଞାନ ବହି ସମ୍ପୂର୍ଣ୍ଣ ଓଡ଼ିଆରେ ଉପଲବ୍ଧ ହେବ । ଏହାଦ୍ୱାରା ପାଖାପାଖି ୨ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ । ଇନଷ୍ଟିଚ୍ୟୁଟ ଅଫ ଓଡ଼ିଆ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି । ଓଡ଼ିଶା ସରକାରଙ୍କ ଦ୍ୱାରା ମୁଦ୍ରିତ ଏହି ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ ଓ ଗଣିତ ବହି ସମସ୍ତ ସରକାରୀ ଓ ବେସରକାରୀ କଲେଜରେ ଉପଲବ୍ଧ ହେବ । ପ୍ରାୟ ୨ ଲକ୍ଷ ଛାତ୍ରଛାତ୍ରୀ ଏହାର ସିଧାସଳଖ ଲାଭ ନେବା ପାଇଁ ଅନୁରୋଧ କରାଯାଇଛି । ଏହା ପୂର୍ବରୁ ବିଜ୍ଞାନ ଛାତ୍ରଛାତ୍ରୀ କେବଳ ଇଂରାଜୀ ମାଧ୍ୟମରେ ପଢ଼ିବାକୁ ବାଧ୍ୟ ହେଉଥିଲେ । ସଂସ୍ଥାର ସମ୍ପାଦକ ଡକ୍ଟର ସୁବ୍ରତ କୁମାର ପୃଷ୍ଟି କହିଛନ୍ତି ଯେ, ମାତୃଭାଷାରେ ବିଜ୍ଞାନ ପଢ଼ିଲେ ପିଲାଙ୍କ ବିଷୟବସ୍ତୁ ବୁଝିବା ସହଜ ହେବ ଏବଂ ସେମାନେ ଜେଇଇ, ନିଟ୍ ଭଳି ଜାତୀୟ ସ୍ତରର ପରୀକ୍ଷାରେ ଭଲ ପ୍ରଦର୍ଶନ କରିପାରିବେ । ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପାଠ୍ୟକ୍ରମ ଅନୁଯାୟୀ ପ୍ରସ୍ତୁତ ହୋଇଛି ଏହି ବହି । ଓଡ଼ିଆ ମାଧ୍ୟମରେ ବିଜ୍ଞାନ ଶିକ୍ଷା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ।

# ଓଡ଼ିଶା ସମେତ ୪ ରାଜ୍ୟରେ ହେବ ଖଣିଜ ପ୍ରକ୍ରିୟାକରଣ ପ୍ଲାଣ୍ଟ

ନୂଆଦିଲ୍ଲୀ,୨୮।୫: ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଲାଗି ଭାରତ ପ୍ରୟାସ ଚଳାଇଛି। ଏଥିପାଇଁ ଓଡ଼ିଶା ସମେତ



ଦେଶର ୪ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ହେବ। କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି କିଷାନ ରେଡ୍ଡୀ ଆଜି ଏହି ସୂଚନା ଦେଇଛନ୍ତି। ନ୍ୟାସନାଲ କ୍ରିଟିକାଲ ମିନେରାଲ ମିସନ (ଏନ୍‌ସିଏମ୍‌ଏମ୍) କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପାଇଁ ପୃଥକ୍ ଖଣି ବ୍ଲକ ପ୍ରସ୍ତୁତ ହୋଇଛି। ଦେଶ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଏଥିଲାଗି ବଡ଼ ନିଲାମ ହାତକୁ ନିଆଯାଇଛି। ବହୁସଂଖ୍ୟକ ଖଣିଜ ବ୍ଲକ୍ ସଫଳତାର ସହ ନିଲାମ ହୋଇସାରିଛି। ବିଦ୍ୟୁତ ଯାନ, ସବୁଜ ଶକ୍ତି, ସେମିକଣ୍ଡକ୍ଟର, ପ୍ରତିରକ୍ଷା ଏବଂ ଅନ୍ୟାଧୁନିକ ଉତ୍ପାଦନ କ୍ଷେତ୍ରରେ ଏସବୁ ସାମଗ୍ରୀର ଆବଶ୍ୟକତା ଯଥେଷ୍ଟ ରହିଛି। ଏସବୁ ସାମଗ୍ରୀର ଯୋଗାଣକୁ ମଜଭୁତ କରିବା ଲାଗି କେନ୍ଦ୍ର ସରକାର ଅନେକ ଦେଶ ସହିତ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ମିସନର ପରବର୍ତ୍ତୀ ପର୍ଯ୍ୟାୟର ଅଂଶଭାବେ କେନ୍ଦ୍ର ସରକାର ଓଡ଼ିଶା, ଗୁଜରାଟ, ତେଲେଙ୍ଗାନା ଓ ମହାରାଷ୍ଟ୍ରରେ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ଯୋଜନା ଦିଗରେ ଆଗକୁ ବଢୁଛନ୍ତି। ସଂପୃକ୍ତ ରାଜ୍ୟ ସରକାରମାନେ ମଧ୍ୟ ଏଥିପାଇଁ ଜମି ଆବଣ୍ଟନ କରିଛନ୍ତି। ଏହାକୁ ଆଗକୁ ନେବା ପାଇଁ ରାଜ୍ୟ ପ୍ରଶାସନ କାର୍ଯ୍ୟ କରୁଛି।

# ଭୁବନେଶ୍ୱରରୁ ପୁରୀ ହେବ ୬ ଥାକିଆ

ଭୁବନେଶ୍ୱର,୨୮।୫: ଭୁବନେଶ୍ୱରରୁ ପୁରୀକୁ ସଂଯୋଗ କରୁଥିବା ଜାତୀୟ ରାଜପଥ- ୩୧୬ର ସମ୍ପ୍ରସାରଣ ହେବ। ଏହି ୬୭ କିମିର ରାସ୍ତାକୁ ୪ଲେନ୍‌ରୁ ୬ଲେନ୍ ବିଶିଷ୍ଟ ହାଇସ୍ପିଡ ଏଲିଭେଟେଡ୍ କରିଡର କରାଯିବ। ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ଲେନ୍ ବିଶିଷ୍ଟ ସ୍ୱତନ୍ତ୍ର ସର୍ଭିସ ଲେନ୍ ନିର୍ମାଣ ହେବ। ଏହାସହ ସପ୍ତସତୀ ଛକରୁ ଲିଙ୍ଗିପୁର ପର୍ଯ୍ୟନ୍ତ ଥିବା ୧୧ କିମିର ପୁରୀ ବାଇପାସ୍ ରୋଡ୍‌କୁ ୬ଲେନ୍ ଏଲିଭେଟେଡ୍ କରିଡର କରାଯିବ। ଉଭୟ ପାର୍ଶ୍ୱରେ ୩ଲେନ୍ ବିଶିଷ୍ଟ ସର୍ଭିସ୍ ରୋଡ୍ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ସବୁ କାର୍ଯ୍ୟ ଯେପରି ସୂଚାରୁରୂପେ କାର୍ଯ୍ୟକାରୀ କରାଯିବ ସେ ନେଇ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ହୋଇଥିବା ଡିଜାଇନ୍ ଓ ଆବଶ୍ୟକୀୟ ସଂଶୋଧନ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଭୁବନେଶ୍ୱରର ଭିଡ଼ କମିବା ସହ ଭୁବନେଶ୍ୱର-ପୁରୀ



ମଧ୍ୟରେ ଯାତାୟାତ ଅବଧି କମିବ ବୋଲି କୁହାଯାଇଛି। ସେହିପରି ଏହି ପ୍ରସ୍ତାବିତ ରାସ୍ତାରେ ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ସ୍ଥାନେ ସ୍ଥାନେ ୱେ-ସାଇଡ୍ ଆମିନିଟି ସୁବିଧା କେନ୍ଦ୍ର ରହିବ। ପୁରୀ ଏବଂ ଭୁବନେଶ୍ୱର ବାତ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ବିଦ୍ୟୁତ୍, ଟେଲିଫୋନ, ଇଣ୍ଟରନେଟ୍, ପାଣି ଓ ଗ୍ୟାସ୍ ସେବା ପାଇଁ ସ୍ୱତନ୍ତ୍ର ୟୁଟିଲିଟି କରିଡର ନିର୍ମାଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଭବିଷ୍ୟତରେ ପୁରୀରେ ନିର୍ମାଣ ହେବାକୁ ଥିବା ବିମାନବନ୍ଦର, ଉପକୂଳ ରାଜପଥ, ଅନ୍ୟାନ୍ୟ ପ୍ରକଳ୍ପ ଏବଂ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ନକ୍ସା ପ୍ରସ୍ତୁତ, ଆବଶ୍ୟକତା ଥିବା ସ୍ଥାନରେ ଏଲିଭେଟେଡ୍ କରିଡର, ଫ୍ଲାଏଓଭର ଏବଂ ଭେଇକିଲ୍ ଅଣ୍ଡର ପାସ୍ ନିର୍ମାଣ ପାଇଁ ସର୍ବଶ୍ରେଷ୍ଠ ନକ୍ସା ପ୍ରସ୍ତୁତ ଉପରେ ଶ୍ରୀ ସିଂହ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ବିଏମ୍‌ସି କମିସନର ଚଞ୍ଚଳ ରଣା, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ଏଲ୍.କେ.ପାଢ଼ୀ, ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ୍) ସତ୍ୟବ୍ରତ ବେହେରା, ଯୁଗ୍ମ ସଚିବ ଦୀପ୍ତି ରଞ୍ଜନ ବେହେରା, ଉପସଚିବ ସୁନ୍ଦର ମାଧବ ପାଢ଼ୀ, ମୁଖ୍ୟଯନ୍ତ୍ରୀ (ଏନ୍‌ଏଚ୍) ନାରାୟଣ ପଟେଲଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ, ଟିପିସିଓଡିଏଲ୍, ଜଙ୍ଗଲ ଓ ପରିବେଶ ବିଭାଗ, ୱାଟ୍‌କୋ, ଓପିଟିସିଏଲ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

CMYK



## ଭଗବାନଙ୍କ ନାମ ପ୍ରତି ଅନୁରାଗ ଆସିଲେ

# ଭଗବାନଙ୍କୁ ପାଇହେବ

**ଶି**କ୍ଷାଷ୍ଟକମ୍' ଶ୍ରୀଚୈତନ୍ୟଙ୍କର ଏକ ଆଠଶ୍ଳୋକବିଶିଷ୍ଟ ସଂସ୍କୃତ ରଚନା। ଯଦିଓ ଶ୍ରୀ ଆଦିଶଙ୍କରାଚାର୍ଯ୍ୟଙ୍କ ରଚନା ରୂପେ ପ୍ରସିଦ୍ଧ 'ଶ୍ରୀଜଗନ୍ନାଥାଷ୍ଟକମ୍'କୁ କେହି କେହି ଶ୍ରୀଚୈତନ୍ୟଙ୍କ ରଚନା ବୋଲି କହନ୍ତି, ତାହା କିନ୍ତୁ ପ୍ରମାଣିତ ହୋଇ ପାରି ନାହିଁ। ସେ ଦୃଷ୍ଟିରୁ 'ଶିକ୍ଷାଷ୍ଟକମ୍' ଶ୍ରୀଚୈତନ୍ୟଙ୍କର ଏକମାତ୍ର ରଚନା ବୋଲି ସ୍ୱୀକୃତ ହୋଇଛି। ଦୋଳପୂର୍ଣ୍ଣିମା ଦିନ ସେ ଜନ୍ମଗ୍ରହଣ କରିଥିବା ଜଣାଯାଏ। 'ଶିକ୍ଷାଷ୍ଟକମ୍'ର ତୃତୀୟ ଶ୍ଳୋକ 'ତୃଣାଦପି ସୁନୀଚେନ...'ଠାରୁ ଆରମ୍ଭ କରି ଅଷ୍ଟମ ଶ୍ଳୋକ 'ଆଶ୍ଳିଷ୍ୟ ବା ପାଦରତାଂ ପିନଷ୍ଟୁ...' ପର୍ଯ୍ୟନ୍ତ ଛଅଟି ଶ୍ଳୋକ ଅତ୍ୟନ୍ତ ପ୍ରସିଦ୍ଧ। କିନ୍ତୁ ଏହି 'ଅଷ୍ଟଶ୍ଳୋକୀ' ରଚନାର ପ୍ରଥମ ଦୁଇଟି ଶ୍ଳୋକ ମଧ୍ୟ ବିଶେଷ ମହତ୍ତ୍ୱପୂର୍ଣ୍ଣ। ସେଥି ମଧ୍ୟରୁ ପ୍ରଥମ ଶ୍ଳୋକରେ ଶ୍ରୀଚୈତନ୍ୟ କହିଛନ୍ତି—ଶ୍ରୀକୃଷ୍ଣଙ୍କ ନାମ ସଂକୀର୍ତ୍ତନର ପରମ ବିଜୟ ହେଉ। ଏହି ନାମ ସଂକୀର୍ତ୍ତନ ହୃଦୟରେ ବର୍ଷ ବର୍ଷ ଧରି ସଞ୍ଚିତ ମଇଳାକୁ ସଫା କରିଦିଏ। ଏହା ବାରମ୍ବାର ଏହି ସଂସାରର ଜନ୍ମ-ମୃତ୍ୟୁ-ଜନିତ ମହା ଅନଳକୁ ଶାନ୍ତ କରିଥାଏ। ଏହି ନାମ ସଂକୀର୍ତ୍ତନ ଯଜ୍ଞ ମନୁଷ୍ୟ ନିମନ୍ତେ ପରମ କଲ୍ୟାଣକାରୀ। କାରଣ, ଏହା ଚନ୍ଦ୍ରଙ୍କ କିରଣ ପରି ଶୀତଳତା ପ୍ରଦାନ କରେ। ସମସ୍ତ ଅପ୍ରାକୃତ ବିଦ୍ୟାରୂପୀ ବଧୂର ଏହା ଜୀବନସ୍ୱରୂପ। ଏହା ଆନନ୍ଦ-ସମୁଦ୍ରକୁ ବୃଦ୍ଧି କରେ ଏବଂ ପ୍ରତିଦିନ ଅମୃତର ଆସ୍ୱାଦନ କରାଏ। ଉପରୋକ୍ତ ସୁଭାଷିତ ହେଉଛି—ଏହା ପରର ଦ୍ୱିତୀୟ ଶ୍ଳୋକ। ଏଥିରେ କୁହାଯାଇଛି—ହେ ଭଗବାନ ! ଏକମାତ୍ର ଆପଣଙ୍କର ନାମ ହିଁ ଜୀବର ସବୁପ୍ରକାରର ମଙ୍ଗଳକାରୀ। କୃଷ୍ଣ, ଗୋବିନ୍ଦ ଆଦି ଆପଣଙ୍କର ଅନେକ ନାମ। ଆପଣ ଏହିସବୁ ନାମକୁ ଆପଣଙ୍କର ସମସ୍ତ ଅପ୍ରାକୃତ ଶକ୍ତି ସମର୍ପିତ କରିଛନ୍ତି। ଆପଣଙ୍କର ଏହି ସବୁ ନାମଙ୍କର ସ୍ମରଣ ନିମନ୍ତେ ଦେଶ, କାଳ, ଆଦିର କୌଣସି ନିୟମ ନାହିଁ। ଆପଣ ଆପଣଙ୍କର କୃପା ହେତୁ ମୋତେ ଆପଣଙ୍କୁ ପାଇବାର ଏହି ସରଳ ସୂତ୍ର ବତାଇ ଦେଇଛନ୍ତି। କିନ୍ତୁ ମୁଁ ଏପରି ଦୁର୍ଭାଗା ଯେ ଆପଣଙ୍କର ନାମ ପ୍ରତି ମୋର ଏବେ ବି ଅନୁରାଗ ଆସିନାହିଁ। ଏଣୁ ଏହା ମାଧ୍ୟମରେ ଶ୍ରୀଚୈତନ୍ୟ ଆମକୁ କହିଛନ୍ତି—ଭଗବାନଙ୍କ ନାମ ପ୍ରତି ଅନୁରାଗ ଆସିଲେ ଏବଂ ତାଙ୍କର ନାମ ନେଲେ ଭଗବାନଙ୍କୁ ପାଇହେବ। ଏହା ତାଙ୍କୁ ପାଇବାର ସରଳସୂତ୍ର।



# କୃଷ୍ଣ ଓ ରାମଙ୍କ ମଧ୍ୟରେ କିଏ ବଡ଼ !



**ସଂ**ସାରରେ ଅନେକ ପ୍ରକାର ଲୋକ ଅଛନ୍ତି। ଏହି ସଂସାରର ମାୟା ଏପରି ଯେ ସନ୍ଦେହ, ଦ୍ୱନ୍ଦ୍ୱ ଓ ଆଶଙ୍କାରୁ କେହି ମୁକ୍ତ ହୋଇପାରନ୍ତି ନାହିଁ। ତୁଳସୀ ଦାସଙ୍କର ମହିମା ଓ ପ୍ରସିଦ୍ଧି ଯେମିତି ବଢୁଥିଲା, ସେମିତି କିଛି ଲୋକଙ୍କ ଭିତରେ ସନ୍ଦେହ ଓ ପ୍ରଶ୍ନବାଚୀ ରହିଥିଲା। ଏପରି ଏକ ଘଟଣା ଏଠାରେ ଶୁଣନ୍ତୁ। ଥରେ ତୁଳସୀ ଦାସ ବୃନ୍ଦାବନ ଯାଇଥାନ୍ତି। ବୃନ୍ଦାବନର କେତେକ କୃଷ୍ଣଭକ୍ତ ତାଙ୍କୁ ରାମଭକ୍ତ ବୋଲି ଜାଣି ପରିହାସ କରି କହିଲେ - ତୁମେ ଜାଣିଛ କି ନାହିଁ, ଶ୍ରୀରାମ ହେଉଛି ବାର କଳାର ଅବତାର ଏବଂ ଶ୍ରୀକୃଷ୍ଣ ହେଉଛନ୍ତି ଷୋହଳ କଳାର ଅବତାର। ଏତିକି ଶୁଣିବା କ୍ଷଣି ଗୋସ୍ୱାମୀ ମୂର୍ଚ୍ଛିତ ହୋଇଗଲେ। ବହୁ ଉପାୟରେ ମୂର୍ଚ୍ଛା ଦୂର ହେବା ପରେ ବ୍ରଜବାସୀମାନେ କ'ଣ ହେଲା ବୋଲି ପଚାରିବାରୁ ସେ କହିଲେ ଆଜି ପର୍ଯ୍ୟନ୍ତ ମୁଁ ଶ୍ରୀରାମଙ୍କୁ କେବଳ ଦଶରଥ ରାଜକୁମାର ଓ କୌଶଲ୍ୟାନନ୍ଦ ଭାବି ଭଜୁଥିଲି। ମୋତେ ଜଣା ନଥିଲା ଯେ ସେ ଏତେ ମହାନ ଓ ବାର କଳାର ଅବତାର ବୋଲି। ତୁମ ମୁଖରୁ ତାଙ୍କର ମହିମା ଶୁଣି ମୁଁ ନିଜକୁ ସମ୍ଭାଳି ପାରିଲି ନାହିଁ। ଶ୍ରୀରାମଙ୍କ ପ୍ରତି ଗୋସ୍ୱାମୀଙ୍କ ଅଗାଧ ମାଧୁର୍ଯ୍ୟଭାବ ଦେଖି କୃଷ୍ଣଭକ୍ତମାନେ ବିସ୍ମିତ ହୋଇଗଲେ। ବାସ୍ତବରେ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ଭିତରେ କୌଣସି ପ୍ରଭେଦ ନାହିଁ। ଦୁହେଁ ସାକ୍ଷାତ ଭଗବାନ - 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ (ଭାଗବତ)। ରାମସ୍ତୁ ଭଗବାନ ସ୍ୱୟଂ (ମହାରାମାୟଣ) କିନ୍ତୁ ଚନ୍ଦ୍ରବଂଶରେ ପ୍ରକଟ ହୋଇଥିବାରୁ ଶ୍ରୀକୃଷ୍ଣ ଷୋହଳ ଏବଂ ସୂର୍ଯ୍ୟବଂଶରେ ପ୍ରକଟ ହୋଇଥିବାରୁ ଶ୍ରୀରାମ ବାର କଳାଯୁକ୍ତ। ଅଜ୍ଞ ବ୍ୟକ୍ତିମାନେ ଏପରି ତର୍କ କରିଥାଆନ୍ତି।

# ଫୁଲ ବିନା ପୂଜା ସମ୍ପୂର୍ଣ୍ଣ ନୁହେଁ



**ଏ**ହାକୁ ନେଇ ପଦ୍ମପୁରାଣରେ ବିସ୍ତାରିତ ଭାବରେ ବର୍ଣ୍ଣନା କରାଯାଇଛି । ଗଣେଶଙ୍କ ନିଟରେ ଦୁବ ଅର୍ପଣ କରିବାର ନୀତି ରହିଛି । ଏହା ଗଣେଶଙ୍କ ଅତି ପ୍ରିୟ । ୫ ପାଖୁଡ଼ା ଦୁବ ହୋଇଥିବା ଅତି ପ୍ରସନ୍ନ ହୁଅନ୍ତି ଭଗବାନ ଗଣେଶ । ଭଗବାନ ଶିବଙ୍କୁ ଧଳା ଫୁଲ ଖୁବ ପସନ୍ଦ । ଯେମିତି ଦୁଦୁରା ଫୁଲ, ଗଙ୍ଗଶିଉଳି ଫୁଲ, ନାଗକେଶରୀ ଫୁଲ ପ୍ରଭୃତି ଭଗବାନଙ୍କ ନିକଟରେ ଲାଗି କରାଯାଏ । ଖାଲି ସେତିକି ନୁହେଁ, ଅରଖ, କନିଅର ଭଳି ଫୁଲ ମଧ୍ୟ ଖୁବ ପସନ୍ଦ କରନ୍ତି ଭଗବାନ ଶଙ୍କର । ଭଗବାନ ସୂର୍ଯ୍ୟ ନରାୟଣଙ୍କୁ ପଦ୍ମ, କନିଅର, ଚମ୍ପା, ପଳାସ, ଅଶୋକ ଆଦି ଫୁଲ ପସନ୍ଦ । ଶ୍ରୀକୃଷ୍ଣଙ୍କୁ ମାଳତୀ, କଇଁ, ପଳାସ ଓ ଅରଖ ଆଦି ଫୁଲ ପସନ୍ଦ ଥାଏ । ମହାଭାରତରେ ଯୁଧିଷ୍ଠିରଙ୍କୁ ଫୁଲ ବିଷୟ କହିଥିବା ନେଇ ପୂରାଣରେ ଉଲ୍ଲେଖ ରହିଛି । ମାତା ପାର୍ବତୀଙ୍କ ସେ ସମସ୍ତ ଫୁଲ ପସନ୍ଦ ଯାହା ଭଗବାନ ଶଙ୍କରଙ୍କ ନିକଟରେ ଲାଗି ହୋଇଥାଏ । ଏହାଛଡ଼ାଙ୍କ ମାତାଙ୍କ ମସ୍ତକରେ ଧଳା ପଦ୍ମ, ପଳାଶ ଫୁଲ ବି ଲାଗି କରାଯାଏ । ମା ଲକ୍ଷ୍ମୀଙ୍କ ସବୁଠାରୁ ପ୍ରିୟ ଫୁଲ ହେଉଛି ପଦ୍ମ ଫୁଲ । ହଳଦିଆ ପଦ୍ମରେ ପୂଜା କଲେ ମାଆଙ୍କ ବିଶେଷ କୃପା ଦୃଷ୍ଟି ରହିଥାଏ ବୋଲି କୁହାଯାଏ । ଖାଲି ସେତିକି ନୁହେଁ ଗୋଲାପ ଫୁଲରେ ବି ମାଆଙ୍କ ପୂଜା କରାଯାଇଥାଏ । ମାଆ ଦୁର୍ଗାଙ୍କୁ ପ୍ରସନ୍ନ କରିବାକୁ ହେଲେ ଗୋଲାପ ଫୁଲ ନେଇ ପୂଜା କରନ୍ତୁ । ମାଆଙ୍କ କୃପା ହେଲେ ସୁଖ ସମୃଦ୍ଧି ସହ ନକରାତ୍ମକ ଶକ୍ତି ପାଖ ମାଡ଼ିନଥାଏ । ଶନିଦେବଙ୍କୁ ନୀଳ ରଙ୍ଗ ଲାଜକୁଳି ଫୁଲେ ଦେଇ ପୂଜା କରନ୍ତୁ । ଏହାଦ୍ୱାରା ଶନିଦେବ ଭାଗ୍ୟରେ ସକାରାତ୍ମକ ଭାବରେ ଅବସ୍ଥାନ କରନ୍ତି ବୋଲି ବିଶ୍ୱାସ ରହିଛି ।

# ଗୋ' ଶବ୍ଦର ଅନେକ ଅର୍ଥ



**ଗୋ'** ଶବ୍ଦର ଅନେକ ଅର୍ଥ ଅଛି । ଯଥା- ଗୋବଂଶ, ପୃଥିବୀ, ଦିଗ,ବାଣୀ, ଇନ୍ଦ୍ରିୟ, ଦୃଷ୍ଟି, କିରଣ, ଜଳ, ଚନ୍ଦ୍ର ଓ ଆହୁରି ଅନେକ । ସୃଷ୍ଟିର ସବୁଠାରୁ ଉପକାରୀ ପ୍ରାଣୀ ଗୋମାତା । ଦ୍ୱାପର ଯୁଗରେ ସ୍ୱୟଂ ଭଗବାନ୍ କୃଷ୍ଣ ଗୋପାଳ ଭାବରେ ଅବତାର ନେଇ ଗୋ-ମହିମାକୁ ପ୍ରଚାର କରିଛନ୍ତି । ଭାରତୀୟ ଧର୍ମ ଶାସ୍ତ୍ରରେ ଗୋ-ମହିମା ଓ ଉପାସନାର ବର୍ଣ୍ଣନା ଅନେକ । ବୈଦିକ କାଳରୁ ଋଷି, ମୁନିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସଭିଏଁ ନିଜର ଭରଣ ପୋଷଣ ନିମନ୍ତେ ମୁଖ୍ୟତଃ କୃଷି ଓ ଗୋ-ପାଳନ ଉପରେ ନିର୍ଭର କରୁଥିଲେ । ଗାଈଠାରୁ ଦୁଗ୍ଧ ଆଦି ପଞ୍ଚଗବ୍ୟ (କ୍ଷୀର, ଘିଅ, ଦହି, ଗୋବର ଓ ଗୋମୂତ୍ର) ମିଳୁଥିବା ବେଳେ ବଳଦ ଚାଷ ଓ ପରିବହନରେ ସାହାଯ୍ୟ କରିଥାଏ । ତେଣୁ ଗୋଜାତିକୁ ଗୋସମ୍ପଦ ବୋଲି କୁହାଯାଏ । ଗୋମାତା ଏକାଦଶ ରୁଦ୍ରଙ୍କର ମାତା, ଅଷ୍ଟବସୁଙ୍କର କନ୍ୟା ଓ ଦ୍ୱାଦଶ ଆଦିତ୍ୟଙ୍କର ଭଗିନୀ, ଯିଏ ଅମୃତରୂପୀ ଦୁଗ୍ଧ ପ୍ରଦାନ କରନ୍ତି । ବେଦର ନିର୍ଦ୍ଦେଶ ଅନୁଯାୟୀ ଯଦି କେହି ଏହି ମାୟା-ରାଜ୍ୟରେ ସମସ୍ତ ପ୍ରକାର ବୈଭବ ପ୍ରାପ୍ତ କରିବାକୁ ଚାହେଁ ତେବେ ଗୋମାତାଙ୍କର ସେବା କରିବା ଆବଶ୍ୟକ ।

# ବିନାଶର ଦେବତା

**ହି**ନ୍ଦୁ ଧର୍ମରେ ଶିବ ହେଉଛନ୍ତି ଅନ୍ୟତମ ପ୍ରମୁଖ ଦେବତା। ସେ ତ୍ରିଦେବର ଏକ ଅଂଶ। ତାଙ୍କୁ ମହାଦେବ, ଦେବଙ୍କ ଦେବ ମଧ୍ୟ କୁହାଯାଏ। ସେ ଭୋଳାନାଥ, ଶଙ୍କର, ମହେଶ, ରୁଦ୍ର, ନୀଳକଣ୍ଠ, ଗଙ୍ଗାଧର ଇତ୍ୟାଦି ଅନେକ ନାମରେ ଜଣାଶୁଣା। ତନ୍ତ୍ର ସାଧନାରେ ସେ ଭୈରବ ନାମରେ ମଧ୍ୟ ଜଣାଶୁଣା। ହିନ୍ଦୁ ଧର୍ମର ମୁଖ୍ୟ ଦେବତାମାନଙ୍କ ମଧ୍ୟରୁ ଶିବ ଅନ୍ୟତମ। ବେଦରେ ତାଙ୍କ ନାମ ରୁଦ୍ର। ଶଙ୍କରଙ୍କୁ ବିନାଶର ଦେବତା। କୁହାଯାଏ।



ଭଗବାନ ଶଙ୍କର ଉଭୟ ସୌମ୍ୟ ଏବଂ ରୌଦ୍ର ରୂପ ପାଇଁ ପ୍ରସିଦ୍ଧ। ଶିବ ବ୍ରହ୍ମାଣ୍ଡ ସୃଷ୍ଟିର ଅସ୍ତିତ୍ୱ ଏବଂ ବିନାଶର ଅଧିପତି। ଯଦିଓ ଶିବଙ୍କର ଅର୍ଥ ମଙ୍ଗଳକାରୀ ବୋଲି ବିବେଚନା କରାଯାଏ, ତଥାପି ସେ ନିଜ ଅଧୀନରେ ସର୍ବଦା ଉଭୟ ଲୟ ଏବଂ ପ୍ରଳୟକୁ ରଖିଥାନ୍ତି। ରାବଣ, ଶନି, କାଶ୍ୟପ ଋଷି ଇତ୍ୟାଦି ତାଙ୍କର ଭକ୍ତ। ଶିବ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି, ସେଥିପାଇଁ ତାଙ୍କୁ ମହାଦେବ କୁହାଯାଏ। ଭୋଳାନାଥଙ୍କ ସହ ଜଡିତ ଅନେକ ରହସ୍ୟମୟ କାହାଣୀ ଲୋକପ୍ରିୟ। ତେବେ ଆଜି ମହା ଶିବରାତ୍ରୀ ବା ଜାଗର ଅବସରରେ ଆସନ୍ତୁ ଭଗବାନ ଶିବଙ୍କ ସହ ଜଡିତ କିଛି ରହସ୍ୟ ବିଷୟରେ ଜାଣିନେବା।



ଭଗବାନ ଶିବଙ୍କ ଉତ୍ପତ୍ତି: ବିଷ୍ଣୁ ପୁରାଣ ଅନୁଯାୟୀ ଏହା ଉଲ୍ଲେଖ କରାଯାଇଛି ଯେ ଭଗବାନ ବିଷ୍ଣୁ ଭଗବାନ ବ୍ରହ୍ମାଙ୍କ ନାଭିରୁ ଜନ୍ମ ହୋଇଥିବାବେଳେ ଶିବ ଭଗବାନ ବିଷ୍ଣୁଙ୍କ କପାଳର ତେଜରୁ ଉତ୍ପନ୍ନ। ବିଷ୍ଣୁ ପୁରାଣ ଅନୁଯାୟୀ କପାଳର ତେଜରୁ ଉତ୍ପନ୍ନ ହୋଇଥିବାରୁ ଶିବ-ଶମ୍ଭୁ ସର୍ବଦା ଯୋଗମୁଦ୍ରାରେ ରୁହନ୍ତି।

### ଶିବ ଏବଂ ଶଙ୍କର ସମାନ କି ?

କେତେକ ପୁରାଣରେ ଭଗବାନ ଶଙ୍କରଙ୍କୁ ଶିବ କୁହାଯାଏ କାରଣ ସେ ନିରାକାର ଶିବଙ୍କ ସହିତ ସମାନ। ନିରାକାର ଶିବଙ୍କୁ ଶିବଲିଙ୍ଗ ଆକାରରେ ପୂଜା କରାଯାଏ। ଶଙ୍କରଙ୍କୁ ସର୍ବଦା ଯୋଗୀ ଭାବରେ ଦେଖାଯାଏ। ଅନେକ ସ୍ଥାନରେ ଶଙ୍କରଙ୍କୁ ଶିବଲିଙ୍ଗ ଉପରେ ଧ୍ୟାନ କରୁଥିବା ଚିତ୍ରଣ କରାଯାଏ। ତେଣୁ ଶିବ ଏବଂ ଶଙ୍କର ଦୁଇଟି ଭିନ୍ନ ସତ୍ତା। ବିଶ୍ୱାସ କରାଯାଏ ଯେ ମହେଶ (ନନ୍ଦୀ) ଏବଂ ମହାକାଳ ଭଗବାନ ଶଙ୍କରଙ୍କ ଦ୍ୱାରପାଳ ଅଟନ୍ତି ଏବଂ ରୁଦ୍ରଦେବତା ଶଙ୍କରଙ୍କ ପଞ୍ଚାୟତର ସଦସ୍ୟ ଅଟନ୍ତି।

### ଭଗବାନ ଶିବଙ୍କର ପ୍ରଥମ ଶିଷ୍ୟ:

ପୁରାଣ ଅନୁଯାୟୀ ଭଗବାନ ଶିବଙ୍କ ପ୍ରଥମ ଶିଷ୍ୟ ସପ୍ତଋଷି ଥିଲେ। ବିଶ୍ୱାସ କରାଯାଏ ଯେ ସପ୍ତଋଷିମାନେ ଭଗବାନ ଶିବଙ୍କ ଜ୍ଞାନକୁ ପୃଥିବୀରେ ବିସ୍ତାର କରିଥିଲେ, ଯେଉଁ କାରଣରୁ ବିଭିନ୍ନ ଧର୍ମ ଓ ସଂସ୍କୃତି ସୃଷ୍ଟି ହୋଇଥିଲା। ବିଶ୍ୱାସ କରାଯାଏ ଯେ ଭଗବାନ ଶିବ ଗୁରୁ-ଶିଷ୍ୟର ପରମ୍ପରା ଆରମ୍ଭ କରିଥିଲେ। ଶିବଙ୍କ ଶିଷ୍ୟମାନଙ୍କ ମଧ୍ୟରେ ବୃହସ୍ପତି, ବିଶାଲାକ୍ଷ, ଶୁକ୍ର, ସହଶ୍ରାକ୍ଷ, ମହେନ୍ଦ୍ର, ପ୍ରାଚେତସ ମନୁ, ଭରଦ୍ୱାଜା ରହିଥିଲେ।

### ଭଗବାନ ଶିବଙ୍କ ପତ୍ନୀ:

ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କର ଦୁଇ ଜଣ ପତ୍ନୀ ଥିଲେ, ପ୍ରଥମ ଦେବୀ ସତୀ ଏବଂ ଦ୍ୱିତୀୟ ମାତା ପାର୍ବତୀ। କିନ୍ତୁ ଯଦି ହିନ୍ଦୁ ପୁରାଣକୁ ବିଶ୍ୱାସ କରାଯାଏ, ତେବେ ଭଗବାନ ନୀଳକଣ୍ଠେଶ୍ୱର ଜଣେ କି ଦୁଇଜଣ ନୁହେଁ ବରଂ ଚାରିଜଣଙ୍କୁ ବିବାହ କରିଥିଲେ। ସେ ଏହିସବୁ ବିବାହ କେବଳ ଆଦିଶକ୍ତିଙ୍କ ସହିତ କରିଥିଲେ। ଭଗବାନ ଶିବଙ୍କର ପ୍ରଥମ ବିବାହ ମାତା ସତୀଙ୍କ ସହ ହୋଇଥିଲା ଯିଏ ପ୍ରଜାପତି ଦକ୍ଷଙ୍କ କନ୍ୟା ଥିଲେ। ମାତା ସତୀ ତାଙ୍କ ବାପାଙ୍କ ଦ୍ୱାରା ଭଗବାନ ଶିବଙ୍କ ଅପମାନ ସହି ନ ପାରି ନିଜ ଜୀବନକୁ ବଳିଦାନ ଦେଇଥିଲେ। ଏହା ପରେ ହିମାଳୟ କନ୍ୟା ପାର୍ବତୀ ଭାବରେ ଜନ୍ମିତ ଆଦିଶକ୍ତି ଦ୍ୱିତୀୟ ଥର ଭଗବାନ ଶିବଙ୍କୁ ବିବାହ କରିଥିଲେ। ଆମ ଶାସ୍ତ୍ରରେ ଦେବୀ ଉମାଙ୍କୁ ଭଗବାନ ଶିବଙ୍କ ତୃତୀୟ ପତ୍ନୀ ଭାବରେ ବର୍ଣ୍ଣନା କରାଯାଇଛି। ମାତା ମହାକାଳୀଙ୍କୁ ଭଗବାନ ଶିବଙ୍କ ଚତୁର୍ଥ ପତ୍ନୀ ବୋଲି ବର୍ଣ୍ଣନା କରାଯାଇଛି। ସେ ଏହି ପୃଥିବୀରେ ଥିବା ଭୟଙ୍କର ରାକ୍ଷସମାନଙ୍କୁ ବିନାଶ କରି ତିନିଲୋକକୁ ସୁରକ୍ଷା ଦେଇଥିଲେ।





## ମଦ ଦୋକାନ : ୧୯ ପାଇଁ ୪୬୨ ଆବେଦନ

### ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ପାଇଁ ଅଧିକ ଆଗ୍ରହୀ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରେ ମଦ ଦୋକାନ ନିଲାମ ପ୍ରକ୍ରିୟାକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ଜିଲ୍ଲାର ମୋଟ ୧୯ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଇଁ ୪୬୨ଟି ଆବେଦନ ହସ୍ତଗତ ହୋଇଛି । ପ୍ରତ୍ୟେକ ଆବେଦନ ପାଇଁ ୩ ଲକ୍ଷ ଟଙ୍କା ଫି' ନିର୍ଦ୍ଧାରିତ ଥିବା ବେଳେ, ଏହି ଆବେଦନ ପ୍ରକ୍ରିୟାରୁ ଅବକାରୀ ବିଭାଗ ପ୍ରାୟ ୧୩ କୋଟି ୮୬ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରିଥିବା ଜଣାପଡ଼ିଛି । ବିଶେଷକରି ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ମଦ ଦୋକାନ ପାଇଁ ଆବେଦନକାରୀଙ୍କ ସଂଖ୍ୟା ଢେର୍ ଅଧିକା ରହିଛି । ସହରାଞ୍ଚଳର ଲୋକ ସଂଖ୍ୟା ଠାରୁ ଗ୍ରାମାଞ୍ଚଳରେ ଲୋକ ସଂଖ୍ୟା କମ୍ ଏବଂ ସାଧାରଣରେ ବ୍ୟବସାୟ ଓ ଟିକସ ମଧ୍ୟ କମ୍ ରହିଥିବା ସତ୍ତ୍ୱେ ଗ୍ରାମାଞ୍ଚଳରେ ମଦ କାରବାର କରିବାକୁ ବ୍ୟବସାୟୀ କାହିଁକି ଆଗ୍ରହୀ ? ଏହାକୁ ବିଶ୍ଳେଷଣ କଲେ ଜଣାପଡୁଛି ଯେ ଗ୍ରାମାଞ୍ଚଳରେ ବେଆଇନ ମଦ କାରବାର ପାଇଁ ଅଧିକ ସୁବିଧା ରହିଛି । ବିଶେଷକରି, ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆନ୍ଧ୍ରକୁ ଚାଲାଣ ପାଇଁ ହେଉ ଅବା ଗ୍ରାମାଞ୍ଚଳରେ ସମସ୍ତ ସୁବିଧା ସହ ଅଧିକ ଲାଭବାନ ହେବା ଲକ୍ଷ୍ୟରେ ହେଉ, ଅଧିକାଂଶ ସଂଖ୍ୟାରେ ଆବେଦନ ଗ୍ରାମାଞ୍ଚଳ ଦୋକାନ ପାଇଁ ଆସିଥିବାରୁ ଏହା ବାରି ହୋଇ ପଡୁଛି ।

ପାରଳାଖେମୁଣ୍ଡି ସହର ମଧ୍ୟରେ ଥିବା ଏକାଧିକ ଦୋକାନ ପାଇଁ ମାତ୍ର ୪ କିମ୍ବା ୫ଟି ଲେଖାଏଁ ଆବେଦନ ହୋଇଥିବା ବେଳେ ମୋହନା ପାଇଁ ୩୭ ଓ ରାୟଗଡ଼ ପାଇଁ ୪୮ଟି ଆବେଦନ ହୋଇଛି । ଗ୍ରାମାଞ୍ଚଳର ଉପଲଡ଼ା ଦୋକାନ ପାଇଁ ୯୦, ଗାରାବନ୍ଧ ଦୋକାନ ପାଇଁ ୯୧, ହାଡୁଭାଙ୍ଗୀ ଦୋକାନ ପାଇଁ ୮୧ଟି ଆବେଦନ ହୋଇଥିବା ବେଳେ ଏହି ସମସ୍ତ ଦୋକାନ ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ରହିଥିବା ଜଣାପଡ଼ିଛି । ଏହା ସହରାଞ୍ଚଳ ଆବେଦନ ସଂଖ୍ୟାର ଦଶଗୁଣ ଅଧିକା ସେହିଭଳି, ମଦ କାରବାରରେ ରହି ଲାଭବାନ ହେବାର ନିଶା ଏମିତି ଲାଗିଛି ଯେ ସମାଜର ଆଗଧାଡ଼ିର ଶିକ୍ଷିତ ବ୍ୟକ୍ତି, ସାମ୍ବାଦିକ ଓ ରାଜନେତା ମଧ୍ୟ ଆଗ୍ରହୀ ହୋଇ ଆବେଦନ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି । ଏପଟେ, ଗ୍ରାମାଞ୍ଚଳର ମଦ ଦୋକାନଗୁଡ଼ିକରେ ସର୍ବନିମ୍ନ ଗ୍ୟାରେଣ୍ଟି ପରିମାଣ କମ୍ ରହିଥିବା ବେଳେ ଗ୍ରାମାଞ୍ଚଳରେ ଦୋକାନ ସଂଖ୍ୟା ମଧ୍ୟ କମ୍ । ଏଣୁ, ଆବେଦନକାରୀଙ୍କ ଆଗ୍ରହ ଓ ସଂଖ୍ୟା ବଢ଼ିଥିବା ଦୃଷ୍ଟିଗୋଚର ହୋଇଛି । ଅବଶ୍ୟ, କିଛି ପ୍ରମୁଖ ଗ୍ରାମାଞ୍ଚଳ ଦୋକାନ ପାଇଁ ସବୁଠାରୁ ଅଧିକ ପ୍ରତିଦ୍ୱନ୍ଦୀ ରହିଛନ୍ତି । ନିଲାମ ପ୍ରକ୍ରିୟା ସ୍ୱଚ୍ଛ ଓ ନିୟମାନୁସାରେ କରାଯିବା ୨୯ ତାରିଖରେ ଲଟେରୀ ମାଧ୍ୟମରେ ଚୟନ ପ୍ରକ୍ରିୟା ସମ୍ପନ୍ନ ହେବ ବୋଲି ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ ସାହୁ ପ୍ରକାଶ କରିଛନ୍ତି ।

## ଜୁନ୍ ୧ରୁ ସବୁ ନୂଆ ଗାଡି ଇଭି

ଭୁବନେଶ୍ୱର,(ନିପ୍ର): ଜୁନ୍ ୧ରୁ ଯେଉଁ ନୂଆ ଗାଡ଼ି ଆସିବ ସବୁ ବୈଦ୍ୟୁତିକ ଯାନ (ଇଭି ) ହିଁ ଆସିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି । ସେ କହିଛନ୍ତି ଏଥିପାଇଁ ମୁଖ୍ୟମନ୍ତ୍ରୀ ଏସଓପି ଜାରି କରିଛନ୍ତି । ଇଭି ପଲିସିରେ ସମସ୍ତ ଗାଡ଼ି ପାଇଁ ପ୍ରୋତ୍ସାହନ ରାଶି ବ୍ୟବସ୍ଥା କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଇଭି ପ୍ରତି ଆଗ୍ରହ ବଢୁଛି ।

## ଆସିକା ପୋଲିସ ଉପଖଣ୍ଡ ଅଧିକାରୀ ଭାବେ ଦାୟିତ୍ୱ ନେଲେ ସୌରଭ ରଞ୍ଜନ

ଆସିକା,(ନିପ୍ର): ଗଞ୍ଜାମ ଜିଲ୍ଲାର ଅତି ସମ୍ବେଦନଶୀଳ ସହର ରୂପେ ପରିଚିତ ଆସିକା । ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭାବେ ସୌରଭ ରଞ୍ଜନ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଦେଓଗଡ଼ ଅଞ୍ଚଳର ହୋଇଥିଲା ବେଳେ ଓପିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏହା ତାଙ୍କ ଚାକିରି ଜୀବନର ପ୍ରଥମ କାର୍ଯ୍ୟସ୍ଥଳୀ ରହିବ ।ଦାୟିତ୍ୱ ଗ୍ରହଣ ପରେ ଆସିକା ଏସଡିପି ଓ ଅଧୀନରେ ଥିବା ହିଞ୍ଜିଳି କାଟୁ, ବେଲଗାଁ, ଧରାକୋଟ, ସୋରଡ଼ା, ବଡ଼ଗଡ଼, ଶେରଗଡ଼, ଆସିକା, କୋଟିନଡା, ଥାନା ଇଲାକାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା, ଲୋକମାନଙ୍କ ଧନଜୀବନକୁ ସୁରକ୍ଷା ପ୍ରଦାନ କରିବା, ଟ୍ରାଫିକ ସମସ୍ୟା ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଅଣାଯିବା ସହ ୱାରେଣ୍ଟିମାନଙ୍କୁ ତୁରନ୍ତ ଗିରଫ କରିବା ସହ ଆଇନକୁ ସଠିକ ବାଟରେ ନିଆଯିବା ବୋଲି ଏସଡିପିଓ ପ୍ରଧାନ କହିଛନ୍ତି । ଆସିକା ଅଞ୍ଚଳରେ ଚୋର ମଦ ସାଙ୍ଗକୁ ଚୋରା ବାଲିଚାଲାଣ ଉପରେ ରୋକ ଲଗାଯିବ ବୋଲି କହିଛନ୍ତି । ଆସିକା ଉପଖଣ୍ଡ ଇଲାକାର ସମସ୍ତ ଥାନା ଅଧିକାରୀମାନଙ୍କୁ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ସହ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର କରିବା ପାଇଁ କହିବା ସହ ଗଣମାଧ୍ୟମର ସହଯୋଗ କାମନା କରିଥିଲେ ।

## ଆତ୍ମସାତ ଅଭିଯୋଗର ଭିଜିଲାନ୍ସ ତଦନ୍ତ ଦାବି

ରାଉରକେଲା,(ନିପ୍ର): ପାନପୋଷ ଠାରେ ଥିବା ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ତହବିଲରୁ ୩୭ ଲକ୍ଷ ଟଙ୍କା ଆତ୍ମସାତ୍ ଘଟଣା ଘଟିବା ପରେ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଘଟଣା ବିଷୟରେ ଉଚ୍ଚଶିକ୍ଷା ବିଭାଗକୁ ଜଣାଇଥିଲେ । ଏନେଇ ତଦନ୍ତ କରିଛି ଉଚ୍ଚଶିକ୍ଷା ବିଭାଗ ତଦନ୍ତ କମିଟି । ଅଭିଯୁକ୍ତ ଅଧାପକ ତଦନ୍ତ କମିଟି ସମ୍ମୁଖରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ । ବର୍ଷେ ଭିତରେ ସେ ମହାବିଦ୍ୟାଳୟ ଏକାଉଣ୍ଟରୁ ୩୭ ଲକ୍ଷରୁ ଅଧିକ ଟଙ୍କା ଉଠେଇ ନେଇଥିବା ସ୍ୱୀକାର କରିଛନ୍ତି । କହିଥିଲେ ଯେ 'ବେଳ ଖରାପ ପଡ଼ିବାରୁ ଏଭଳି ଘଟିଲା' । କମିଟି ଉଚ୍ଚଶିକ୍ଷା ବିଭାଗକୁ ତଦନ୍ତ ରିପୋର୍ଟ ଦେଇଛି । ଏଠାରେ ପ୍ରଶ୍ନ ଉଠେ ଯେ, ଏତେ ବଡ଼ ଦୁର୍ନୀତି ଘଟିଥିଲେ ମଧ୍ୟ ଅଧକ୍ଷ ଥାନାରେ କାହିଁକି ଏତାଲା ଦେଲେନାହିଁ ! ଏନେଇ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି ।

## ଓଡ଼ିଶାରେ ଚାଲିବ ଇଭି ବୋଟ୍



ଭୁବନେଶ୍ୱର,୨୮।୫: ଓଡ଼ିଶାରେ ଚାଲିବ ଇଭି ବୋଟ୍ । ପ୍ରଥମ ପର୍ଯ୍ୟାୟରେ ୫ଟି ସ୍ଥାନରେ ହେବ ବ୍ୟବସ୍ଥା । ପାରମ୍ପରିକ ଓ ଡିଜେଲ ବୋଟ୍ ବଦଳରେ ଚାଲିବ ପରିବେଶ ଅନୁକୂଳ ବୈଦ୍ୟୁତିକ ବୋଟ୍ । କୋଲାବ, ହୀରାକୁଦ, ଭିତରକନିକା ଓ ବରକୁଳ ପାଇଁ ଆହ୍ୱାନ ହେଲା ଟେଣ୍ଡର । ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଡଞ୍ଚଉଉ ପକ୍ଷରୁ ପ୍ରକ୍ରିୟା ଆରମ୍ଭ, ଖୁବଶୀଘ୍ର ମିଳିବ ସୁବିଧା । ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ଫର୍ଦ୍ଦ । ଏଣିକି ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ଚାଲିବ ପରିବେଶ ଅନୁକୂଳ ଇଭି ବୋଟ୍ ବା ବୈଦ୍ୟୁତିକ ଡଙ୍ଗା । ବର୍ତ୍ତମାନର ତେଲ ସଙ୍କଟ ଏବଂ ପ୍ରଦୂଷଣକୁ ରୋକିବା ପାଇଁ ସରକାର ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ସ୍ଥାନରେ ଥିବା ପାରମ୍ପରିକ କିମ୍ବା ଡିଜେଲ୍ ବୋଟ୍‌କୁ ବଦଳାଇ ଇଭି ବୋଟ୍‌ରେ ପରିଣତ କରାଯିବ । ଏଥିପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ଟେଣ୍ଡର ମଧ୍ୟ ଆହ୍ୱାନ କରାଯାଇଛି । କୋରାପୁଟର କୋଲାବ ପାଇଁ ୩୦ ଆସନ ବିଶିଷ୍ଟ ବୋଟ୍ ଆସିବ । ସମ୍ବଲପୁରର ହୀରାକୁଦ ପାଇଁ ୨ଟି ସ୍ଥାନରେ ଯଥାକ୍ରମେ ୨୦ ଓ ୧୦ ଆସନ ବିଶିଷ୍ଟ ବୋଟ୍ ଚାଲିବ । କେନ୍ଦ୍ରାପଡ଼ାର ଭିତରକନିକା ପାଇଁ ୨୦ ଆସନ ଏବଂ ଖୋର୍ଦ୍ଧା ଚିଲିକାର ବରକୁଳ ପାଇଁ ୮ ଆସନ ବିଶିଷ୍ଟ ବିଳାସପୂର୍ଣ୍ଣ ବୋଟ୍ରେ ବ୍ୟବସ୍ଥା କରାଯାଉଛି । ସବୁଠାରୁ ବଡ଼ କଥା ହେଲା, ପର୍ଯ୍ୟଟକଙ୍କ ସୁବିଧା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ବୋଟଗୁଡ଼ିକରେ ଇଭି ସହିତ ସୋଲାର ତଥା ସୌରଶକ୍ତି ଏବଂ ସିଏନଜି ବ୍ୟବହାରର ମଧ୍ୟ ସୁବିଧା ରହିବ ।

## ଶୈକ୍ଷିକ ସମୀକ୍ଷା ବୈଠକ

ପୁରୀ ,(ନିପ୍ର): ଜିଲ୍ଲା ସମଗ୍ର ଶିକ୍ଷା ସଭାଗୃହରେ ଚଳିତ ୨୦୨୬-୨୭ ଶିକ୍ଷା ବର୍ଷର ପ୍ରଥମ ଶୈକ୍ଷିକ ସମୀକ୍ଷା ବୈଠକ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶୈକ୍ଷିକ ସଂଯୋଜକ ସୁଶୀଲ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଗତ ତିନି ବର୍ଷର ମାଟ୍ରିକ ଫଳର ବିଶ୍ଳେଷଣ କରାଯାଇଥିଲା ।

ଚଳିତ ବର୍ଷର ମାଟ୍ରିକ ଛାତ୍ରଛାତ୍ରୀମାନଙ୍କ ପାଇଁ ଦଶମ ୩.୦ କାର୍ଯ୍ୟକ୍ରମ ମାଧ୍ୟମରେ ଇ ୧ ଗ୍ରେଡ଼ ସଂଖ୍ୟା ବୃଦ୍ଧି, ଶତ ପ୍ରତିଶତ କୃତକାର୍ଯ୍ୟ ଓ ସମସ୍ତ ପଞ୍ଜିକୃତ ଛାତ୍ର ଛାତ୍ରୀ ପରୀକ୍ଷାଦେବା ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଶୈକ୍ଷିକ ମାନବୃଦ୍ଧି ନିମନ୍ତେ ଏକ ବିସ୍ତୃତ ବିବରଣୀ ସୁଶୀଲ ମହାପାତ୍ର ଉପସ୍ଥାପନ କରିଥିଲେ । ଏହା ଉପରେ ଦିନସାରା ପର୍ଯ୍ୟାପ୍ତ ଆଲୋଚନା କରାଯିବା ସହ ସୁଚିନ୍ତିତ ମତାମତ ଗ୍ରହଣ କରାଯାଇଥିଲା ଯେଉଁଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ଶିକ୍ଷକ- ପ୍ରଶିକ୍ଷକ ସ୍ୱାଧୀନ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା , ସତ୍ୟବାଦୀ ଦାଶ ଏବଂ ବରିଷ୍ଠ ଶିକ୍ଷକ / ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାରେ ଖାନ ଏକାଡେମୀର କାର୍ଯ୍ୟକାରିତା ଉପରେ ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପରିଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଢୀ, ଜିଲ୍ଲାପାଳ ମହାଶୟଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହ , ଦଶମ ୩.୦ ର ସଫଳତାର ସହିତ କାର୍ଯକାରୀ କରିବା ଉପରେ ଗୁରୁତ୍ୱ ।ରୋପ କରିଥିଲେ । ଏହା ସହ ନୂତନ ଭାବେ ଜିଲ୍ଲା ଶୈକ୍ଷିକ କମିଟି ଗଠନ, ବରିଷ୍ଠ ଶିକ୍ଷକ / ଶିକ୍ଷୟିତ୍ରୀମାନଙ୍କ ମତକୁ ଆଧାର କରି ଏକ ନୂତନ କାର୍ଯ୍ୟପନ୍ଥା ସ୍ଥିର କରିବାପାଇଁ ଗୃହକୁ ପରାମର୍ଶ ଦେଇଥିଲେ ।

ବିଷୟ ଭିତ୍ତିକ ଶିକ୍ଷକ /ଶିକ୍ଷୟିତ୍ରୀ ମାନଙ୍କୁ ଆଭାସୀ ବୈଠକ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ, ପ୍ରତି ମାସରେ ଗୋଷ୍ଠୀଶିକ୍ଷାଧିକାରୀମାନଙ୍କ ଦ୍ୱାରା ବ୍ଲକ ସ୍ତରୀୟ ଶୈକ୍ଷିକ ସମୀକ୍ଷା ବୈଠକ ଆୟୋଜନ ତଥା ପ୍ରତି ଶନିବାର ଦିନ ଇ୧ ଗ୍ରେଡ଼ ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରତି ବ୍ଲକରେ ବିଷୟଭିତ୍ତିକ ସଂଶୟ ମୋଚନ କ୍ଲାସ ଆୟୋଜନ କରିବାନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଜ୍ଞାନ ନିରୀକ୍ଷକ ଉମାକାନ୍ତ ମିଶ୍ର ଏବଂ ଶିକ୍ଷାବିଜ୍ଞାନ ସଂଯୋଜକ ରମେଶ ବଲ୍ଲଭ ସାହୁ ପରିଚାଳନା କରିଥିଲେ । ପରିଶେଷରେ ଅତିରିକ୍ତ ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡଷ୍ଟବିନ୍ ପାଲଟିଛି କେନାଲ

ଖୋର୍ଦ୍ଧା : ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚଷଜମିକୁ ଜଳସେଚନ ପାଇଁ କେନାଲମାନ ଖୋଳି ଜଳ ଯୋଗାଉଛନ୍ତି । କଣାସ କେନାଲର କଣାସ ଠାରୁ ବେଣାଗାଁକୁ ବାହାରିଥିବା ଏବଂ କଣାସ ଠାରୁ ନୂଆଦୋକନ୍ଦା ଆଡକୁ ଯାଇଥିବା କେନାଲ ଜଳ ଯୋଗାଣ ପରିବର୍ତ୍ତେ ଡଷ୍ଟବିନ୍ ପାଲଟିଛି । କେନାଲ ପଖରୁ ରହୁଥିବା ପରିବାର ନିଜର ଘରର ଆବର୍ଜ୍ୟନା ପାଣିକୁ ପାଇପ୍ ବସାଇ କେନାଲକୁ ଛାଡୁଥିବା ବେଳେ କଣାସ ହାଟବାରି ସୋମବାର ଓ ଶୁକ୍ରବାର ପରିବା ବେପାରୀମାନେ ପୋଚାଆଳୁ, ବାଇଗଣ, କଖାରୁ, ଟମାଟ, ପତ୍ରକୋବି ଇତ୍ୟାଦି ନଷ୍ଟ ପରିବାଗୁଡିକୁ କେନାଲ ଭିତରକୁ ଫୋପାଡି ଦେଉଛନ୍ତି ।

ସେହିପରି କେନାଲ ନିକଟରେ ଓ ଦୂରରେ ବିକ୍ରି କରୁଥିବା ଗୁପୁଚୁପ୍, ମଟରଭୁବୁନି ବାଲାମାନେ ପ୍ଲାଷ୍ଟିକ୍ ଦନାଗୁଡିକୁ କେନାଲ ମଧ୍ୟକୁ ଫୋପାଡି ଦେଉଥିବାରୁ କେନାଲ ପୋତି ହେବା ସଂଗେ ସଂଗେ ପୋଚା ପରିବାର ଦୁର୍ଗନ୍ଧରେ ନାକ ଫାଟିପଡୁଛି । ଏତେ ପରିମାଣରେ ମଶା ରହୁଛନ୍ତି ଯେ କେହିବି ଗୋଟେ ମିନିଟ୍ କେନାଲ ନିକଟରେ ଠିଆ ହୋଇପାରିବ ନାହିଁ ମଶାମାନଙ୍କ ଦାଉରେ । ଏହି କେନାଲର ରକ୍ଷଣାବେକ୍ଷଣ ଦାୟିତ୍ୱ ଜଳସେଚନ ବିଭାଗ ଉପରେ ଥିବାରୁ ଜଳସେଚନ ବିଭାଗ କାର୍ଯ୍ୟାଳୟ କେନାଲ ଠାରୁ ମାତ୍ର ଶହେ ମିଟର ଭିତରେ ଥିବା ବେଳେ ଜଳସେଚନ ବିଭାଗ କର୍ମକର୍ତ୍ତାମାନେ ଏହାର ପ୍ରତିବାଦ ଓ ଆଇନର ଆଶ୍ରୟ ନେଉ ନାହାନ୍ତି ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି ।

## କାଶୀନଗର : ଭୋଟର ତାଲିକା ସଂଶୋଧନ ତାଲିମ

କାଶୀନଗର,(ନିପ୍ର): ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ କାଶୀନଗର ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହ ମଧ୍ୟରେ ସ୍ଥାନୀୟ ତହସିଲଦାର ସୁଧୀର କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ହୋଇଥିଲା । କାର୍ଯ୍ୟକ୍ରମରେ ନୂତନ ଭୋଟରଙ୍କ ନାମ ପଞ୍ଜିକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ସରଳିକରଣ



କିପରି ହୋଇପାରିବ ସେଥିପାଇଁ ଆଭାସୀ ମାଧ୍ୟମରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ପାଇଁ କାଶୀନଗର ବ୍ଲକ ଓ ଏନ ଏ ସି ର ୬୮ ଜଣ ବିଏଲଓ ତଥା ୭ ଜଣ ସୁପେରଭାଇଜର ନିୟୋଜିତ ହୋଇଛନ୍ତି । ଭୋଟର ତାଲିକା ପ୍ରସ୍ତୁତ ପାଇଁ ଉଦିଷ୍ଟ ଫୋର୍ମ ଓଡ଼ିଆ ଭାଷାରେ ଉପଲବ୍ଧ ହୋଇଛି ଏବଂ ଘରକୁ ଘର ବୁଲି ଏହି କାର୍ଯ୍ୟକ୍ରମ ବିଷୟରେ ସଚେତନ କରାଯିବା ପାଇଁ ବ୍ୟବସ୍ତା ହୋଇଛି । ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ବାଦ ନ ପଡନ୍ତି ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ତହସିଲଦାର ଶ୍ରୀ ନନ୍ଦ କହିଛନ୍ତି । କାଶୀନଗର ଠାରେ ଏସଆଇଆର ସମୟରେ ବିଏଲଓମାନେ ଘରକୁ ଘର ବୁଲି ସର୍ଭେ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସରଳ କରିବା ସକାଶେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି । ଜନସାଧାରଣଙ୍କ ସହାୟତା ପାଇଁ '୧୯୫୦' ଟୋଲ ଫ୍ରି ନିର୍ବାଚନ ହେଲ୍ପ ଲାଇନ ନମ୍ବର ବ୍ୟାପକ ଭାବେ ପ୍ରଚାର କରାଯିବା ପାଇଁ ମଧ୍ୟ ବ୍ୟବସ୍ତା ହୋଇଛି । ଏହି ନମ୍ବର ମାଧ୍ୟମରେ ନାଗରିକ ମାନେ ଭୋଟର ତାଲିକା ସମ୍ବନ୍ଧରେ ସୂଚନା ପାଇପାରିବେ ଓ ନିଜ ଅଞ୍ଚଳର ବିଏଲଓଙ୍କ ସହ ଆଲୋଚନା ପାଇଁ 'ବୁକ ଏକ କଲ' ମଧ୍ୟ କରିପାରିବେ ବୋଲି ତହସିଲଦାର ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି ।

## ଓଡ଼ିଶା ଅମଲା ସଂଘର ରାଜ୍ୟ ସମ୍ମିଳନୀ

ପୁରୀ,(ନିପ୍ର): ଓଡ଼ିଶା ଅମଲା ସଂଘର ୧୭ତମ ରାଜ୍ୟ ସମ୍ମିଳନୀ ମଙ୍ଗଳବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି । ରାଜ୍ୟ ସଭାପତି ଜ୍ଞାନ ରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ତରାସିଆ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ, ନାରାୟଣ ଦାଶ, ଅଧକ୍ଷ ହୃଦୟ ବିହାରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ର, ସଙ୍ଗଠନ ସମ୍ପାଦକ ଅରୁଣ କୁମାର ବଳିଆରସିଂହ, ପ୍ରାକ୍ତନ ସମ୍ପାଦକ ଅନ୍ତର୍ଯ୍ୟାମୀ ପ୍ରଧାନ, ରାଜ୍ୟ ଅଣ ଗେଜେଟେଡ୍ କର୍ମଚାରୀ ସଂଘର ସଭାପତି ଜ୍ୟୋତି ରଞ୍ଜନ ପଟ୍ଟନାୟକ,ପୁରୀ ଜିଲା ସଭାପତି ପ୍ରଶାନ୍ତ କୁମାର ମିଶ୍ର, ଜିଲା ଅଧକ୍ଷ ମହେନ୍ଦ୍ର କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ହୋତା, ବରିଷ୍ଠ ପରାମର୍ଶଦାତା ବନମାଳୀ ଗିରି ସଭାମଞ୍ଚରେ ଉପସ୍ଥିତ ଥିଲେ । ଜିଲା ସ୍ତରୀୟ ଅମଲା ମାନଙ୍କ ଦାବି ଓ ସମସ୍ୟା ବିଷୟରେ ସେମାନେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ଅଧୀନରେ ସମସ୍ତ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଭିତ୍ତିରେ ଦରମା ଲେବୁଲ ୯ ଥିବାରୁ ଜିଲା ସ୍ତରୀୟ ସମସ୍ତ ବିଭାଗର ଅମଲା ମାନଙ୍କର ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ କରାଯିବା ସହ ପଦ ପରିବର୍ତ୍ତନ ଏବଂ ସମାନ ଦରମା କରାଯିବାକୁ ଦାବି କରାଯାଇଛି । ସେହିପରି ୨୦୧୭ ରୁ ନ୍ୟାସନାଲ୍ ବେନିଫିଟ ପ୍ରଦାନ, ପ୍ରତ୍ୟେକ ଚାରି ବର୍ଷରେ ପଦୋନ୍ନତି, ସଚିବାଳୟ କର୍ମଚାରୀଙ୍କ ଭଳି ଜିଲା ସ୍ତରୀୟ ଅମଲାଙ୍କର ଗୋଟିଏ କ୍ୟାଡର କରାଯିବାକୁ ଦାବି କରାଯାଇଛି । ସଚିବାଳୟ ଓ ମୁଖ୍ୟ ଦପ୍ତର ଜିଲା ସ୍ତରୀୟ ଅମଲାଙ୍କୁ ସମାନ ସୁବିଧା, କ୍ଲାସ୍- ୧ , କ୍ଲାସ୍ -୨ ପଦ ଗୁଡ଼ିକ ପାଇଁ ଜିଲା ସ୍ତରୀୟ ଅମଲା ମାନଙ୍କ ପାଇଁ ପାଇଁ ୫୦% ସଂରକ୍ଷଣ, ପୁରୁଣା ଥଇଥାନ ନୀତି ଅନୁସାରେ ମୃତ ସ୍ତର ପରି କର୍ମଚାରୀଙ୍କ ଉତ୍ତରାଧିକ ଉରାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ସମ୍ମିଳନୀରେ ଦାବି କରାଯାଇଛି । ଏଥିପାଇଁ ପାଇଁ ଅମଲା ସଂଘ ପକ୍ଷରୁ ବାର ବାରମ୍ବାର ଆନ୍ଦୋଳନ ଓ ସରକାର ଦାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଦାବି ଗୁଡ଼ିକ ପୂରଣ ହେଉନଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଛି ।

## ଓସିଏସ୍ ଟପ୍ପର ବୁବୁନ ସାହୁଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮।୫: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍) ପରୀକ୍ଷା-୨୦୨୪ରେ ପ୍ରଥମ ସ୍ଥାନ ଅଧିକାର କରିଥିବା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ତୋଳଙ୍କପଡ଼ା ଗ୍ରାମର ବୁବୁନ ସାହୁଙ୍କୁ ସମ୍ବର୍ଦ୍ଧିତ କରି ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନସେବା ହେଉଛି ପ୍ରଶାସନର ମୂଳ ଲକ୍ଷ୍ୟ । ଲୋକଙ୍କ ମଙ୍ଗଳ, ସୁଶାସନ ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ସରକାରୀ ସେବା ପହଞ୍ଚାଇବାକୁ ଅଧିକ ଗୁରୁତ୍ୱ ଦେବା ସହିତ ସମାଜର ଶିଶୁ, ମହିଳା ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ସମର୍ପିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ । ଜଣେ ଭଲ ପ୍ରଶାସକ ସହ ଜଣେ ଭଲ ମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ ।

## ପେଟ୍ରୋଲ,ଡିଜେଲର ଦର ବୃଦ୍ଧି ପ୍ରତିବାଦରେ ଏସୟୁସିଆଇ ( କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ

କଟକ,(ନିପ୍ର): ପେଟ୍ରୋଲ ଡିଜେଲର ବର୍ଦ୍ଧିତ ଦର ହ୍ରାସ କରିବା ଓ ଆମେରିକା ପରିବର୍ତ୍ତେ ଅନ୍ୟ ଦେଶରୁ ଅଶୋଧିତ ତେଲ ଖରିଦ କରିବା ଦାବିରେ ଆଜି ଏସ ୟୁ ସି ଆଇ ( କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦର କମି ଚାଲିଥିଲା ବେଳେ କେନ୍ଦ୍ର ବିଜେପି ସରକାର ଗତ ୧୦ ଦିନ ମଧ୍ୟରେ ଚାରି ଥର ପେଟ୍ରୋଲ, ଡିଜେଲ ଓ ସିଏନଜିର ଦର ବୃଦ୍ଧି କରିଛନ୍ତି । ରୁଷ ଓ ଇରାନ ଭାରତୀୟ ଟଙ୍କା ବିନିମୟରେ କମ୍ ଦରରେ ଆବଶ୍ୟକ ପରିମାଣର ଅଶୋଧିତ ତେଲ ଭାରତକୁ ଯୋଗାଇବ ବୋଲି ଘୋଷଣା କରିବା ସତ୍ତ୍ୱେ କେନ୍ଦ୍ର ବିଜେପି ସରକାର ଚଢ଼ା ଦରରେ ଅମେରିକା ଠାରୁ ଅଶୋଧିତ ତେଲ କିଣୁଛନ୍ତି । ରାଜ୍ୟ ବିଜେପି ସରକାର ମଧ୍ୟ ଭୋଟ ହ୍ରାସକରି ସାଧାରଣ ଗ୍ରାହକଙ୍କୁ ମୂଲ୍ୟ ବୃଦ୍ଧିରୁ ରିହାତି ଦେଉନାହାନ୍ତି । ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ଫଳରେ ଖାଦ୍ୟ ସାମଗ୍ରୀ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ହେଉଚି । ଅନ୍ୟ ଦିଗରେ ଉତ୍କଟ ବେକାରୀ, ଛଟେଇ, ବର୍ଷ ବର୍ଷ ଧରି ଦରମା ବୃଦ୍ଧି ନହେବା, ଫସଲର ଅଭାବୀ ବିକ୍ରି ଇତ୍ୟାଦି ଫଳରେ ସାଧାରଣ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ପାଉଛି । ଏହିଭଳି ପରିସ୍ଥିତିରେ ଦରବୃଦ୍ଧି ସାଧାରଣ ଲୋକଙ୍କୁ ଅକଥନୀୟ ଦୁର୍ଦ୍ଦଶା ମଧ୍ୟରେ ନିକ୍ଷେପ କରିଚି ।






ଭୁବନେଶ୍ୱର ରାମକୃଷ୍ଣ ମିଶନ ପକ୍ଷରୁ ଦହି ସର୍ବତ ବିତରଣ ।

### ଏଆଇ ପାଠ୍ୟକ୍ରମର ପୁନର୍ଗଠନ ଉପରେ ଶିଳ୍ପଜଗତ ସହ ଉଚ୍ଚସ୍ତରୀୟ ବୈଠକ

## ବାସ୍ତବିକ ଅଭିଜ୍ଞତା, ଶିଳ୍ପ ସମନ୍ୱିତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ



ଭୁବନେଶ୍ୱର୨୮।୫: ନୂଆ ବୈଷୟିକ ଟ୍ରେଣ୍ଡ୍ ସହ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷିତ କରିବା ନିମନ୍ତେ ଏଆଇ ପାଠ୍ୟକ୍ରମର ଏକ ବ୍ୟାପକ ପୁନର୍ଗଠନ ଲାଗି ଭାରତ ସରକାର ଶିଳ୍ପଜଗତ ସହ ସହଭାଗିତା କରୁଛନ୍ତି । ଏ ବାବଦରେ କେନ୍ଦ୍ର ଆଇଟି ଓ ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏଆଇ ପାଠ୍ୟକ୍ରମ ଟାସ୍କଫୋର୍ସ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ଏହି ଟାସ୍କଫୋର୍ସ ଇତିମଧ୍ୟରେ ଭାରତୀୟ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ବ୍ୟାଚେଲର୍ ଅଫ ଟେକ୍ନୋଲୋଜି (ବି.ଟେକ୍) କମ୍ପ୍ୟୁଟର ସାଇନ୍ସ ଓ ତତ୍ସମ୍ପର୍କିତ ପାଠ୍ୟକ୍ରମଗୁଡ଼ିକର ଏକ ମୌଳିକ ଅଧ୍ୟୟନ କରିସାରିଛି । ଏହି ଅଧ୍ୟୟନ ଶିଳ୍ପ ବିଶେଷଜ୍ଞ ଓ ଜାତୀୟ ସଫ୍ଟୱେର ଓ ସର୍ଭିସ୍ କମ୍ପାନି ସଂଘ (ନାସ୍କମ୍) ସହଯୋଗିତାରେ କରାଯାଇଛି । ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଭାରତୀୟ ପାଠ୍ୟକ୍ରମରେ ଏଆଇ ସମ୍ପର୍କିତ ଶିକ୍ଷା ବୃଦ୍ଧି ପାଇଥିଲେ ବି କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି । ଏସବୁ ବ୍ୟବଧାନ ଶିକ୍ଷଣ କୌଶଳ,ଭିତ୍ତିଭୂମି ଏବଂ ଜେନେରେଟିଭ୍ ଏଆଇ, ମେସିନ ଲର୍ଣ୍ଣିଂ ଅପରେସନ୍ସ (ଏମ୍‌ଏଲଓପି) ଓ ମୌଳିକ ମଡେଲ ବିକାଶ ଆଦିରେ ରହିଛି । ଟାସ୍କ ଫୋର୍ସ ବିଭିନ୍ନ କ୍ଷେତ୍ର ଉପରେ ଗୁରୁତ୍ୱଆରୋପ କରିଥିଲେ । ସେସବୁ ମଧ୍ୟରେ ରହିଛି, ପ୍ରୟୋଗ-ଭିତ୍ତିକ ଶିକ୍ଷାଦାନ, କ୍ରେଡିଟ୍-ଲିଙ୍କଡ୍ ପାଠ୍ୟକ୍ରମ ସମନ୍ୱୟ, ଉନ୍ନତ ବ୍ୟବହାରିକ ଏକ୍ସପୋଜର, ଶିଳ୍ପ-ସମ୍ମିଳିତ ଶିକ୍ଷାଦାନ, ବହୁବିଧ ପ୍ରବେଶ-ପ୍ରସ୍ଥାନ ବିକଳ୍ପ ଓ ଦାୟିତ୍ୱବାନ ଏଆଇ ଅର୍ଥାତ୍ ସମସ୍ତ ସେମିଷ୍ଟରରେ ଦାୟିତ୍ୱବାନ ଏଆଇ ଏବଂ ଏଆଇ ପ୍ରଶାସନକୁ ସାମିଲ କରିବା । ପାଠ୍ୟକ୍ରମରେ ଉନ୍ନତି ଆଣିବାକୁ ହେଲେ ଅଧ୍ୟାପକମାନେ ବି ଉପଯୁକ୍ତଭାବେ ପ୍ରସ୍ତୁତ ରହିବା ଉଚିତ୍ । ଏହାକୁ ସ୍ୱୀକାର କରି ଏହି ଆଲୋଚନା ବେଳେ ପ୍ରସ୍ତାବିତ ରୋଡମ୍ୟାପର କେନ୍ଦ୍ରରେ ଅଧ୍ୟାପକମାନଙ୍କ କ୍ଷମତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ରାଯାଇଥିବା ସୁପାରିଶଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ବ୍ୟବସ୍ଥିତ ପ୍ରଶିକ୍ଷକ ତାଲିମ କାର୍ଯ୍ୟକ୍ରମ, କ୍ୟୁରେଟେଡ୍ ପାଠ୍ୟକ୍ରମ ବିଷୟବସ୍ତୁ, ମାନକୀକରଣ ମୂଲ୍ୟାଙ୍କନ ଢାଞ୍ଚା, ଏବଂ ବର୍ତ୍ତମାନର ଶିଳ୍ପ ଉପକରଣ ଏବଂ ପ୍ଲାଟଫର୍ମ ସହିତ ସମନ୍ୱିତ ଆଧୁନିକ ପ୍ରୟୋଗଶାଳା । ଦେଶର ପ୍ରମୁଖ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ପଦ୍ଧତି ଅନୁସରଣରେ ଅତିରିକ୍ତ ଅଧ୍ୟାପକ ଭାବରେ ଅଭିଜ୍ଞ ଶିଳ୍ପ ପେସାଦାରମାନଙ୍କୁ ନିୟୋଜିତ କରିବା ପାଇଁ ମଧ୍ୟ ସୁପାରିଶ କରାଯାଇଥିଲା । ଅଂଶଗ୍ରହଣକାରୀମାନେ ଏକ ଜାତୀୟ ସ୍ତରୀୟ ମିଳିତ ଏଆଇ ଭିତ୍ତିଭୂମି ସୃଷ୍ଟି କରିବାକୁ ପ୍ରସ୍ତାବ ଦେଇଥିଲେ । ଏହି ଟ୍ରିପଲ୍ ହେଲିକ୍ସ ମଡେଲ୍ ଶିଳ୍ପ, ସରକାର ଏବଂ ଶିକ୍ଷାଗତ ପ୍ରତିଷ୍ଠାନ ଦ୍ୱାରା ମିଳିତ ଭାବରେ ଗଠନ ହେବ । ଏହା କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍ (ଜିପିୟୁ) କମ୍ପ୍ୟୁଟ୍, ଏଜ୍ ଡିଭାଇସ୍, ସଫ୍ଟୱେର୍ ଷ୍ଟାକ୍ ଏବଂ ସବସ୍କ୍ରିପସନ୍-ଆଧାରିତ ପ୍ଲାଟଫର୍ମରେ ସମାନ ଉପଯୋଗକୁ ସୁନିଶ୍ଚିତ କରିବ । ପରବର୍ତ୍ତୀ କାର୍ଯ୍ୟପନ୍ଥା ବାବଦରେ ଚାରୋଟି ସହମତି ସହ ବୈଠକ ଶେଷ ହୋଇଥିଲା । ସେଗୁଡ଼ିକ ହେଉଛି ଜାତୀୟ ସ୍ତରରେ କମ୍ପ୍ୟୁଟ୍, ଭିତ୍ତିଭୂମି, ଅଧ୍ୟାପକ ଏବଂ ଶିକ୍ଷାର୍ଥୀ ସଂଖ୍ୟା ପାଇଁ ଆବଶ୍ୟକତାର ଆକଳନ । ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ସହିତ ସଂପର୍କ ସ୍ଥାପନ, ଯାହା ଦ୍ୱାରା ଚଳିତ ବ୍ୟାଚର ପଞ୍ଚମରୁ ଅଷ୍ଟମ ସେମିଷ୍ଟରରେ ସଂଶୋଧିତ ପାଠ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଗ୍ରହଣ କରାଯାଇପାରିବ, ଏବଂ ଆଗାମୀ ବ୍ୟାଚ ପାଇଁ ଏହାର ସମ୍ପୂର୍ଣ୍ଣ ସମନ୍ୱୟ ମଧ୍ୟ କରାଯିବ । ଅଧ୍ୟାପକ ବିକାଶ ରୋଡମ୍ୟାପ୍, ଯେଉଁଥିରେ ଶିଳ୍ପ-ନେତୃତ୍ୱାଧୀନ ତାଲିମ, ଅଭିଜ୍ଞତାର ଆଦାନପ୍ରଦାନ ଏବଂ କର୍ପୋରେଟ୍ ବୃତ୍ତିଗତମାନଙ୍କୁ ଶିକ୍ଷକ ଭାବରେ ସେବା କରିବା ପାଇଁ ଏକ ପଦ୍ଧତିଗତ ପଥ ଅନ୍ତର୍ଭୁକ୍ତ ରହିଛି । ଅଣ-ଷ୍ଟେମ୍ ବିଷୟଗୁଡ଼ିକ ପାଇଁ ଏକ ସମାନ୍ତରାଳ ପଥ ଲାଗି ବି ସହମତି ହୋଇଥିଲା ।

ତିଥି :(ତ୍ରୟୋଦଶୀ): (ସ୍ୱାତୀ ତୁଳା)
ଅମୃତ ବେଳା: ଦିବା ଘ ୧।୩୬ ଗତେ ଘ ୨।୦ ମଧ୍ୟେ

## ଆଜିର ଅନୁଚିନ୍ତନ

ଇନ୍ଦ୍ରିୟଗଣ, ମନ ଓ ବୁଦ୍ଧି କାମନାର ବାସସ୍ଥାନ ବୋଲି କୁହାଯାଇଛି। ଏହି କାମନା ଏମାନଙ୍କ ଦ୍ୱାରା ଜ୍ଞାନକୁ ଆଚ୍ଛାଦିତ କରି ଦେହାଭିମାନୀ ମନୁଷ୍ୟକୁ ମୋହିତ କରିଦିଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଉଜୁଡୁଛି ଭରସା

ନିକଟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ଏକ ବାର୍ତ୍ତା ପୋଷ୍ଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି: 'ସମୃଦ୍ଧ ୟୁରାନିୟମ – କିମ୍ବା 'ପରମାଣୁ ଧୂଳି' – ତୁରନ୍ତ ଆମେରିକାକୁ ହସ୍ତାନ୍ତର କରାଯିବା ଉଚିତ । ଏହାକୁ ଏଠାକୁ ଅଣାଯାଇ ଧ୍ୱଂସ କରାଯାଇପାରିବ, କିମ୍ବା, ଏକ ଉତ୍ତମ ବିକଳ୍ପ ହେବ। ଇରାନ ମଧ୍ୟରେ କିମ୍ବା ଇରାନ ସହିତ ସହଯୋଗ ଏବଂ ସମନ୍ୱୟରେ ଅନ୍ୟ ଏକ ପାରସ୍ପରିକ ଗ୍ରହଣୀୟ ସ୍ଥାନରେ ଏହାକୁ ଧ୍ୱଂସ କରାଯିବ।' ଏହା ବ୍ୟତୀତ, ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ୟୁରାନିୟମ ନଷ୍ଟ ସମ୍ପର୍କିତ ଏହି ସମଗ୍ର ପ୍ରକ୍ରିୟା ଏବଂ ଘଟଣାକ୍ରମରେ, ପରମାଣୁ ଶକ୍ତି କମିଶନ କିମ୍ବା ଏକ ସମକକ୍ଷ ଅନ୍ତର୍ଜାତୀୟ ସଂସ୍ଥା ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ସାକ୍ଷୀ ଭାବରେ ଉପସ୍ଥିତ ରହିବା ଆବଶ୍ୟକ ଯେଉଁଠାରେ ୟୁରାନିୟମ ନଷ୍ଟ କରାଯିବ।ଟ୍ରମ୍ପ ଏବେ ଇରାନ ଉପରେ ତୁରନ୍ତ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ଚାପ ପକାଇବା ଆରମ୍ଭ କରିଛନ୍ତି, ଯାହା ଇରାନକୁ ଅସ୍ଥିର କରିଛି।

ଆମେରିକା ସୋମବାର ଦକ୍ଷିଣ ଇରାନରେ ପୁଣି ଆକ୍ରମଣ କରିଛି। ଇରାନୀ କ୍ଷେପଣାସ୍ତ୍ର ସ୍ଥାନ ଏବଂ ମାଇନ୍ ରଖିବା ପାଇଁ ଚେଷ୍ଟା କରୁଥିବା ଡଙ୍ଗାଗୁଡ଼ିକୁ ଏହା ନିଶାଣ କରିଥିଲା। ଯୁଦ୍ଧ ବିରତି ଭିତରେ ଏହିପରି ଆକ୍ରମଣ ସ୍ଥିତିକୁ ଅଧିକ ଗୋଳମାଳିଆ ହିଁ କରୁଛି। ଏଥିନେଇ ଆମେରିକା ପକ୍ଷରୁ ଦିଆଯାଇଥିବା ସଫେଇ ହେଉଛି ଏହି ଆକ୍ରମଣ 'ଆତ୍ମ-ରକ୍ଷା' ପାଇଁ ଉଦ୍ଦିଷ୍ଟ। 'ଇରାନୀ ବାହିନୀ ଦ୍ୱାରା ସୃଷ୍ଟି ହୋଇଥିବା ବିପଦରୁ ଆମ ସୈନ୍ୟଙ୍କୁ ରକ୍ଷା କରିବା ପାଇଁ' ଏପରି କରାଯାଇଥିଲା।

ଆମେରିକା ଓ ଇରାନ ମଧ୍ୟରେ ଅବିଶ୍ୱାସ,ଭରସାହୀନତା ଜାରି ରହିଛି ।ଆମେରିକା ସହିତ କୌଣସି ବୁଝାମଣା ପୂର୍ବରୁ ଇରାନ ରଖିଛି ପାଞ୍ଚଟି ସର୍ତ୍ତ। ତାହା ମଧ୍ୟରେ ରହିଛି ଲେବାନନ ସମେତ ସମସ୍ତ ସାମ୍ମୁଖ୍ୟରୁ ଯୁଦ୍ଧ ବନ୍ଦ କରାଯାଉ,ଇରାନ ଉପରେ ପୁଣି ଆକ୍ରମଣ ନ କରାଯିବା ପାଇଁ ଗ୍ୟାରେଣ୍ଟି ଦେଉ ଆମେରିକା, ହର୍ମୁଜକୁ ଅବରୋଧ କରିଥିବା ଆମେରିକୀୟ ନୌସେନା ହଟିଯାଉ, ହର୍ମୁଜକୁ ଇରାନ ବ୍ୟବସ୍ଥାର ଅଂଶ ବିବେଚନା କରାଯାଉ,ଇରାନ ପକ୍ଷରୁ ତୈଳ ସଂକ୍ରାନ୍ତ କଟକଣା ହଟାଯାଉ ଏବଂ ଇରାନର ଜବତ ହୋଇଥିବା ସମସ୍ତ ସମ୍ପତ୍ତିକୁ ଏହାକୁ ଫେରାଯାଉ। ଯଦି ଆମେରିକା ଏସବୁ ସର୍ତ୍ତରେ ରାଜି ହୁଏ ତେବେ୩୦ରୁ ୬୦ ଦିନ ମଧ୍ୟରେ ବହୁ ପ୍ରସଙ୍ଗରେ ଚର୍ଚ୍ଚା କରାଯାଇପାରେ। ନିକଟରେ ଇରାନର ସରକାରୀ ଟେଲିଭିଜନରେ ଆମେରିକା ସହିତ ତେହେରାନର ଏକ ଢାଞ୍ଚାଗତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଜରିଆରେ ହର୍ମୁଜ ପ୍ରଣାଳୀ ଖୋଲିବ। ଏହା କେତେ ଦୂର କାର୍ଯ୍ୟକାରୀ ହେବ ସେନେଇ ନାନା ସନ୍ଦେହ ଉପୁଜିଛି।

ତେଣେ ଟ୍ରମ୍ପ ମୁସଲିମ ଦେଶଗୁଡ଼ିକ ସହ ଇସ୍ରାଏଲର ସଂପର୍କ ସୁଧାରିବା ପାଇଁ ଆବ୍ରାହମ ବୁଝାମଣାରେ ସାମିଲ ହେବାକୁ ଅପିଲ କରିଛନ୍ତି। ଅର୍ଥାତ୍ କାତାର, ସାଉଦି ଆରବ, ତୁର୍କୀ, ଜୋର୍ଡାନ,ଇଜିପ୍ଟ ଭଳି ଦେଶ ଏଥିରେ ସାମିଲ ହୁଅନ୍ତୁ, ପରେ ଅନ୍ୟାନ୍ୟ ମୁସଲିମ ପ୍ରସାରିତ କରାଇବା ମତଲବରେ ରହିଛି ଆମେରିକା। ଏହି ବୁଝାମଣାକୁ ପାକ୍ ରୋକଠୋକ ମନା କରିସାରିଲାଣି। ଆଗକୁ ଅନ୍ୟମାନେ ହୁଏତ କରିବେ। ଆବ୍ରାହମ ଚୁକ୍ତିନାମା ହେଉଛି ୨୦୨୦ ମସିହାରେ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଚୁକ୍ତିନାମାର ଏକ ସେଟ୍, ଯାହାକୁ ବୈଦେଶିକ ନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବରେ ବ୍ୟାପକ ଭାବରେ ସ୍ୱୀକୃତି ଦିଆଯାଇଥିଲା। ଚୁକ୍ତିନାମା ଦୀର୍ଘଦିନ ଧରି ଚାଲିଥିବା ପାଲେଷ୍ଟାଇନ-ଇସ୍ରାଏଲ ଏବଂ ବ୍ୟାପକ ଆରବ-ଇସ୍ରାଏଲ ବିବାଦର 'ସମାଧାନ' ପାଇଁ ଏକ ପ୍ରୟାସ ଥିଲା ବୋଲି କୁହାଯାଇଛି।କୁହାଯାଇପାରେ ଯେ ସହଜେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବହୁ ସଂକଟର ଜନ୍ମଦାତା ହେଲାଣି। ଆମେରିକା ହେଉ ଅବା ଇସ୍ରାଏଲ ମାନବ ସଭ୍ୟତାର କଲ୍ୟାଣ ଦୃଷ୍ଟିରୁ ଯୁଦ୍ଧରୁ ଓହରିବା ଆବଶ୍ୟକ। ମାତ୍ର ସର୍ତ୍ତ ଅବା ଆବ୍ରାହମ ବୁଝାମଣା ସ୍ଥିତିରେ ସୁଧାର ଆଣିବାରେ ସହାୟକ ହେବ କି ଅଧିକ ଜଟିଳତା ସୃଷ୍ଟି କରିବ ତାହା ଅନୁମେୟ।

# ଆହୁରି ଉତ୍କଟ ହୋଇପାରେ ତୈଳ ସଙ୍କଟ

**ଡକ୍ଟର ପ୍ରମୋଦ କୁମାର ପଣ୍ଡା**

**"ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ୨୦% କଞ୍ଚା ତେଲ ବିଭିନ୍ନ ଦେଶକୁ ରପ୍ତାନି କରାଯାଉଥିଲା। ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଏହା ଠପ୍ ପଡ଼ିଛି। ଏହାର ପ୍ରଭାବ ସିଧାସଳଖ ତେଲ ଦର ଉପରେ ପଡିଛି। ପେଟ୍ରୋଲ, ଡିଜେଲର ଦାମ୍ ବଢିଛି। ଯୁଦ୍ଧ ଯୋଗୁଁ ପୃଥିବୀର ୯୫ ଦେଶରେ ପୂର୍ବରୁ ତେଲ ମହଙ୍ଗା ହୋଇଛି। ଆମେରିକା, ବ୍ରିଟେନ, ଜାପାନ, ଜର୍ମାନୀ, ଦକ୍ଷିଣ କୋରିଆ, ଇଟାଲୀ, ଫ୍ରାନ୍ସ, ସିଙ୍ଗାପୁର ଭଳି ସମୃଦ୍ଧ ଦେଶ ତେଲ ଦର ୫୦% ପର୍ଯ୍ୟନ୍ତ ବୃଦ୍ଧି କରିସାରିଛନ୍ତି। କିନ୍ତୁ ଭାରତ ତେଲ ଦର ବୃଦ୍ଧି ନକରି ଏହାର ବୋଝ ନିଜ ମୁଣ୍ଡ ଉପରକୁ ନେଇଛି।**

ଫେବୃଆରୀ ୨୮, ୨୦୨୬ ରେ ଇରାନ - ଆମେରିକା, ଇସ୍ରାଏଲ ଯୁଦ୍ଧ ଆରମ୍ଭ ହୋଇଥିଲା। ଏଥିରେ ମଧ୍ୟ-ପ୍ରାଚ୍ୟ ସମେତ ସମଗ୍ର ବିଶ୍ୱ ଗଭୀର ପ୍ରଭାବିତ ହୋଇଥିଲା। ଆଶାତୀତ ଧନଜୀବନ ନଷ୍ଟ ହୋଇଥିଲା। ଏପ୍ରିଲ ୦୮, ୨୦୨୬ ରୁ ଦୀର୍ଘ ୪୯ ଦିନ ହେଲା ଅସ୍ତ୍ରବିରତି ସତ୍ତ୍ୱେ ଯୁଦ୍ଧ ଭଳି ସ୍ଥିତି ଲାଗିରହିଛି। ହର୍ମୁଜ ପ୍ରଣାଳୀ ପ୍ରାୟ ବନ୍ଦ ରହିଛି। ଯୁଦ୍ଧ ପୂର୍ବରୁ ଏହି ସାମୁଦ୍ରିକ ଜଳପଥରେ ଦୈନିକ ୧୦୦ରୁ ୧୪୦ ବାଣିଜ୍ୟିକ ଜାହାଜ ଯିବାଆସିବା କରୁଥିଲା। ଏବେ ଏହା ୯୦% ରୁ ୯୫% ପର୍ଯ୍ୟନ୍ତ ହ୍ରାସ ପାଇଛି। ଦିନକୁ ମାତ୍ର ୧୦ ରୁ ୧୫ ଜାହାଜ ଯାତାୟତ କରୁଛି। ଶତାଧିକ ଜାହାଜ ସମୁଦ୍ରରେ ଫସି ରହିଛନ୍ତି। ହର୍ମୁଜ ପ୍ରଣାଳୀକୁ ଇରାନ ନିଜ କବ୍‌ଜାରେ ରଖିଥିବାବେଳେ ଆମେରିକାର ନାକାବନ୍ଦୀ ଜାରି ରହିଛି। ପାକିସ୍ତାନ ମଧ୍ୟସ୍ଥତାରେ ଆୟୋଜିତ ଇସଲାମାବାଦ ଶାନ୍ତି ଆଲୋଚନା ଦୁଇ ଦୁଇଥର ବିଫଳ ହୋଇଛି। ଫେଲ ମାରିଛି। ଇରାନ ଏବଂ ଆମେରିକା ପରସ୍ପରକୁ ଧମକ ଦେଇଚାଲିଛନ୍ତି। ଯୁଦ୍ଧବିରତି ସର୍ତ୍ତର ସୂତାଖିଅରେ ଲଟକିରହିଛି। ଯୁଦ୍ଧ ବନ୍ଦ ହେବ ନା ପୂର୍ବାପେକ୍ଷା ଭୟଙ୍କର ରୂପ ନେବ ତାହା କାହାକୁ ଜଣାନାହିଁ। ସମସ୍ତେ ସନ୍ଦିହାନ। ଆମେରିକା ଚାହୁଁଛି ଇରାନ ତାର ସମୃଦ୍ଧ ୟୁରାନିୟମ ତାକୁ ହସ୍ତାନ୍ତର କରୁ। ପରମାଣୁ ଅସ୍ତ୍ର ତିଆରି ନକରୁ। ହର୍ମୁଜ ପ୍ରଣାଳୀରୁ ତାର ଆଧିପତ୍ୟ ସମାପ୍ତ କରୁ। ଏସବୁ ସର୍ତ୍ତରେ ଇରାନ ସହମତ ନୁହଁ। ନା ତ ସେ ତାର ସମୃଦ୍ଧ ୟୁରାନିୟମ ଆମେରିକାକୁ ହସ୍ତାନ୍ତର କରିବାକୁ ପ୍ରସ୍ତୁତ ନା ହର୍ମୁଜ ପ୍ରଣାଳୀରୁ ତାର ନିୟନ୍ତ୍ରଣ ହଟାଇବାକୁ ରାଜି। ବରଂ ଯୁଦ୍ଧ ପାଇଁ କ୍ଷତିପୂରଣ, ତା ଉପରେ ଲଗାଯାଇଥିବା ସମସ୍ତ ପ୍ରତିବନ୍ଧକର ତୁରନ୍ତ ଅପସାରଣ ଏବଂ ବିଭିନ୍ନ ବିଦେଶୀ ବ୍ୟାଙ୍କରେ ବନ୍ଧାଥିବା କୋଟି କୋଟି ଧନରାଶି ଶୀଘ୍ରତିଶୀଘ୍ର ରିଲିଜ କରିବା ଜିଦ୍‌ରେ ଅଡ଼ିବସିଛି ଇରାନ। ଏପରି ସ୍ଥିତିରେ ଯୁଦ୍ଧର ପରବର୍ତ୍ତୀ ସ୍ଥିତି ସମ୍ପର୍କରେ କହିବା ଯେତିକି କଠିନ, ତୈଳ ସଙ୍କଟ ଆହୁରି ଉତ୍କଟ ହୋଇପାରେ ବୋଲି ଅନୁମାନ କରିବା ସେତିକି ସହଜ।

ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ୨୦% କଞ୍ଚା ତେଲ ବିଭିନ୍ନ ଦେଶକୁ ରପ୍ତାନି କରାଯାଉଥିଲା। ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଏହା ଠପ୍ ପଡ଼ିଛି। ଏହାର ପ୍ରଭାବ ସିଧାସଳଖ ତେଲ ଦର ଉପରେ ପଡିଛି। ପେଟ୍ରୋଲ, ଡିଜେଲର ଦାମ ବଢିଛି। ଯୁଦ୍ଧ ଯୋଗୁଁ ପୃଥିବୀର ୯୫ ଦେଶରେ ପୂର୍ବରୁ ତେଲ ମହଙ୍ଗା ହୋଇଛି। ଆମେରିକା, ବ୍ରିଟେନ, ଜାପାନ, ଜର୍ମାନୀ, ଦକ୍ଷିଣ କୋରିଆ, ଇଟାଲୀ, ଫ୍ରାନ୍ସ, ସିଙ୍ଗାପୁର ଭଳି ସମୃଦ୍ଧ ଦେଶ ତେଲ ଦର ୫୦% ପର୍ଯ୍ୟନ୍ତ ବୃଦ୍ଧି କରିସାରିଛନ୍ତି। କିନ୍ତୁ ଭାରତ ତେଲ ଦର ବୃଦ୍ଧି ନକରି ଏହାର ବୋଝ ନିଜ ମୁଣ୍ଡ ଉପରକୁ ନେଇଛି। ତୈଳ କମ୍ପାନୀସବୁ କୋଟି କୋଟି ଟଙ୍କା କ୍ଷତି ସହିଛନ୍ତି। ଭାରତ ତାର ଆବଶ୍ୟକତାର ପ୍ରାୟ ୮୯% କଞ୍ଚା ତେଲ ବିଦେଶରୁ ଆମଦାନି କରେ। ପ୍ରଥମେ ବିଶ୍ୱର ଅଳ୍ପ କେତେକ ଦେଶରୁ ଭାରତ ତେଲ ଆମଦାନି କରୁଥିଲା। ସେମାନଙ୍କ ମଧ୍ୟରେ ଉପସାଗରୀୟ ଦେଶ ସବୁ ମୁଖ୍ୟ ଥିଲେ। ହର୍ମୁଜ ଜଳଡମ୍ବରୁ ବାଧିତ ହେବା ପରେ ଭାରତର ତେଲ ଆମଦାନୀ ପ୍ରାୟ ୪୦ ଗୋଟି ଦେଶକୁ ସମ୍ପ୍ରସାରିତ ହୋଇଛି। ଭାରତ ଭେନିଜୁଏଲା ଠାରୁ ଆମଦାନୀ କରୁଥିବା ଅଶୋଧିତ ତେଲର ପରିମାଣ ବୃଦ୍ଧି କରିଛି। ଏପ୍ରିଲରେ ଭେନିଜୁଏଲାରୁ ଦୈନିକ ୨.୮୩ ଲକ୍ଷ ବେରେଲ ତେଲ ଭାରତକୁ ଆସୁଥିଲା। ଏବେ ବୃଦ୍ଧି ଘଟି ଦୈନିକ ୪.୧୭ ଲକ୍ଷ ବେରେଲ ତେଲ ଆମଦାନି ହେଉଛି। ସାଉଦି ଆରବକୁ ପଛରେ ପକାଇ ଭେନିଜୁଏଲା ଭାରତର ତୃତୀୟ ବୃହତ୍ତମ ତୈଳ ଯୋଗାଣକାରୀ ଦେଶ ପାଲଟିଛି। ଇରାନ ଯୁଦ୍ଧ ପୂର୍ବରୁ ଭାରତ ୨୧% ମହଙ୍ଗା ବ୍ରେଣ୍ଟ କ୍ରୁଡ଼ ଅଏଲ ଓ ୭୯% ଶସ୍ତା କଞ୍ଚା ତେଲ ଆମଦାନି କରୁଥିଲା। ଶସ୍ତା କଞ୍ଚା ତେଲ ଉପସାଗରୀୟ ଦେଶଗୁଡ଼ିକରୁ ଆସୁଥିଲା। ଇରାନ ଯୁଦ୍ଧ ପରେ ସ୍ଥିତି ସମ୍ପୂର୍ଣ୍ଣ ବିପରୀତ ହୋଇଛି। ଭାରତକୁ ୬୧% ମହଙ୍ଗା ବ୍ରେଣ୍ଟ ଅଏଲ ଓ ୩୯% ଉପସାଗରୀୟ ଦେଶର ଶସ୍ତା କଞ୍ଚା ତେଲ ମିଳୁଛି।

ତେଣୁ ପେଟ୍ରୋଲ, ଡିଜେଲର ଦାମ ବଢୁଛି। ବିଗତ ଦଶ ଦିନ ମଧ୍ୟରେ ଦେଶରେ ୨୫ ମେ ୨୦୨୬ ରେ ଚତୁର୍ଥ ଥର ପାଇଁ ତେଲ ଦର ବଢିଛି। ଏହା ପୂର୍ବରୁ ୧୫ ମେ, ୧୯ ମେ ଓ ୨୩ ମେ'ରେ ଦର ବୃଦ୍ଧି ହୋଇଥିଲା। ଏବେ ସୁଦ୍ଧା ଚାରିଗୋଟି କିସ୍ତିରେ ପେଟ୍ରୋଲ ଲିଟର ପିଛା ୭.୩୫ ଓ ଡିଜେଲ ଲିଟର ପିଛା ୭.୫୩ ଟଙ୍କା ବୃଦ୍ଧି ପାଇଛି। ଏକ ସର୍ବେକ୍ଷଣ ଅନୁସାରେ ତେଲ ଦର ଲିଟର ପ୍ରତି ୫ ଟଙ୍କା ବଢିଲେ ମହଙ୍ଗା ଦର ୨.୮ ପ୍ରତିଶତକୁ ଛୁଇଁଥାଏ। ଏହାର ମାଡ଼ ସିଧାସଳଖ ସାଧାରଣ ଖାଉଟିଙ୍କ ପକେଟ ଉପରେ ପଡ଼େ। ଫେବୃଆରୀ ୨୦୨୬ରେ କଞ୍ଚା ତେଲ ବେରେଲ ପ୍ରତି ୬୯ ଡ଼ଲାର ଥିଲା। ମାର୍ଚ୍ଚ ଓ ଅପ୍ରିଲ ମାସରେ ଏହା ୧୧୩.୪୯ ଓ ୧୧୪.୪୮ ଡ଼ଲାରକୁ ବୃଦ୍ଧି ଘଟିଥିଲା। ମେ ୨୦୨୬ ରେ ଅନ୍ତର୍ଜାତୀୟ ବଜାରରେ ତେଲଦର ହ୍ରାସ ପାଇ ୧୦୬ ଡ଼ଲାରରେ ପହଞ୍ଚିଥିଲା। ସରକାର କଞ୍ଚା ତେଲ ମହଙ୍ଗା ଥିବାବେଳେ ପେଟ୍ରୋଲ ଡିଜେଲ ଦାମ ବୃଦ୍ଧି କରିନଥିଲେ। କିନ୍ତୁ କଞ୍ଚା ତେଲ ତୁଳନାତ୍ମକ ରୂପେ ଶସ୍ତା ହେବା ପରେ ସାତ ଟଙ୍କା ପର୍ଯ୍ୟନ୍ତ ଦାମ ବୃଦ୍ଧି କରିଛନ୍ତି। ଏପ୍ରିଲ ୨୩ ଓ ୨୯ ତାରିଖରେ ପୁଡୁଚେରୀ ତାମିଲନାଡୁ, ଆସାମ, କେରଳ ଓ ପଶ୍ଚିମ ବଙ୍ଗରେ ବିଧାନସଭା ସାଧାରଣ ନିର୍ବାଚନ ଥିଲା। ପୂର୍ବରୁ ତେଲ ଦର ବୃଦ୍ଧି ନିର୍ବାଚନକୁ ପ୍ରଭାବିତ କରିଥାନ୍ତା।

ତେଣୁ ନିର୍ବାଚନ ପରେ ତେଲ ଦର ବୃଦ୍ଧି ଦେଖିବାକୁ ମିଳୁଛି। ୨୦୨୨ ରୁଷିଆ-ୟୁକ୍ରେନ ଯୁଦ୍ଧ ବେଳେ ପେଟ୍ରୋଲ ଡିଜେଲ ଦରରେ ୧୦ ଟଙ୍କା ବୃଦ୍ଧି ଘଟିଥିଲା। ୨୦୨୪ ରେ ତେଲ ଦର ୧୦ ଟଙ୍କା ଶସ୍ତା କରାଯାଇଥିଲା। କେବଳ ଏନଡ଼ିଏ ସରକାର ନୁହଁ, ୟୁପିଏ ସରକାର ୨୦୦୮ ମସିହାରେ, ଯେତେବେଳେ ଇଣ୍ଡିଆନ କ୍ରୁଡ଼ ବାସ୍କେଟ ୧୩୨ ଡ଼ଲାରରେ ପହଞ୍ଚିଥିଲା, ସେତେବେଳେ ପେଟ୍ରୋଲ ଦର ଲିଟର ପିଛା ୪୫ ଟଙ୍କା ୫୨ ପଇସାରୁ ୫୦ ଟଙ୍କା ୬୨ ପଇସାକୁ ବୃଦ୍ଧି କରିଥିଲେ। ପରେ କଞ୍ଚା ତେଲ ୪୩ ଟଙ୍କାକୁ ଖସିଥିଲେ ସୁଦ୍ଧା ୨୦୦୯ ମସିହା ଲୋକସଭା ନିର୍ବାଚନର ଠିକ ପୂର୍ବରୁ ପେଟ୍ରୋଲ ପ୍ରତି ଲିଟର ୧୦ ଟଙ୍କା ଶସ୍ତା କରିଥିଲେ। ସମସ୍ତଙ୍କ ଗୋଟିଏ ସାଧାରଣ ଧାରଣା କଞ୍ଚା ତେଲ ମହଙ୍ଗା ହେବାରୁ ପେଟ୍ରୋଲ ଡିଜେଲ ଦର ବଢିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଜାନୁଆରୀ-ମାର୍ଚ୍ଚ ୨୦୨୬ ଶେଷ ବାର୍ଷିକ ଚତୁର୍ଥାଂଶରେ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କମ୍ପାନୀର ଲାଭ ୪୧% ବୃଦ୍ଧି ପାଇଛି। ୧୯,୪୭୦ କୋଟି ଟଙ୍କା ଏହି କମ୍ପାନୀଗୁଡ଼ିକର ଶୁଦ୍ଧ ଲାଭ ହୋଇଛି। ୨୦୨୨-୨୩ ରୁ ୨୦୨୫-୨୬ ଚାରି ବର୍ଷ ମଧ୍ୟରେ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ହିନ୍ଦୁସ୍ତାନ ପେଟ୍ରୋଲିୟମ ଓ ଓଏନ୍‌ଜିସି ଯଥାକ୍ରମେ ୯୭୬୨୫, ୬୫୧୨୨, ୪୮୧୧୪ ଏବଂ ୧୫୨୩୪୮ କୋଟି ଟଙ୍କା ଲାଭ ପାଇଥିଲେ ସୁଦ୍ଧା କାହିଁ ସେତେବେଳେ ପେଟ୍ରୋଲ ଡିଜେଲ ଦର ତ କମିନଥିଲା।

ସମ୍ପ୍ରତି ଇରାନ-ଆମେରିକା ଯୁଦ୍ଧ ସଂକଟାପନ୍ନ ସ୍ଥିତିରେ ରହିଛି। ଚୂଡାନ୍ତ ନିଷ୍ପତ୍ତି ସର୍ତ୍ତରେ ଝୁଲୁଛି। ଘଡିକେ ଘୋଡା ଛୁଟୁଛି। କେବେ ଯୁଦ୍ଧ ବନ୍ଦ ହେବ ତାହା ଅନିଶ୍ଚିତ। ହର୍ମୁଜ ସମୁଦ୍ରମାର୍ଗ ସମ୍ପୂର୍ଣ୍ଣ ଉନ୍ମୁକ୍ତ ହେବାର ନାଁ ଧରୁନି। ଶାନ୍ତି ଆଲୋଚନା ଅବ୍ୟାହତ ରହିଛି ବୋଲି ଖବର ଆସୁଛି। ଏହା ୬୦ ଦିନ ପର୍ଯ୍ୟନ୍ତ ଚାଲିପାରେ। ତାପରେ ଯେ ସକାରାତ୍ମକ ନିଷ୍କର୍ଷ ବାହାରିବ ତାର କିଛି ଗ୍ୟାରେଣ୍ଟି ନାହିଁ। ସମସ୍ତେ ନିଜନିଜ ଜିଦରେ ଅଟଳ। ଉପରେ ଦୁର୍ବଳ ମଧ୍ୟସ୍ଥି। ଏଭଳି ଅନିଶ୍ଚିତ ସ୍ଥିତି ଯଦି ଅଧିକ ଦିନ ଲାଗି ରୁହେ ତେବେ ତୈଳ ସଙ୍କଟ ଆହୁରି ଉତ୍କଟ ହେବ। ପେଟ୍ରୋଲ ଡିଜେଲ ଦର ଲିଟର ପିଛା ୧୨ ଟଙ୍କାରୁ ଆରମ୍ଭ କରି ୨୫ ଟଙ୍କା ପର୍ଯ୍ୟନ୍ତ ବଢିବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞଙ୍କ ମତ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦



# ସମରକୋର୍ସ : ଦକ୍ଷତା ବିକାଶ ପାଇଁ ସୁବର୍ଣ୍ଣ ସୁଯୋଗ

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଖରାଦିନ ଛୁଟି ହେଉଛି ପ୍ରକୃଷ୍ଟ ସମୟ, ଯେଉଁ ସମୟରେ ଆପଣ ବହୁତ କିଛି ଶିଖିପାରିବେ ଏବଂ ନିଜ ଭିତରେ ଥିବା ଦକ୍ଷତାର ଭରପୂର ବିକାଶ କରିପାରିବେ। ଅଧିକାଂଶ ପିଲା ବିଦେଶୀ ଭାଷା ଶିଖିବାରେ ରୁଚି ରଖିଥାନ୍ତି। ଏହା ଏତେ କମ୍ ସମୟରେ ଶିଖିବା ମଧ୍ୟ ସମ୍ଭବ ନୁହେଁ। ତେବେ ଯେଉଁ ଛାତ୍ରୀଛାତ୍ରଙ୍କ ସ୍କୁଲରେ ବିଦେଶୀ ଭାଷା ଶିଖାଯାଉଛି, ସେମାନେ ଖରାଦିନ ଛୁଟିର ଦେଢ଼ ମାସ ମଧ୍ୟରେ ଜଣେ ଭଲ ଟ୍ୟୁଟର ସହାୟତାରେ ନିଜକୁ ବିକଶିତ କରିପାରିବେ। ଆପଣ ଠିକ୍ ଭାବେ ବୁଝିବିଚାରି ଖୋଲା ମନରେ ଯୋଜନା କରନ୍ତୁ। ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ନିଜ କ୍ଷମତା ଏବଂ ରୁଚିକୁ ମଧ୍ୟ ଧ୍ୟାନରେ ରଖନ୍ତୁ। ଏହା ମଧ୍ୟ ଜରୁରୀ ନୁହେଁ କି ସମ୍ପୂର୍ଣ୍ଣ ଖରାଦିନ ଛୁଟିକୁ ଆପଣ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟିରେ ବ୍ୟୟ କରିବେ। ଆପଣଙ୍କ ରୁଚି ଯଦି ପାଠପଢ଼ାରେ ଥାଏ ତେବେ ଏହି ଛୁଟି ସମୟରେ ଆପଣ କୌଣସି କୋଚିଂ ସଂସ୍ଥାରେ ଯୋଗ ଦେଇପାରିବେ। ଯେଉଁ ବିଷୟରେ ଦୁର୍ବଳ ଅଛନ୍ତି ସେଥିରେ ଏହି ସମୟରେ ଉନ୍ନତି ଆଣିପାରିବେ। ସମର କୋର୍ସ ବିଷୟରେ ମାତାପିତାମାନେ ଧ୍ୟାନ ରଖିବା ଉଚିତ ଯେ କୋର୍ସ ଚଏସ୍ ପିଲା ଉପରେ ହିଁ ଛଡ଼ାଯାଉ। ଏହାଦ୍ୱାରା ହିଁ ସମୟର ସଦୁପଯୋଗ ହୋଇପାରିବ।

ସ୍କୁଲ କିମ୍ବା ଇନ୍‌ଷ୍ଟିଚ୍ୟୁଟ୍‌ରେ ଦିଆଯାଇଥିବା ପ୍ରୋଜେକ୍ଟ କିମ୍ବା ହୋମୱାର୍କକୁ ଛାଡ଼ି ଦିଅନ୍ତୁ। କାରଣ ଖରାଦିନ ଛୁଟିର ପ୍ରତ୍ୟେକ ସମୟ ନିଜର ବିକାଶରେ ବ୍ୟୟ କରିବା ଦରକାର। ଏହି ସମୟରେ କୌଣସି ପ୍ରକାର ଚାପ ନିଅନ୍ତୁ ନାହିଁ। ଯଦି ଆପଣଙ୍କ ଘର ନିକଟରେ ସୁବିଧା ଥାଏ ତେବେ ଏହି ସମୟରେ ୧ରୁ ଅଧିକ ଆକ୍ଟିଭିଟି, କୋର୍ସ, କ୍ୟାମ୍ପରେ ଯୋଗ ଦେଇପାରିବେ। ଯଦି ଆପଣ ଟେନିସ୍ ଏବଂ ଡ୍ୟାନ୍ସ ଉଭୟରେ ରୁଚି ରଖିଥାନ୍ତି ତେବେ ଗୋଟିଏ କୋର୍ସ ସକାଳେ ଏବଂ ଦ୍ୱିପ୍ରହର କିମ୍ବା ରାତ୍ରିରେଅନ୍ୟ କୋର୍ସ ପାଇଁ ସମୟ ଦେଇପାରିବେ। ଆପଣ ନିଜ ସୁବିଧା ଅନୁଯାୟୀ ସମୟ ପରିଚାଳନା କରିପାରିବେ।

ଯଦି ଆପଣ ତେଜ ଖରାରେ ବାହାରକୁ ଯିବାକୁ ଚାହାନ୍ତିନି ତେବେ ଇଣ୍ଟରନେଟ୍ ଦୁନିଆରେ ଅନେକ କିଛି କରିପାରିବେ। ତେବେ ଅଧିକାଂଶ କୋର୍ସରେ ଆପଣଙ୍କୁ ଯିବା ଆସିବା କରିବାକୁ ପଡ଼ିଥାଏ। ଆପଣ ଯାହା କରିବାକୁ ଚାହୁଁଛନ୍ତି ସେଥିପାଇଁ ଘର ପାଖରେ ସବୁ ସୁବିଧା ମିଳିଯିବ ତାହା ଭାବିବା ଭୁଲ। ଏହା ଆପଣଙ୍କୁ ହିଁ ନିଷ୍ପତ୍ତି ନେବାକୁ ପଡ଼ିବ ଯେ ଆପଣ କେଉଁଠି କୋର୍ସ କରିବାକୁ ଚାହୁଁଛନ୍ତି। ବିଦେଶରେ ମଧ୍ୟ କୋର୍ସ କରିପାରିବେ। ଅନେକ ବିଶ୍ୱବିଦ୍ୟାଳୟରେ ଏଭଳି କୋର୍ସ ଉପଲବ୍ଧ ଅଛି। ନିଜ ଦେଶରେ ମଧ୍ୟ ଏଭଳି କୋର୍ସର ଅଭାବ ନାହିଁ। ଖାଲି ଯେ ଛାତ୍ରଛାତ୍ରୀମାନେ ଏହି କୋର୍ସ କରିପାରିବେ ତାହା ମଧ୍ୟ ନୁହେଁ। ଯେ କୌଣସି ବୟସ୍କ ବ୍ୟକ୍ତିବିଶେଷ ଏଥିରେ ଯୋଗ ଦେଇପାରିବେ। ଛୁଟିଦିନମାନଙ୍କରେ ଦିଆଯାଉଥିବା ସ୍ୱତନ୍ତ୍ର କୋର୍ସଗୁଡ଼ିକ ମଧ୍ୟରେ ପେସାଭିତ୍ତିକ କୋର୍ସ ମଧ୍ୟ ରହିଛି। ଆଇଆଇଟି ଦିଲ୍ଲୀରେ ଅନେକ କୋର୍ସ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରଫେସରମାନଙ୍କୁ ଦୃଷ୍ଟିରେ ରଖି ପ୍ରଦାନ କରାଯାଇଥାଏ। ପ୍ରଫେସନାଲମାନେ ଏହାଦ୍ୱାରା ନିଜ ଦକ୍ଷତାକୁ ଆହୁରି ବଢ଼ାଇପାରିବେ।

ଯଦି ବିଦେଶରେ କିଛି କରିବାକୁ ଚାହାନ୍ତି ଏଥିରେ ମଧ୍ୟ ଅନେକ ବିକଳ୍ପ ଅଛି। ସେଠାରେ ମଧ୍ୟ ଆପଣ କିଛି ସପ୍ତାହ ଧରି କୋର୍ସ କରିପାରିବେ। ଏହାର ଅନେକ ଫାଇଦା ଅଛି। ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ଅନେକ ପ୍ରକାର କୋର୍ସ କରାଯାଇପାରିବ।

ଇଣ୍ଟରନେଟ୍ ଅଛି ତ ଚିନ୍ତା କେଉଁଠି। ଯେଉଁ ସ୍ଥାନରେ ସମର କୋର୍ସରେ ଯୋଗ ଦେବାକୁ ଚାହିଁବେ, ସେଠାରେ ସମର ସ୍କୁଲଗୁଡ଼ିକର ୱେବ୍‌ସାଇଟରୁ ସମସ୍ତ ତଥ୍ୟ ସଂଗ୍ରହ କରିପାରିବେ। ରହିବା ଖାଇବା ନେଇ କି କି ସୁବିଧା ଅଛି ତାହା ୱେବସାଇଟରୁ ଜାଣିପାରିବେ। ପିଲାଙ୍କ ସମର କୋର୍ସ ସମ୍ପର୍କରେ ନିଷ୍ପତ୍ତି ନେବା ସମୟରେ ତାର ବିଦ୍ୟାଳୟର ପାଠ୍ୟକ୍ରମ ମଧ୍ୟ ଦେଖନ୍ତୁ। ବିଶେଷକରି ପିଲାମାନଙ୍କୁ ସୃଜନଶୀଳ ଶିକ୍ଷା ଦିଅନ୍ତୁ, ପରିବେଶ ଓ ବନ୍ଧୁ ବାନ୍ଧବ ମାନଙ୍କ ସହିତ ମିଶିବାର ସୁଯୋଗ ଦିଅନ୍ତୁ। କୌଣସି ଦୂର ଯାତ୍ରା କରିବାକୁ ଚାହୁଁଥିଲେ, ସମର ଛୁଟି ପରିବାର ପାଇଁ ଆନନ୍ଦମୟ ମୁହୂର୍ତ୍ତ।

କଟକ-୧୪, ମୋ : ୭୦୦୮୪୭୮୯୮୬

# କୃତ୍ରିମ ବୁଦ୍ଧିମତ୍ତା : ଆମ ଜୀବନରେ ସମ୍ଭାବନା ଓ ଆହ୍ୱାନ

**ସୁକାନ୍ତ ଛାଟୋଇ**

**"ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ଯଥେଷ୍ଟ କ୍ଷେତ୍ରରେ ବଢ଼ିଛି। ପରିବେଶ ଉପରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ଏହାର ବ୍ୟବହାର ଏପରି ବ୍ୟବସ୍ଥିତ ଯାହାଦ୍ୱାରା ତାପଜ ବିଦ୍ୟୁତ ଉପରେ ନିର୍ଭର କରି ପରିବେଶ କ୍ଷେତ୍ରକୁ ଅଧିକ ବିକଶିତ କରିଥାଏ। ସୃଜନଶୀଳତା ହେଉଛି ମଣିଷର ସବୁଠାରୁ ଅନନ୍ୟ ଗୁଣ ମଧ୍ୟରୁ ଗୋଟିଏ। ଏହା ହେଉଛି ସ୍ଫୁଲିଙ୍ଗ, ଯାହା ଆମକୁ ଉଦ୍ଭାବନ, ଚିତ୍ର ଆଙ୍କିବା, ଗୀତ ଲେଖିବା ଏବଂ ନୂତନ ଉପାୟରେ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ। ସୃଜନଶୀଳତା କେବଳ କଳାକାର କିମ୍ବା ଲେଖକଙ୍କ ମଧ୍ୟରେ ସୀମିତ ନୁହେଁ। ଜଣେ ଚାଷୀ ଯିଏ ଚାଷ କରିବାର ଏକ ଉତ୍ତମ ଉପାୟ ଖୋଜନ୍ତି, ଜଣେ ଶିକ୍ଷକ ଯିଏ ଶିକ୍ଷା ଦେବା ପାଇଁ ଏକ ମଜାଦାର ଉପାୟ ବାହାର କରନ୍ତି, କିମ୍ବା ଜଣେ ବୈଜ୍ଞାନିକ ଯିଏ ଏକ ନୂତନ ଔଷଧ ଆବିଷ୍କାର କରନ୍ତି ସମସ୍ତେ ନିଜର ସୃଜନଶୀଳତା ବ୍ୟବହାର କରନ୍ତି, ଯାହା କଳ୍ପନା, ଭାବନା ଏବଂ ଅଭିଜ୍ଞତାରୁ ଆସେ।**

ମାନବ ଜାତିର ସମୃଦ୍ଧିରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବାସ୍ତବରେ ହେଉଛି ମେସିନଗୁଡ଼ିକ ଦ୍ୱାରା ମାନବୀୟ ବୁଦ୍ଧିରେ ଅନୁକରଣୀୟ। ଏହି ଅନୁକରଣର ସର୍ବୋଚ୍ଚ ଯନ୍ତ୍ରଟି ଏପରି ଏକ ବ୍ୟବସ୍ଥା ଯାହା ଆମେ ଯେମିତି ଭାବିଥାଉ, ଶିଖିଥାଉ, ଆଲୋଚନା, ବିଶ୍ଲେଷଣ ସମୀକ୍ଷା କରିପାରୁ ଏପରିକି ନିଷ୍ପତ୍ତି ମଧ୍ୟ ନେଇପାରୁ। ଏ ସବୁ କାମ ଏହି କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସମ୍ଭବ ହେଉଛି। କୃତ୍ରିମବୁଦ୍ଧିମତ୍ତା ହେଉଛି ଏକ ପ୍ରଯୁକ୍ତି ଯାହା ମେସିନ ଗୁଡ଼ିକୁ ମାନବୀୟ ବୁଦ୍ଧି, ଚିନ୍ତନ ଓ ଶିକ୍ଷା ଶକ୍ତି ଦେଇଥାଏ। ଏହା ମାନବ ପରି ତଥ୍ୟ ବିଶ୍ଲେଷଣ କରି ଅନୁଭବରୁ ଶିଖି ନିଷ୍ପତ୍ତି ନେଇପାରେ।

କୃତ୍ରିମ ବୁଦ୍ଧିମତ୍ତା କମ୍ପ୍ୟୁଟର ବିଜ୍ଞାନର ଏକ ଶାଖା ରୂପେ ଆରମ୍ଭ ହୋଇଥିଲା। ଏହାର କାମ ଥିଲା ମେଶିନ ଗୁଡ଼ିକୁ ମଣିଷ ପରି ଆଚରଣ ବା ଚିନ୍ତା କରିବାର ତାଲିମ ଦେବା। ଏହା କମ୍ପ୍ୟୁଟର ଗୁଡ଼ିକକୁ ଅଭିଜ୍ଞତାରୁ ଶିଖିବା, ଆକୃତି ଚିହ୍ନିବା ଏବଂ ନିଷ୍ପତ୍ତି ନେବାର ଶକ୍ତି ପ୍ରଦାନ କରେ। ଯେତେବେଳେ ଆପଣ ରାସ୍ତା ଖୋଜିବା ପାଇଁ ଗୁଗୁଲ ମେପସ ବ୍ୟବହାର କରନ୍ତି ବା ସ୍ମାର୍ଟଫୋନ ଆପଣଙ୍କ ମୁହଁକୁ ଚିହ୍ନି ଅନଲକ ହୁଏ, କିମ୍ବା ଯେତେବେଳେ ନେଟଫ୍ଲିକ୍ସ ଆପଣଙ୍କ ପସନ୍ଦର ଚଳଚ୍ଚିତ୍ର ସୁପାରିଶ କରେ ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା ଚୁପଚାପ ତାର କାମ କରୁଥାଏ। ଆମ ଅଜାଣତରେ ଆମର ଘର, ଫୋନ, ଅଫିସ ଏବଂ ଏପରିକି ଆମ କଳ୍ପନାରେ ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା ପ୍ରବେଶ କରିସାରିଲାଣି।

ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ଯଥେଷ୍ଟ କ୍ଷେତ୍ରରେ ବଢ଼ିଛି। ପରିବେଶ ଉପରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ଏହାର ବ୍ୟବହାର ଏପରି ବ୍ୟବସ୍ଥିତ ଯାହାଦ୍ୱାରା ତାପଜ ବିଦ୍ୟୁତ ଉପରେ ନିର୍ଭର କରି ପରିବେଶ କ୍ଷେତ୍ରକୁ ଅଧିକ ବିକଶିତ କରିଥାଏ। ସୃଜନଶୀଳତା ହେଉଛି ମଣିଷର ସବୁଠାରୁ ଅନନ୍ୟ ଗୁଣ ମଧ୍ୟରୁ ଗୋଟିଏ। ଏହା ହେଉଛି ସ୍ଫୁଲିଙ୍ଗ, ଯାହା ଆମକୁ ଉଦ୍ଭାବନ, ଚିତ୍ର ଆଙ୍କିବା, ଗୀତ ଲେଖିବା ଏବଂ ନୂତନ ଉପାୟରେ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ। ସୃଜନଶୀଳତା କେବଳ କଳାକାର କିମ୍ବା ଲେଖକଙ୍କ ମଧ୍ୟରେ ସୀମିତ ନୁହେଁ। ଜଣେ ଚାଷୀ ଯିଏ ଚାଷ କରିବାର ଏକ ଉତ୍ତମ ଉପାୟ ଖୋଜନ୍ତି, ଜଣେ ଶିକ୍ଷକ ଯିଏ ଶିକ୍ଷା ଦେବା ପାଇଁ ଏକ ମଜାଦାର ଉପାୟ ବାହାର କରନ୍ତି, କିମ୍ବା ଜଣେ ବୈଜ୍ଞାନିକ ଯିଏ ଏକ ନୂତନ ଔଷଧ ଆବିଷ୍କାର କରନ୍ତି ସମସ୍ତେ ନିଜର ସୃଜନଶୀଳତା ବ୍ୟବହାର କରନ୍ତି, ଯାହା କଳ୍ପନା, ଭାବନା ଏବଂ ଅଭିଜ୍ଞତାରୁ ଆସେ।

ବିଗତ ଅଳ୍ପ କିଛି ବର୍ଷ ମଧ୍ୟରେ ଏଆଇ ମାନବ ଜୀବନର ପ୍ରାୟ ସମସ୍ତ କ୍ଷେତ୍ରରେ ପ୍ରବେଶ କରିଛି ଏବଂ ଆର୍ଥିକଓ ସାମାଜିକ ପରିବର୍ତ୍ତନ ଆଣୁଛି। କୃଷି କ୍ଷେତ୍ରରେ ଏଆଇର ବ୍ୟବହାର ବ୍ୟାପକ ହେବାରେ ଲାଗିଛି। କୃଷି ଉତ୍ପାଦନ ଓ ପ୍ରଶାସନ କ୍ଷେତ୍ରରେ ଏଆଇ ଅନେକ ସହାୟତା କରିପାରୁଛି। ଡ୍ରୋନ ଓ ସେନସର ଦ୍ୱାରା ଫସଲର ଅବସ୍ଥା, ମାଟିର ଆର୍ଦ୍ରତା ଓ ଉର୍ବରତା ମାପ ଯାଇ ପାରୁଛି। ଉପଗ୍ରହ ତଥ୍ୟ ଓ ମେଶିନ ଲର୍ଣ୍ଣିଂ ମଡ଼େଲ ଦ୍ୱାରା ପାଣିପାଗ ଓ ଫସଲ ଉତ୍ପାଦନର ପୂର୍ବାନୁମାନ ସମ୍ଭବ ହୋଇଛି। ଏଆଇ ଆଧାରିତ ସ୍ମାର୍ଟ ଜଳ ସେଚନ ଓ କୀଟପତଙ୍ଗ ନିୟନ୍ତ୍ରଣ ପ୍ରଣାଳୀ ଚାଷୀଙ୍କୁ ବହୁ ପରିମାଣରେ ସାହାଯ୍ୟ କରୁଛି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଦେଖିଲେ, ସ୍ୱାସ୍ଥ୍ୟ ସେବାରେ ଏଆଇର ଅବଦାନ ଅସାଧାରଣ। ରୋଗ ଚିହ୍ନଟରେ ଏଆଇ ଡାକ୍ତରମାନଙ୍କୁ ଅନେକ ମାତ୍ରାରେ ସହାୟତା କରୁଛି। ଯେପରି ଏକ୍ସରେ, ଏମଆରଆଇ ଓ ସିଟି ସ୍କାନରେ କ୍ୟାନସର କିମ୍ବା ଅନ୍ୟ ରୋଗ ଚିହ୍ନଟ ଏଆଇ ଦ୍ୱାରା ସହଜ ହୋଇଛି। ଏଥିସହିତ, ଏଆଇ ଦ୍ୱାରା ନୂଆ ଔଷଧ ଆବିଷ୍କାର ଓ ବ୍ୟକ୍ତିଗତ ଚିକିତ୍ସାରେ ଅଗ୍ରଗତି ହେଉଛି। ଭର୍ଚୁଆଲ ହେଲଥ ଆସିଷ୍ଟାଣ୍ଟ ଓ ଚାଟ୍‌ବଟ୍ ରୋଗୀମାନଙ୍କୁ ଅନେକ ସୁବିଧା ଯୋଗାଇ ଦେଉଛି। ଶିକ୍ଷା କ୍ଷେତ୍ର ମଧ୍ୟ ଏଥିରେ ପଛରେ ପଡ଼ିନାହିଁ। ଏଆଇର ସର୍ବାଧିକ ବ୍ୟବହାର ଶିକ୍ଷା କ୍ଷେତ୍ରରେ ହେଉଛି। ଉଭୟ ଛାତ୍ର ଓ ଶିକ୍ଷକ ଏଆଇରୁ ଅନେକ ମାତ୍ରାରେ ଲାଭବାନ ହୋଇପାରିଛନ୍ତି। ଭାଷା ଶିକ୍ଷା, ଅନଲାଇନ କୋର୍ସ ଓ ଶିକ୍ଷକ ସହାୟକରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି।

ଜଣେ ବିଶିଷ୍ଟ ବୈଜ୍ଞାନିକ ଷ୍ଟିଫେନ ହକିମ୍ ଆଶଙ୍କା ପ୍ରକାଶ କରିଥିଲେ ଯେ ଏଆଇ ଅଧିକ ସମ୍ମୁନତ ହେଲେ ଏହା ବୁଦ୍ଧିମତ୍ତାରେ ମନୁଷ୍ୟକୁ ଅତିକ୍ରମ କରିଯାଇ ଶେଷରେ ମନୁଷ୍ୟକୁ ନିଜର ଦାସ କରିରଖିପାରେ। ବର୍ତ୍ତମାନର ସମୟକୁ ଦେଖିଲେ କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଆଧିପତ୍ୟ ବିସ୍ତାର କରିବା ନିମିତ୍ତ ଏକ ଯୁଦ୍ଧର ସ୍ଥିତି ସୃଷ୍ଟି ହେବାକୁ ଯାଉଛି ଯାହାଦ୍ୱାରା ନୈତିକତା ଓ ସଠିକତାରେ କୃତ୍ରିମ ବୁଦ୍ଧିମତ୍ତାର ଏହି ବିରାଟ ସମ୍ଭାବନା ଅନ୍ଧାରକୁ ଚାଲିନଯାଉ। ଆର୍ଥିକ ଓ ବ୍ୟାଙ୍କିଂ କ୍ଷେତ୍ରରେ ମଧ୍ୟ ଏଆଇର ବ୍ୟବହାରିତା ବଢୁଛି। ଆର୍ଥିକ କ୍ଷେତ୍ରରେ ଏଆଇର ମୁଖ୍ୟ ପ୍ରୟୋଗ ହେଉଛି ଠକେଇ ଚିହ୍ନଟ, ବିଶ୍ଲେଷଣ ଓ ଆର୍ଥିକ ଉପଦେଶ। ବ୍ୟାଙ୍କ ଓ ବୀମା ସଂସ୍ଥାଗୁଡ଼ିକ ଏଆଇ ଆଧାରିତ ଚାଟବଟ୍ ଦ୍ୱାରା ଗ୍ରାହକ ସେବା ଦେଉଛନ୍ତି। ଅଲଗୋରିଥମିକ ଟ୍ରେଡିଂ ଦ୍ୱାରା ଅଳ୍ପ ସମୟରେ ବଡ଼ ବ୍ୟବସାୟିକ ନିଷ୍ପତ୍ତି ନିଆଯାଉଛି। ଉତ୍ପାଦନ ଓ ଶିଳ୍ପ କ୍ଷେତ୍ରରେ ଏଆଇର ଆଧାରିତ ରୋବୋଟିକ୍ସ ଦ୍ୱାରା ଶିଳ୍ପ କାର୍ଯ୍ୟ ଦ୍ରୁତ ଓ ନିଖୁଣ ଭାବରେ ହୋଇପାରୁଛି। ଯଥାନୁସମୟ ମରାମତି କାର୍ଯ୍ୟ ପ୍ରଣାଳୀ ଦ୍ୱାରା ଯନ୍ତ୍ର ଭାଙ୍ଗିବା ପୂର୍ବରୁ ତାହାକୁ ଚିହ୍ନଟ କରି ମରାମତି କରାଯାଉ ପାରୁଛି। ଜଟିଳ ଯନ୍ତ୍ରପାତି ଗୁଡ଼ିକର ସଠିକ ସମସ୍ୟା ଚିହ୍ନଟ ଦ୍ୱାରା ମରାମତି କାର୍ଯ୍ୟ ସ୍ୱଳ୍ପ ସମୟରେ କରାଯାଇ ପାରୁଛି। ଏହା ଉତ୍ପାଦନ ଖର୍ଚ୍ଚ କମାଏ ଓ ଦକ୍ଷତା ବଢ଼ାଏ। ପରିବହନ ଓ ଲଜିଷ୍ଟିକ ଏଆଇ ଆଧାରିତ ସ୍ୱୟଂ ଚାଳିତ ଯାନ ଓ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥାପନରେ ପରିବହନ ବ୍ୟବସ୍ଥା ଅନେକ ମାତ୍ରାରେ ସୁଧୁରୁଛି। ସଠିକ ରାସ୍ତା ଚିହ୍ନଟ ଏବଂ ଦ୍ରବ୍ୟ ହସ୍ତାନ୍ତରରୁ ପୂର୍ବାନୁମାନ ଦ୍ୱାରା ଲଜିଷ୍ଟିକ କ୍ଷେତ୍ରରେ ସମୟ ଓ ଅର୍ଥ ଉଭୟ ସଞ୍ଚୟ ହୋଇପାରୁଛି। ଶାସନ ଓ ପ୍ରଶାସନ ମଧ୍ୟ ଏଆଇ ଦ୍ୱାରା ନିୟନ୍ତ୍ରଣର ଅଧିକ ବିଧିବ୍ୟବସ୍ଥା ସବୁ ଆସୁଛି। ଏଆଇ ଦ୍ୱାରା ପ୍ରଶାସନ ଓ ସାର୍ବଜନିକ ସେବା ଅଧିକ ପ୍ରଭାବଶାଳୀ ହୋଇପାରେ। ତଥ୍ୟ ବିଶ୍ଳେଷଣ ଦ୍ୱାରା ସରକାରୀ ଯୋଜନା, ଯୋଗାଯୋଗ ଓ ନୀତି ନିର୍ଦ୍ଧାରଣ ସୁଧାରିପାରେ।

ଏହା ନିଶ୍ଚିନ୍ତ କୃତ୍ରିମ ବୁଦ୍ଧିମତ୍ତା ନୂତନ ସୃଜନଶୀଳ ଯୁଗର ଦ୍ୱାର ଖୋଲି ଦେଇଛି। କୃତ୍ରିମ ବୁଦ୍ଧିମତ୍ତା ବିକଶିତ ହେବାସହ ସୃଜନଶୀଳତନା ବା ନବ ସୃଜନ ମଧ୍ୟ ବିକଶିତ ହେବ। ଆସନ୍ତା କାଲିର କୃତ୍ରିମ ବୁଦ୍ଧିମତ୍ତା ଶକ୍ତିଶାଳୀ ହୋଇପାରେ କିନ୍ତୁ ଏହା ଜୀବନ୍ତ ନୁହେଁ। ଏମିତି ବି ହୋଇପାରେ ଶେଷରେ ମାନବ ସୃଜନଶୀଳତା ଏବଂ କୃତ୍ରିମ ବୁଦ୍ଧିମତ୍ତା ସହଭାଗିତା ଆମ ସମୟର ସବୁଠାରୁ ରୋମାଞ୍ଚକର କାହାଣୀ ଭିତରୁ ବି ହୋଇପାରେ ଗୋଟିଏ। ସୁତରାଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରସାର ଆମ ସମାଜ, ଅର୍ଥନୀତି, ପରିଚାଳନା ବ୍ୟବସ୍ଥା, ଦୈନନ୍ଦିନ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ। ଏହା ପୂର୍ବରୁ ସମସ୍ତଙ୍କୁ ଡିଜିଟାଲ ସାକ୍ଷରତା ଅନ୍ତର୍ଭୁକ୍ତ କରିବା ଜରୁରୀ। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କ୍ଷେତ୍ରରେ ବ୍ୟକ୍ତିଗତ ଡାଟା ସୁରକ୍ଷା, ଗୋପନୀୟତା ରକ୍ଷା ଓ ନ୍ୟାୟ ସଙ୍ଗତ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯିବା ଅବଶ୍ୟକ। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦ୍ୱାରା ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ସଙ୍କଟକୁ ଦୂରଦୃଷ୍ଟି ଦ୍ୱାରା ଏବେଠୁ ନିରୂପଣ କରି ସମାଧାନ ଓ ପ୍ରତିକାର ନିମନ୍ତେ ନିରାକରଣ ପ୍ରଣାଳୀ ବିକାଶ କରାଯିବା ଉଚିତ। ଏ ଦାୟିତ୍ୱ ଆମ ସମସ୍ତଙ୍କର।

ପୋପରଡ଼ା, ନୂଆବଜାର, କଟକ,
ମୋ : ୮୨୪୯୨୬୦୬୨୧

# ଟ୍ରକ ସହ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ
# କ୍ଷତିପୂରଣ ଦାବିରେ ରାସ୍ତାରୋକ

ପାରଳାଖେମୁଣ୍ଡି, ୨୮ ।୫ (ନିପ୍ର); ନୂଆଗଡ଼ ଗଜପତି ଜିଲ୍ଲା ସେରଙ୍ଗ ଥାନା ଅଧୀନ ଖଜୁରିପଦା ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୩୨୬(ଏ )ତିତିସିଂ ଛକରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଚାଉଳ ବୋଝେଇ ଟ୍ରକ ସହ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ମୃତ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଗଜପତି ଜିଲ୍ଲା ମୋହନା ବ୍ଲକ ଗୁଲୁବା ପଞ୍ଚାୟତ ଲକ୍ଷ୍ମୀପୁର୍ ଗାଁର ଚନ୍ଦନ ଲିମା (୨୦) ଆହତ ବ୍ୟକ୍ତି ମିହିର ଲିମା (୧୯)। ସୂଚନା ପ୍ରକାରେ ଟ୍ରକ୍ ଟି ଗାରାବନ୍ଧ ଠାରୁ ଚାଉଳ ଲୋଡ କରି ଲୁହାଗୁଡ଼ି ଯାଉଥିବା ବେଳେ ଅପର ପକ୍ଷରୁ ଏକ ହୋଣ୍ଡା ବାଇକ



ଯୋଗେ ମୋହନା ବ୍ଲକ୍ ଲକ୍ଷ୍ମୀପୁର୍ ଗାଁରୁ ଦୁଇଜଣ ପାରଳାଖେମୁଣ୍ଡି ଯାଉଥିବା ବେଳେ ତିତିସିଂ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ହୋଇ ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ପଠାଇ ଦେଇଥିଲେ। ଘଟଣା ସ୍ଥଳରେ ଖଜୁରୀପଦା ଫାଣ୍ଡି ପୁଲିସ୍ ପହଞ୍ଚି ତଦନ୍ତ କରୁଥିବା ବେଳେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବାରୁ ପରିବାର ଲୋକେ କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ମୃତ ଦେହକୁ ରାସ୍ତାରେ ରଖି ୩୨୬ ଜାତୀୟ ରାଜପଥକୁ ଅବରୋଧ କରିଥିଲେ।

ବିଡିଓ ଲୋକନାଥ ଶବର, ତହସିଲଦାର ମନାଲିସା ଆଚାର୍ଜି ଏବଂ ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝା ସୁଝା ପରେ ରାସ୍ତା ଅବରୋଧ ହଟିଥିଲା । ପୋଲିସ ମୃତ ଦେହ ଜବତ କରି ୫୮/୨୬ ରୁଜୁ କରି ସବକୁ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନର ତୃତୀୟ ପର୍ଯ୍ୟାୟ ପ୍ରସ୍ତୁତି

ପୁରୀ, ୨୮ ।୫ (ନିପ୍ର): ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର କାର୍ଯ୍ୟ ଆରମ୍ଭ ହୋଇ ଯାଇଛି। ମଇ ୨୦ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନଙ୍କୁ ପ୍ରଶିକ୍ଷଣ ସହ ଆବଶ୍ୟକୀୟ ଫର୍ମ ପ୍ରସ୍ତୁତ କରାଯାଇଛି। ଇତି ମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ଆଲୋଚନା ବୈଠକ ମାଧ୍ୟମରେ ଏସଆଇଆର କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ସୂଚନା ପ୍ରଦାନ ସହ ପ୍ରତ୍ୟେକ ବୁଥରେ ବୁଥସ୍ତରୀୟ ଏଜେଣ୍ଟ ନିୟୋଜନ କରିବାକୁ ଅନୁରୋଧ କରିଛନ୍ତି।କାର୍ଯ୍ୟସୂଚୀ ଅନୁସାରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଛି।ମଇ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିବେ।୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ଯୁକ୍ତି ସଂଗତ ପୁନର୍ବିନ୍ୟାସ କରାଯିବ। ଜୁଲାଇ ୫ ତାରିଖ ରେ ଖସଡା ଭୋଟର ତାଲିକା ପ୍ରକାଶ କରାଯିବ।ଦାବି ଓ ଆପତ୍ତି ଦାଖଲ ସମୟ ସୀମା ଜୁଲାଇ ୫ ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି।ଜୁଲାଇ ୫ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ,ଦାବି ଓ ଆପତ୍ତିର ନିଷ୍ପତ୍ତି ଗ୍ରହଣ କରାଯିବ।ସେପ୍ଟେମ୍ବର ୬ ତାରିଖରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ଏହି ଜାତୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ଜିଲ୍ଲା ପ୍ରଶାସନ କାମନା କରିଛନ୍ତି। ବିଏଲଓ ମାନେ ଭୋଟର ମାନଙ୍କ ଘରକୁ ଘର ପରିଦର୍ଶନ କରିବେ ଓ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ କରିବେ।ସେମାନେ ଭୋଟର ମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଇବେ।ପରିଶେଷରେ ବିଏଲଓ ଭୋଟରଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରିବେ ଓ ଭୋଟରମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକନଲେଜମେଣ୍ଟ ରସିଦ ପ୍ରଦାନ କରିବେ।

# ଓଏଏସ୍ ପାଇଲେ ଆସିକାରୁ ସ୍ନିଗ୍ଧା ଓ ଇତିଶ୍ରୀ

ଆସିକା, ୨୮ ।୫ (ନିପ୍ର); ଚଳିତ ବର୍ଷ ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା (ଓଏଏସ୍)ରେ ଆସିକା ସହରର ସ୍ନିଗ୍ଧା ସେନାପତି ୬୫ ଓ କାଳସଣ୍ଢପୁର ପଞ୍ଚାୟତର ନୂଆଗାଁର ଇତିଶ୍ରୀ ଜେନା ୧୦ ଉତ୍ତୀର୍ଣ୍ଣ ହୋଇ ଅଂଚଳ ପାଇଁ ଗୌରବ ଆଣିଛନ୍ତି । ଆସିକା ସହରର ଜଣାଶୁଣା ବରିଷ୍ଠ ପୂର୍ବତନ କାଉନସିଲର ଏମ ରଶ୍ମିତା ସେନାପତି ଓ ନଗର ବିଜେଡି ସଭାପତି ଏମ ତାରିଣୀ ସେନାପତିଙ୍କ ଜ୍ୟେଷ୍ଠ କନ୍ୟା ସ୍ନିଗ୍ଧା ସେନାପତି । ସେ ପ୍ରଥମରୁ ଶିଶୁ ବିଦ୍ୟା ମନ୍ଦିର,+୨ ରେ ନୀଳକଣ୍ଠ ନଗର ଶିଶୁ ମନ୍ଦିର, ବୁର୍ଲା ରେ ବି ଟେକ ଏବଂ ଏମ ଟେକ ଶେଷ କରି ଓଏଏସ୍ ପରୀକ୍ଷା ଦେଇଥିଲେ । ପ୍ରଥମ ଥର ହୋଇ ନଥିଲେ ମଧ୍ୟ ଦ୍ୱିତୀୟ ଥର ୬୩ ନମ୍ବର ରେଙ୍କ ରଖି ସଫଳତା ପାଇଛନ୍ତି । ସେହିପରି ଆସିକା ଚିନିଶିଳ୍ପ ନୂଆଗାଁର ଇତିଶ୍ରୀ ଜେନା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା (ଓଏଏସ୍)ରେ ୧୦ମ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ନୂଆଗାଁ ଅଂଚଳ ର ଜଣେ ବ୍ୟବସାୟୀ ରୂପେ ପରିଚିତ ପ୍ରକାଶ ଜେନା ଓ ଗାୟତ୍ରୀ ଜେନାଙ୍କ କନିଷ୍ଠା କନ୍ୟା ଇତିଶ୍ରୀ ଜେନା। ଦୁହେଁ ଆସିକା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଦୁଇ ଜଣ କଠିନ ପରିଶ୍ରମ, ନିରନ୍ତର ଚେଷ୍ଟା ତାଙ୍କୁ ଏହି



ସଫଳତା ଆଣି ଦେଇଛି। ବାବନପୁର ସରସ୍ୱତୀ ଶିଶୁ ମନ୍ଦିର ପର୍ଯ୍ୟନ୍ତ ୫ମ ଶ୍ରେଣୀ ପଢ଼ା ପରେ ସୁରଙ୍ଗୀସ୍ଥିତ ନବୋଦୟ ବିଦ୍ୟାଳୟରେ ଯୁକ୍ତ ଦୁଇ ଓ ବିଜେବି ସ୍ୱୟଂଶାସିତ କଲେଜରେ ଯୁକ୍ତ ତିନି ଶିକ୍ଷାଲାଭ କରିଥିଲେ ସେ । ଦ୍ୱିତୀୟ ଥର ୟୁପିଏସ୍‌ସି ପରୀକ୍ଷା ଦେଇ ସେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୁହେଁ ସଫଳତାର ଶ୍ରେୟ ସେ ପରିବାର ଲୋକ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ଜନସାଧାରଣଙ୍କ ପାଇଁ ଉତ୍ତମ ସେବା ଦେବାକୁ ଚେଷ୍ଟା କରିବୁ କହିଛନ୍ତି । ଦୁହିଁଙ୍କୁ ଅଞ୍ଚଳର ଶିକ୍ଷାବିତ, ସାମ୍ବାଦିକ, ରାଜ ନେତା, ରାଜନୈତିକ ବ୍ୟକ୍ତି, କ୍ରୀଡା ପ୍ରେମୀ, ବନ୍ଧୁ ବର୍ଗ ଶୁଭେଚ୍ଛା ଜଣାଇଛନ୍ତି ।

# ଆସିକା ପୋଲିସ ଉପଖଣ୍ଡ ଅଧିକାରୀ ଭାବେ ଦାୟିତ୍ୱ ନେଲେ ସୌରଭ ରଞ୍ଜନ

ଆସିକା, ୨୮ ।୫ (ନିପ୍ର); ଗଞ୍ଜାମ ଜିଲ୍ଲାର ଅତି ସମ୍ବେଦନଶୀଳ ସହର ରୂପେ ପରିଚିତ ଆସିକା। ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭାବେ ସୌରଭ ରଞ୍ଜନ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଦେଓଗଡ଼ ଅଞ୍ଚଳର ହୋଇଥିଲା ବେଳେ ଓପିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏହା ତାଙ୍କ ଚାକିରି ଜୀବନର ପ୍ରଥମ କାର୍ଯ୍ୟସ୍ଥଳୀ ରହିବ। ଦାୟିତ୍ୱ ଗ୍ରହଣ ପରେ ଆସିକା ଏସ ଡି ପି ଓ ଅଧୀନରେ ଥିବା ହିଞ୍ଜିଳି କାଟୁ, ବେଲଗାଁ, ଧରାକୋଟ, ସୋରଡ଼ା, ବଡ଼ଗଡ଼, ଶେରଗଡ଼, ଆସିକା, କୋଟିନଡା, ଥାନା ଇଲାକା ରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା, ଲୋକମାନଙ୍କ ଧନ ଜୀବନକୁ ସୁରକ୍ଷା ପ୍ରଦାନ କରିବା, ଟ୍ରାଫିକ ସମସ୍ୟା ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଅଣାଯିବା ସହ ୱାରେଣ୍ଟି ମାନଙ୍କୁ ତୁରନ୍ତ ଗିରଫ କରିବା ସହ ଆଇନକୁ ସଠିକ ବାଟରେ ନିଆଯିବା ବୋଲି ଏସଡ଼ିପିଓ ପ୍ରଧାନ



କହିଛନ୍ତି। ଆସିକା ଅଞ୍ଚଳରେ ଚୋର ମଦ ସାଙ୍ଗକୁ ଚୋରା ବାଲି ଚାଲାଣ ଉପରେ ରୋକ ଲଗାଯିବ ବୋଲି କହିଛନ୍ତି। ଆସିକା ଉପଖଣ୍ଡ ଇଲାକାର ସମସ୍ତ ଥାନା ଅଧିକାରୀ ମାନଙ୍କୁ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ସହ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର କରିବା ପାଇଁ କହିବା ସହ ଗଣମାଧ୍ୟମର ସହଯୋଗ କାମନା କରିଥିଲେ।

# ମେଡିକାଲ କଲେଜ ପ୍ରସୂତି ବିଭାଗରେ କଲବଲ ହେଉଛନ୍ତି ଗର୍ଭବତୀ ମା ଓ ଶିଶୁ !

ଭବାନୀପାଟଣା, ୨୮ ।୫ (ନିପ୍ର): -ଶିଶୁର ସ୍ୱାସ୍ଥ୍ୟରେ ହିଁ ସମାଜର ଉନ୍ନତିର ଛବି ପ୍ରତିଫଳିତ ହୋଇଥାଏ। କଳାହାଣ୍ଡି ଏକ ଆଦିବାସୀ ବହୁଳ ଜିଲା। ଆଦିବାସୀମାନଙ୍କ ଜୀବନଧାରଣ ପଦ୍ଧତିରେ ଏବେ ବି ବିଶେଷ ପରିବର୍ତ୍ତନ ହୋଇନାହିଁ। ଯାହା ଜିଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଅନୁମାନ କରିହେଉଛି। ଜିଲାରେ ଅନୁସୂଚିତ ଜାତି ଓ ଜନଜାତିର ପରିବାରମାନେ ସର୍ବନିମ୍ନ ସେବା ପାଇବାରୁ ବଞ୍ଚିତ ହେବା ଦୁର୍ଭାଗ୍ୟଜନକ। ଏଭଳି ସ୍ଥିତିକୁ ଉପଲବ୍ଧି କରି ଲାଞ୍ଜିଗଡ଼ ବିଧାୟକ ତଥା ଜିଲା ବିଜେଡ଼ି ସଭାପତି ପ୍ରଦୀପ ଦିଶାରୀ ଅଚାନକ ଭବାନୀପାଟଣା ସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ପରିଦର୍ଶନରେ ଯାଇଥିଲେ। ତେବେ ଡାକ୍ତରମାନେ ଓପିଡିକୁ ବିଳମ୍ବରେ ପହଞ୍ଚି ଚିକିତ୍ସା କରୁଥିବା ଯୋଗୁଁ ଉପଯୁକ୍ତ ସେବା ପାଇବାରୁ ବହୁ ସଂଖ୍ୟାରେ ରୋଗୀ ବଞ୍ଚିତ ହେବା ଘଟଣାରେ ଲାଞ୍ଜିଗଡ଼ ବିଧାୟକ ଦିଶାରୀ କ୍ଷୋଭ ପ୍ରକାଶ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସିଡିଏମ୍‌ଓ ଏବଂ ଅନ୍ୟ ଡାକ୍ତରଙ୍କ ସହ ଅତି ଗମ୍ଭୀରତାର ସହ ସେ ଆଲୋଚନା କରି ସେବା କ୍ଷେତ୍ରରେ ଆଭିମୁଖ୍ୟକୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ବିଭାଗ ତୁଳନାରେ ପ୍ରସୂତି ବିଭାଗ ଅଧିକ ଯନ୍ତ୍ରଣାଦାୟକ। ପ୍ରସୂତି ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସମୟରେ ଆବଶ୍ୟକୀୟ ଶଯ୍ୟା ନାହିଁ। ଯାହା ଦ୍ୱାରା ପ୍ରସବ ଯନ୍ତ୍ରଣା ଭିତରେ ବାରଣ୍ଡାରେ ଛଟପଟ ହୋଇ ରହିବାକୁ ପଡୁଛି। କେବଳ ସେତିକି ନୁହେଁ ଅସ୍ତ୍ରୋପଚାର ପରେ ପ୍ରସୂତି ମଧ୍ୟ ଶଯ୍ୟା ଅଭାବରୁ ତଳେ ଶୋଇବା ଛଡା ଅନ୍ୟଗତି ନାହିଁ। ଗତ ତିନି ଦିନ ପୂର୍ବେ ଜଣେ ଗର୍ଭବତୀ ମହିଳାଙ୍କ ଦୁଃଖ ମର୍ମାହତ କରିଛି। ମହିଳା ଜଣକ ଡାକ୍ତରଖାନାର ପ୍ରସୂତି ବିଭାଗରେ ପହଞ୍ଚିବା ପରେ ଡାକ୍ତର କୁଆଡେ କହିଲେ ତମେ ଗୋଟିଏ ବେଡ ରେଡି କର। ଜଣେ ମହିଳା ବେଡ କିଭଳି ପାଇବେ । ଶେଷରେ ପରିସ୍ଥିତି ଏପରି ହେଲା ଯେ ମହିଳା ଜଣଙ୍କୁ ବୁର୍ଲା ରେଫର୍ କରିଦେଲେ। ବୁର୍ଲାରେ ଶିଶୁ ଟିଏ ଜନ୍ମ ହେଲା। କିନ୍ତୁ ଶିଶୁର ସ୍ୱାସ୍ଥ୍ୟ ଭଲ ନଥିଲା। ନିଃଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟା ଠିକ୍ ହେଉନଥିଲା। ବାଧହୋଇ କଟକ ଏସିବିକୁ ନେବାକୁ ପଡ଼ିଲା। ତେବେ ଭାଗ୍ୟର ବିଡମ୍ବନା ଏମିତି ଯେ ଶେଷରେ ଶିଶୁର ମୃତ୍ୟୁ ଘଟିଲା ବୋଲି ବିଧାୟକ ଦୀଶାରି ସମସ୍ତଙ୍କୁ ଜଣାଇଥିଲେ। ରେଣ୍ଡୋ ମାଝି ମେଡିକାଲ କଲେଜ୍ ହେବା ସତ୍ତ୍ୱେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ କୌଣସି ପରିବର୍ତ୍ତନ ଦେଖାଯାଉନାହିଁ। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ଦୃଷ୍ଟିରୁ ତୁରନ୍ତ ତାହାର ବିକଳ୍ପ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ଡାକ୍ତରଖାନା ଉଚ୍ଚ କର୍ତ୍ତୃପକ୍ଷଙ୍କୁ କହିଥିଲେ। ବିଧାୟକ ପ୍ରଦୀପ ଦିଶାରୀଙ୍କ ସମେତ ବହୁ ବରିଷ୍ଠ ବିଜେଡ଼ି ନେତା ଓ ମହିଳା ଯୁବ ଛାତ୍ର ନେତାମାନେ ଡାକ୍ତରଖାନା ପରିଦର୍ଶନରେ ସାମିଲ ଥିଲେ।



# ବାଇକ୍ ସହ ୫.୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ରେଢ଼ାଖୋଲ, ୨୮ ।୫ (ନିପ୍ର):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନଏସି ଅନ୍ତର୍ଗତ ଶୁଣ୍ଡିମୁଣ୍ଡା ସ୍ଥିତ ରେଳ ଷ୍ଟେସନ ଓଭର ବ୍ରିଜ ନିକଟରେ ବେଆଇନ ଗଞ୍ଜେଇ ଚୋରା ଚାଲାଣ ବେଳେ ପ୍ରାୟ ୫.୬ କେଜି ଗଞ୍ଜେଇ ଜବତ କରିଥିବା ସହ ଜଣେ ଗଞ୍ଜେଇ ଚାଲାଣକାରୀ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ରେଢ଼ାଖୋଲ ପୋଲିସ । ଅଭିଯୁକ୍ତ ଯୁବକ ଜଣଙ୍କ ହେଲେ ସୋନପୁର ଜିଲ୍ଲା ବୀରମହାରାଜପୁର ଥାନା ଅମରପାଲି ଗ୍ରାମର ଭାଗବତ ପ୍ରଧାନ ବୟସ (୨୭)। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ସୁଣ୍ଡିମୁଣ୍ଡା ରେଳ ଷ୍ଟେସନ ଓଭର ବ୍ରିଜ ନିକଟରେ ରେଢ଼ାଖୋଲ ପୋଲିସ



ପକ୍ଷରୁ ପ୍ରାଟ୍ରୋଲିଂ କରୁଥିବା ସମୟରେ ପୋଲିସ କର୍ମଚାରୀ ମାନେ ଦ୍ରୁତ ଗତିରେ ଆସୁଥିବା ବାଇକ୍ ଓଡ଼ି ୩୧ ଏଫ୍ ୭୯୫୭ ନମ୍ବର ବିଶିଷ୍ଟ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ଏଥିରେ ଉକ୍ତ ଅଭିଯୁକ୍ତ ପାଖରୁ ଗୋଟିଏ କଳା ରଙ୍ଗର ଏୟାର ବ୍ୟାଗରୁ ୫.୬ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଉକ୍ତ ଅଭିଯୁକ୍ତ ଯୁବକକୁ ଗିରଫ କରିଥିଲେ । ଏହି ବେଆଇନ ଚୋରା ଚାଲାଣ ଗଞ୍ଜେଇ ରେଢ଼ାଖୋଲ ଦେଇ ସମ୍ବଲପୁର ଜିଲ୍ଲାକୁ ଚାଲାଣ ହେଉଥିବା ପୋଲିସ ପକ୍ଷରୁ କୁହାଯାଇଥିବା ବେଳେ ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୋଲିସ କେସ ନଂ ୯୯/୨୬ ରେ ଏନଡିପିଏସ୍ ଏକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଥାନା ଅଧିକାରୀ ସନ୍ନ୍ୟ କୁମାର ନାଏକ ସୂଚନା ଦେଇଛନ୍ତି।

# କ୍ରସର୍‌ରେ ଶ୍ରମିକ ମୃତ୍ୟୁ ଘଟଣା: ସିଲ୍ କଲା ପ୍ରଶାସନ

ରେଢ଼ାଖୋଲ, ୨୮ ।୫ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଂଶାଜାଲ ପଞ୍ଚାୟତ ହେଲେଇ ଗ୍ରାମ ପଥର କ୍ରସର୍‌ରେ ବିଗତ ଗୋଟିଏ ମାସ ଭିତରେ ୨ଜଣ ଶ୍ରମିକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ପରେ ମଧ୍ୟ କ୍ରସର୍‌କୁ ଆସିନଥିଲେ କ୍ରସର୍ ମାଲିକ । ପ୍ରଥମ ଶ୍ରମିକ ମୃତ୍ୟୁ ହେବାପରେ ତାକୁ ଲୁଚାଇ ବୁର୍ଲା ଡ଼ାକ୍ତରଖାନାକୁ ନେଇ ଥିବା ଘଟଣା ସ୍ଥାନୀୟ ଲୋକେ ଜାଣିବା ପରେ କ୍ରସର୍‌ରେ ଉତ୍ତେଜନା ଲାଗିଥିଲା । ଏବଂ କ୍ରସର୍ ବନ୍ଦ କରିବାକୁ ଲୋକେ କହିଥିଲେ । ଶ୍ରମିକ ଜଣଙ୍କ ବାହାର ରାଜ୍ୟର ହୋଇଥିବାରୁ ଘଟଣାକୁ ଚପାଇ ଦିଆଯାଇଥିବା ବେଳେ ପୁଣି ୨ଦିନ ପୂର୍ବରୁ ଆଉଏକ ଶ୍ରମିକ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଥିବାବେଳେ । ଉତ୍ତ୍ୟକ୍ତ ଗ୍ରାମବାସୀ ମୃତଦେହ ଛାଡିନଥିଲେ ଓ ବାରମ୍ବାର କ୍ରସର୍‌ରେ ଶ୍ରମିକ ମୃତ୍ୟୁ ହେଉଥିବା ଓ ମୃତ୍ୟୁ ପରେ ପୋଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ତଥା କ୍ରସର୍ ମାଲିକଙ୍କ ଦେଖାନଥିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ



ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଛାଡିନଥିଲେ । ପରେ ଘଟଣାସ୍ଥଳକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି ଓ ଏନ୍ ଏ ସି ଇଓ ରଞ୍ଜନ ମାର୍ଥା, ବ୍ଲକ୍ ଅଧକ୍ଷ ପ୍ରଦିପ ପ୍ରଧାନ, ଚାରମାଳ ଆଇଆଇସି ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ କ୍ରସର୍ ମାଲିକଙ୍କୁ ଫୋନକରିଥିଲେ । କ୍ରସର୍ ମାଲିକ ବହୁବାର ଫୋନ୍ କଲ୍ କଲାପରେ ଫୋନ୍ ଉଠାଇବାରୁ ତାଙ୍କୁ ଘଟଣା ସ୍ଥଳରେ ଆସି ତୁରନ୍ତ ପହଞ୍ଚିବାକୁ କହିଥିଲେ । ତଥାପି ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର୍ କରି ପହଞ୍ଚୁଛି କହି ଗାଲୁମାରି ନଆସି ଲୁଚିଥିଲେ କ୍ରସର୍ ମାଲିକ । ଫଳରେ ଘଟଣାସ୍ଥଳରେ ମୃତଦେହକୁ ବହୁ ସମୟ ଧରି ଅଟକାଇ ରଖିଥିଲେ ସ୍ଥାନୀୟ ଲୋକେ। ବହୁସମୟ ପରେ କ୍ରସର୍ ମାଲିକ ନଆସିବାରୁ ଶେଷରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଂଜନ ମହାନ୍ତ ଙ୍କ ନିର୍ଦ୍ଦେଶରେ କ୍ରସର୍‌କୁ ଲାଲି ଫିତା ଓ ନୋଟିସ୍ ଲଗାଇ ସିଜ୍ କରିଥିଲା ପ୍ରଶାସନ।

ପରେ ଉତ୍ତ୍ୟକ୍ତ ଲୋକେ ଓ ମୃତକଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରି କ୍ରସର୍ ମାଲିକଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି ମୃତଦେହକୁ ପୋଲିସ ଜବତ୍ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

# ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗିତା

ଚାରିଛକ, ୨୮ ।୫ (ନିପ୍ର): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶରେ 'ଉତ୍କର୍ଷ ନିମାପଡ଼ା ୨.୦' କାର୍ଯ୍ୟକ୍ରମ ଅଧୀନରେ ବ୍ୟାପକ କ୍ରୀଡ଼ା ପ୍ରତିଯୋଗିତା ଜାରି ରହିଥିବା ବେଳେ ପୁରୀ ଜିଲ୍ଲା ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଛଣିଜଙ୍ଗ ପଞ୍ଚାୟତରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ନୋଡାଲ ଅଫିସର ଭାବେ ଅର୍ଚ୍ଚନା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଉକ୍ତ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଭାଗିରଥି ମଲ୍ଲିକ, ବିଭୁ ପ୍ରସାଦ ସାହୁ, ବରିଷ୍ଠ ବିଜେପି ନେତା ତଥା ଚାରିଛକ ମଣ୍ଡଳ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି , ପଞ୍ଚାୟତ ଅଫିସର କାଳନ୍ଦୀ ନାୟକ , ସି ଏଚ ଓ ଦୀପ୍ତି ମୟୀ ଜେନାଙ୍କ ସମେତ ସ୍ଥାନୀୟ ଆଶା କର୍ମୀମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଖେଳର ଶୁଭାରମ୍ଭ କରିଥିଲେ ।

# ବର୍ଦ୍ଧିତ ଦର ବିରୋଧରେ ବିଜେଡି ପକ୍ଷରୁ ରାସ୍ତାରୋକ

ପାରଳାଖେମୁଣ୍ଡି, ୨୮ ।୫ (ନିପ୍ର): ଗଜପତି ଜିଲ୍ଲା ବିଜେଡି ପକ୍ଷରୁ ବର୍ଦ୍ଧିତ ପେଟ୍ରୋଲ ଓ ଡିଜେଲ ସହ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ଅହେତୁକ ଭାବେ ବୃଦ୍ଧି ବିରୋଧରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି । ପାରଳାଖେମୁଣ୍ଡି ସ୍ଥିତ ଜଙ୍ଗମସାହି ଛକ ନିକଟରେ ଥିବା ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି ନେତା ଓ କର୍ମୀ ଟାୟର ଜାଳି ରାସ୍ତା ରୋକ କରିବା ସହ ଭିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକଙ୍କ ନେତୃତ୍ୱରେ ଶହ ଶହ ବିଜେଡି କର୍ମୀ ଓ ନେତାମାନେ ଯୋଗଦେଇଥିଲେ । ପେଟ୍ରୋଲ ଡିଜେଲର ବର୍ଦ୍ଧିତ ଦରହେତୁ ସାଧାରଣ ଓ ମଧ୍ୟବିତ୍ତ ପରିବାର ଅଣ ନିଶ୍ୱାସ ହେଲେଣି । କ୍ରମାଗତ ଭାବେ ନିତ୍ୟବ୍ୟବହୃତ ସାମଗ୍ରୀ ଆକାଶ ଛୁଆଁ ଦର ହେଲାଣି ।ଆଗକୁ ସାଧାରଣ ଲୋକ ବଞ୍ଚିବାର କଷ୍ଟକର ବ୍ୟାପାର ହେବ । ଲୋକଙ୍କ ସରକାର କହି କ୍ଷମତାକୁ



ଆସି ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଗଠନ କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ଏହି ସରକାର ।

ଆଗାମୀ ଦିନରେ ପେଟ୍ରୋଲ ଦରଦାମରେ ନିୟନ୍ତ୍ରଣ ନଆସିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଜୋରଦାର ଆନ୍ଦୋଳନ କରିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ବିକ୍ଷୋଭ ପ୍ରତିବାଦରେ ବିଜେଡି ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା, ପାରଳାଖେମୁଣ୍ଡି ଉପାଧ୍ୟକ୍ଷ ଲେଙ୍କା ମଧୁ, ଜିଲ୍ଲା ଯୁବ ସଭାପତି ଲେଙ୍କା ସିମାଦ୍ରୀ, ଛାତ୍ର ନେତା ବିଶ୍ୱଜିତ ତ୍ରିପାଠୀ, ପାରଳାଖେମୁଣ୍ଡି ବିଜେଡି ନଗର ସଭାପତି ସୁଧୀରଞ୍ଜନ ମହାପାତ୍ର, ମହିଳା ନଗର ସଭାପତି ତନୁଜା ଶତପଥୀ, ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ ପରିଛା ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି କର୍ମୀ ମାନେ ଯୋଗଦେଇଥିଲେ ।

# ଓଏଏସ ପାଇଲେ ଭାପୁର ଅଞ୍ଚଳର ଯୁବତୀ

ଭାପୁର, ୨୮ ।୫ (ନିପ୍ର); ଦୃଢ଼ ଇଚ୍ଛାଶକ୍ତି କଠିନ ପରିଶ୍ରମ ଆଣିଦେଇଛି ଭାପୁର ଅଞ୍ଚଳର ଛାତ୍ରୀଙ୍କ ପାଇଁ ସଫଳତା।ଓ.ଏ.ଏସ.ପରୀକ୍ଷାରେ ୧୪୫ ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମର ଛେତ ମଲ୍ଲିକଙ୍କ ଝିଅ ପ୍ରତୀକ୍ଷା ପ୍ରିୟଦର୍ଶିନୀ। ସେ ଓ.ଏ.ଏସ. ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭାପୁର ବ୍ଲକ ପାଇଁ ଗର୍ବ ଆଣିଦେଇଛନ୍ତି।ସେ ନୟାଗଡ଼ ଓ୍ୱଲ୍ଡ ଟାଉନର ଜିଲ୍ଲା ପାଠାଗାରରେ ଦୈନିକ ଦୁଇ ଓଳି ଅଧ୍ୟୟନ କରି ନିଜକୁ ଓଏଏସ ପାଇଁ ପ୍ରସ୍ତୁତ କରୁଥିଲେ। ତାଙ୍କର ଏହି କୃତିତ୍ୱ ପାଇଁ ଭାପୁର ବ୍ଲକର ଶିକ୍ଷାବିତ ତଥା ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଛନ୍ତି।

# ବିଦ୍ୟୁତ୍ ଆଘାତରେ କର୍ମଚାରୀ ଗୁରୁତର

ପାରଳାଖେମୁଣ୍ଡି, ୨୮ ।୫ (ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର କେଉଟ ସାହିରେ ବିଦ୍ୟୁତ୍ ମରାମତି କାର୍ଯ୍ୟ ଚାଲିଥିବା ବେଳେ ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀ ଗରୁତର ଭାବେ ଆହତ ହୋଇଥିବାର ଜଣାପଡିଛି । ତେବେ ତାଙ୍କୁ ବିଦ୍ୟୁତ ଖୁଣ୍ଟରେ ଝୁଲନ୍ତା ଅବସ୍ଥାରେ ଉପସ୍ଥିତ ଥିବା ଅନ୍ୟ କର୍ମଚାରୀମାନେ ଉଦ୍ଧାର କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନଆସିବାରୁ ବ୍ରହ୍ମପୁର ସ୍ଥିତ ଏମକେସିଜି କୁ ଅଧିକା ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଛି । ଘଟଣାରୁ ପ୍ରକାଶ ଯେ ବିଗତ ଚାରି ଦିନ ହେଲା କେଉଟ ସାହି ନିକଟରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମରଟି ଓଭର ଲୋଡିଂ ଯୋଗୁଁ ଲଗାଦାର ଭାବେ ଚାରି ରାତିରେ ବାଣ ଫୁଟିବା ପରି ଶବ୍ଦ ହୋଇ ନିଆଁ ଲାଗିଯାଉଥିଲା । ଯାହାକୁ ବିଦ୍ୟୁତ୍ କର୍ମଚାରୀମାନେ ଚାରି ଦିନ ଧରି କାମ କରିଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରିନି ।

## ବିରୋଧ କରୁଥିବା ମହିଳା ମଦବିକ୍ରି କରିବାକୁ ଟେଣ୍ଡର ପ୍ରକ୍ରିୟାରେ ସାମିଲ !
# ମଦ ବିରୋଧୀ ଅଭିଯାନ କୁମ୍ଭୀର କାନ୍ଦଣାକୁ ନେଇ ଉଠିଲା ପ୍ରଶ୍ନ

ଭାପୁର, ୨୮ ।୫ (ନିପ୍ର); ଭାପୁର ବ୍ଲକରେ ମଦ୍ୟପାନକୁ ବିରୋଧ କରିବାରେ ମହିଳା ମାନେ ଆଗରେ ରହୁଥିବାବେଳେ ମଦ ଦୋକାନ ଖୋଲିବା ପାଇଁ ମହିଳାମାନେ ଆଗରେ ରହିଥିବା ଜଣାପଡିଛି। ଯେଉଁ ମଦ ପାଇଁ ସୁନାର ସଂସାର ଚୁନା ହେଉଛି, ଅପରାଧିକ ମାମଲା ବଢ଼ି ଚାଲିଛି ସେହି ମଦ ଦୋକାନ ଖୋଲିବା ପାଇଁ ଭାପୁର ବ୍ଲକର ମହିଳା ମାନେ ମଧ୍ୟ ଆଗରେ ରହିଛନ୍ତି।ମଦ ଦୋକାନ ବନ୍ଦ ଓ ମଦ ବିରୋଧୀ ସ୍ଲୋଗାନ ଦେଉଥିବା ମାଆମାନଙ୍କ ନେତୃତ୍ୱରେ ଶୋଭାଯାତ୍ରା ହେଉଥିଲେ ମଧ୍ୟ ମଦ ଦୋକାନ ଖୋଲିବା ଟେଣ୍ଡର ପ୍ରକ୍ରିୟାରେ ଭାପୁର ବ୍ଲକ ଉଚ୍ଚ ପରିବାରର ମହିଳାମାନେ ସମ୍ପୃକ୍ତ ରହିଥିବା ଜଣାପଡିଛି। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ବାସ୍ତବିକ ପକ୍ଷେ ଆବେଦନକାରୀଙ୍କ ମଧ୍ୟରେ ଶତକଡା ୫୦ ଭାଗ ହେଉଛନ୍ତି ମହିଳା।ମିଳିଥିବା ସୂଚନା ଅନୁଯାୟୀ,ନୂତନ ମଦ ଦୋକାନ ଖୋଲିବା ପାଇଁ ଚଳିତ ମାସ ୮ ତାରିଖରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ୧୮ ତାରିଖ ଦିନ ଆବେଦନ ପତ୍ର ସମାପ୍ତ କରାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା।

ମାତ୍ର,ଆବେଦନକାରୀଙ୍କ ସଂଖ୍ୟା କମ ରହିଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହାକୁ ୨୨ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯିବା ସହିତ ୨୯ ତାରିଖ ଶୁକ୍ରବାର ଦିନ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଲଟେରୀ କରାଯିବ । ଚଳିତ ବର୍ଷ ଅବକାରୀ ନିୟମ କୁ କଡାକଡି କରାଯାଇଛି ଓ ଟେଣ୍ଡରରେ ଭାଗ ନେବାକୁ ପ୍ରତି ମଦ ଦୋକାନ ପିଛା ୩ ଲକ୍ଷ ଟଙ୍କା ଜମା କରିବାକୁ ନିୟମ ହୋଇଛି ଯଦି, ଲଟେରୀରେ ସଫଳତା ନ ମିଳେ ତେବେ ଜମା ଟଙ୍କା ଫେରସ୍ତ ହେବାର ନାହିଁ। ଯେତିକି ପରିମାଣରେ ଦୋକାନୀ ମାନେ ପୂର୍ବରୁ ମଦ କିଣିବା ପାଇଁ ବାଧ୍ୟ ହେଉଥିଲେ ବର୍ତ୍ତମାନ ଏହାକୁ ବହୁ ଗୁଣରେ ବଢ଼େଇ ଦିଆଯାଇ ସମସ୍ତଙ୍କୁ ମଦୁଆ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଚାଲିଛି ।ଭାପୁର ବ୍ଲକରେ ମଦ ଦୋକାନ ଖୋଲିବା ପାଇଁ ୬ ଜଣ ମହିଳା ଆବେଦନକାରୀ ରହିଥିବା ଜଣାପଡିଛି ତେଣୁ,ବ୍ଲକରେ ମହିଳାଙ୍କ ମଦ ବିରୋଧୀ ଅଭିଯାନ କୁମ୍ଭୀର କାନ୍ଦଣା ଦାଣ୍ଡରେ ପଡି ହାଟରେ ଗଡୁଛି।



## ବକ୍ରି ଇଦର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୮।୫: ସମଗ୍ର ଦେଶରେ ବକ୍ରି ଇଦ ଆଜି ପାଳନ କରାଯାଉଛି । ଏନେଇ ଦେଶର ସମସ୍ତ ମୁସଲମାନ ଭାଇ ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ। ରାଷ୍ଟ୍ରପତି ଏକ୍ସରେ ପୋଷ୍ଟ କରି କହିଛନ୍ତି, ଇଦ୍-ଉଲ୍-ଅଜହା ଅବସରରେ ସମସ୍ତ ଦେଶବାସୀ, ଖାସ୍ କରି ମୁସଲମାନ ଭାଇ-ଭଉଣୀଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଉଛି । ବକ୍ରି ଇଦର ସମର୍ପଣ, ତ୍ୟାଗ ଏବଂ ବଳିଦାନର ପ୍ରତୀକ । ଏହି ପର୍ବ ଆମେ ମାନବତାର ସେବା କରିବାକୁ ପ୍ରେରଣା ଦିଏ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଇଦ୍-ଉଲ୍- ଅଜହାର ଶୁଭକାମନା । ପ୍ରାର୍ଥନା କରୁଛି କି, ଏହି ଉତ୍ସବ ଆମ ସମାଜରେ ଭାଇଚାରା ଏବଂ ଖୁସିର ଭାବନାକୁ ମଜବୁତ କରିବ । ସମସ୍ତଙ୍କ ସଫଳତା ଏବଂ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା ।ତେବେ ଇଦ୍-ଉଲ୍-ଅଜଦାକୁ ନେଇ ବିଭିନ୍ନ ରାଜନୈତିକ ବ୍ୟକ୍ତି ବିଶିଷ୍ଟ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ଟିଏମସି ନେତାଙ୍କ ଝୋଟ କ୍ଷେତ ତଳୁ ବାହାରିଲା କୋଟି କୋଟି ଟଙ୍କା

କୋଲକାତା,୨୮।୫: ପଶ୍ଚିମବଙ୍ଗର ବାଦୁଡ଼ିଆ ପୌରପାଳିକାର ଅଧ୍ୟକ୍ଷ ତଥା ଟିଏମସି (ତୃଣମୂଳ କଂଗ୍ରେସ) ନେତା ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କ ଝୋଟ କ୍ଷେତ ତଳୁ ପୋଲିସ କୋଟି କୋଟି ଟଙ୍କାର ବ୍ୟାଗ୍ ଜବତ କରିଛି। ବର୍ତ୍ତମାନ ସୁଦ୍ଧା ୨.୨୪ କୋଟିରୁ ଅଧିକ ଟଙ୍କା ଗଣାସରିଥିବା ବେଳେ ଏହି ପରିମାଣ ୩ କୋଟି ଛୁଇଁପାରେ ବୋଲି ଆଶଙ୍କା କରାଯାଉଛି। ନିକଟରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପିଠାରୁ ଶୋଚନୀୟ ଭାବେ ପରାଜିତ ହେବା ପରେ ଟିଏମସି ଏବେ ସବୁଠାରୁ ବଡ଼ ସାଂଗଠନିକ ସଙ୍କଟ ଦେଇ ଗତି କରୁଛି। ମେ' ୨୪ ତାରିଖ ବିଳମ୍ବିତ ରାତିରେ ଟିଏମସି କାର୍ଯ୍ୟାଳୟରୁ କିଛି ଗାଡ଼ି ସନ୍ଦେହଜନକ ଭାବେ ସାମଗ୍ରୀ ସ୍ଥାନାନ୍ତର କରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହାପରେ ପୋଲିସ ତୁରନ୍ତ ସେଠାରେ ଏବଂ ଦୀପଙ୍କରଙ୍କ ଫାର୍ମହାଉସରେ ଚଢ଼ାଉ କରିଥିଲା। ସେଠାରୁ ପ୍ରାୟ ୮୦ ଲକ୍ଷ ଟଙ୍କା ନଗଦ କ୍ୟାଶ୍ ମିଳିଥିଲା। ବିଜେପିର ଅଭିଯୋଗ ପରେ ପୋଲିସ ଫେରାର ଥିବା ଦୀପଙ୍କରଙ୍କୁ ଗୋଟିଏ ହୋଟେଲରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ହେପାଜତରେ ଜେରା ସମୟରେ ସେ ନିଜ ଘର ପଛପଟେ ଥିବା ଝୋଟ କ୍ଷେତରେ ଟଙ୍କା ଲୁଚାଇଥିବା ସ୍ୱୀକାର କରିଥିଲେ।

## ପ୍ରଖ୍ୟାତ ଉର୍ଦ୍ଦୁ କବି ବଶିର ବଦ୍ରଙ୍କର ୯୧ ବର୍ଷରେ ପରଲୋକ



ନୂଆଦିଲ୍ଲୀ,୨୮।୫: ପ୍ରଖ୍ୟାତ ଉର୍ଦ୍ଦୁ କବି ଡକ୍ଟର ବଶିର ବଦ୍ରଙ୍କର ଗୁରୁବାର ଅପରାହ୍ଣରେ ଭୋପାଳଠାରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ଡକ୍ଟର ବଶିର ବଦ୍ର ଅନେକ ଦିନ ହେଲା ଡିମେନ୍ସିଆ ରୋଗରେ ପୀଡିତ ଥିଲେ। ତାଙ୍କର ସ୍ମୃତିଶକ୍ତି ହ୍ରାସ ପାଇଥିଲା ଓ ସେ ଲୋକମାନଙ୍କୁ ଚିହ୍ନି ପାରୁନଥିଲେ। ଗତ କିଛିଦିନ ହେଲା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଥିଲା। ଗୁରୁବାର ଦିନ ପ୍ରାୟ ୧୨ଟାରେ ତାଙ୍କର ଦେହାନ୍ତ ହୋଇଥିଲା। ଡକ୍ଟର ବଶିର ବଦ୍ର ଉର୍ଦ୍ଦୁ କବିତା ଜଗତର ଏକ ପ୍ରମୁଖ ନାମ ଥିଲେ। ତାଙ୍କର ଗଜଲ ଓ ଶାୟରୀ ସାଧାରଣ ଲୋକଙ୍କଠାରୁ ସାହିତ୍ୟ ଜଗତ ପର୍ଯ୍ୟନ୍ତ ସମସ୍ତେ ପସନ୍ଦ କରୁଥିଲେ। ବଶିର ବଦ୍ରଙ୍କ ଜନ୍ମ ୧୫ ଫେବୃଆରି ୧୯୩୫ ମସିହାରେ ଉତ୍ତର ପ୍ରଦେଶର ଅଯୋଧ୍ୟାରେ ହୋଇଥିଲା। ପରେ ସେ ଭୋପାଳ ଚାଲିଆସିଥିଲେ ଓ ସେଠାରେ ଦୀର୍ଘ ବର୍ଷ ହେଲା ରହିଆସୁଥିଲେ। ସେ ଉର୍ଦ୍ଦୁ ସାହିତ୍ୟକୁ ଅନେକ ସ୍ମରଣୀୟ ଗଜଲ ଓ ପୁସ୍ତକ ପ୍ରଦାନ କରିଥିଲେ। ତାଙ୍କୁ ଅନେକ ପ୍ରତିଷ୍ଠିତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବଶିର ବଦ୍ରଙ୍କ କବିତାରେ ପ୍ରେମ, ଏକାକୀତା, ସମ୍ପର୍କ ଓ ଜୀବନର ଅଭିଜ୍ଞତା ଅତ୍ୟନ୍ତ ସରଳତା ଓ ଗଭୀରତାର ସହିତ ପ୍ରତିଫଳିତ ହେଉଥିଲା।

## ଜଳିଗଲା କାର୍: ୪ ଜୀବନ୍ତ ଦଗ୍ଧ

ଜୟପୁର,୨୮।୫: ରାଜସ୍ଥାନର ଆଜମେର ଜିଲାର ବୋରାଡା ପୋଲିସ ଷ୍ଟେସନ ଅଞ୍ଚଳର ଶ୍ରୀରାମପୁରା ଗାଁରେ ଗୁରୁବାର ସକାଳେ ଏକ ହୃଦୟ ବିଦାରକ ଦୁଃଖଦ ଘଟଣା ଘଟିଛି । ହଠାତ୍ କାରରେ ନିଆଁ ଲାଗି ଚାରି ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଅଗ୍ନିକାଣ୍ଡରେ ଜଣେ ପୂର୍ବତନ ସରପଞ୍ଚ, ତାଙ୍କ ପତ୍ନୀ ଏବଂ ତାଙ୍କ ଭାଣିଜୀ ସମେତ ତିନି ଜଣ ପ୍ରାଣ ହରାଇଥିଲେ। ଏହି ସମୟରେ, ଦୁର୍ଘଟଣାରେ ଗୁରୁତର ପୋଡ଼ିଯାଇଥିବା ଜଣେ ଜିଲା ପରିଷଦ ସଦସ୍ୟ ମଧ୍ୟ ଆହତ ହୋଇ ମୃତ୍ୟୁବରଣ କରିଛନ୍ତି।

## ଭଙ୍ଗା ହେଲା ମେସିଙ୍କ ୭୦ ଫୁଟ ଉଚ୍ଚତାର ମୂର୍ତ୍ତି

ନୂଆଦିଲ୍ଲୀ,୨୮।୫: କୋଲକାତାରେ ନିର୍ମାଣ କରାଯାଇଥିବା ଆର୍ଜେଣ୍ଟିନାର ମହାନ ଫୁଟ୍‌ବଲ୍ ତାରକା ଲିଓନେଲ ମେସିଙ୍କ ଏକ ୭୦ ଫୁଟ ଉଚ୍ଚର ମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି। ସୁରକ୍ଷା କାରଣରୁ ଏଭଳି କରାଯାଇଥିବା ସେଠାକାର ନୂଆ ସରକାର ସୂଚନା ଦେଇଛନ୍ତି। ଏହି ମୂର୍ତ୍ତିଟି ମେସିଙ୍କ ବହୁ ଚର୍ଚ୍ଚିତ ଭାରତ ଗସ୍ତ ବେଳେ ନିର୍ମାଣ କରାଯାଇଥିଲା। ଏଥିଲାଗି ୨୭ ଦିନର ସମୟ ଲାଗିଥିଲା। ତେବେ ଟିକିଏ ବି ଜୋରରେ ପବନ ବହିଲେ ମୂର୍ତ୍ତିଟି ହଲୁଥିବାରୁ ଏହାକୁ କୋଲକାତା ନଗର ନିଗମ ବିପଦପୂର୍ଣ୍ଣ ଶ୍ରେଣୀରେ ସାମିଲ କରିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଗତ ସୋମବାର ଆନୁଷ୍ଠାନିକ ଭାବେ ମୂର୍ତ୍ତିଟିକୁ ଭାଙ୍ଗି ଦିଆଯାଇଥିଲା। ଏହି ସମୟରେ ବିରୋଧ ଓ ବିକ୍ଷୋଭର ଆଶଙ୍କା କରି ପାଖାପାଖି ୫,୦୦୦ ପୁଲିସକର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଭାରତକୁ ସେମି ତାଙ୍କ ବିବାଦୀୟ 'ଗୋଟ୍' କାର୍ଯ୍ୟକ୍ରମ ଅନ୍ତର୍ଗତ କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ଓ ଦିଲ୍ଲୀ ଗସ୍ତ କରିଥିଲେ।

### ଅନୁପ୍ରବେଶକାରୀଙ୍କୁ ଅମିତ ଶାହଙ୍କ ଚେତାବନୀ

# ତୁରନ୍ତ ନିଜ ଦେଶକୁ ଫେରିଯାଅ

ନୂଆଦିଲ୍ଲୀ,୨୮।୫: ଭାରତ-ବାଂଲାଦେଶ ସୀମାରେ ପୋଷ୍ଟ ନିର୍ମାଣ ଏବଂ କଣ୍ଟା ତାର ବାଡ଼ ସ୍ଥାପନ ପାଇଁ ପଶ୍ଚିମବଙ୍ଗ ସରକାର ସୀମା ସୁରକ୍ଷା ବଳ (ବିଏସଏଫ)କୁ ଜମି ହସ୍ତାନ୍ତର କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର କହିଛନ୍ତି ଯେ ପଶ୍ଚିମବଙ୍ଗରେ ନବଗଠିତ ବିଜେପି ସରକାର ବାଂଲାଦେଶ ସୀମାରେ ତାରବାଡ଼ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ସାତ ଦିନ ମଧ୍ୟରେ ବିଏସଏଫକୁ ୬୦୦ ହେକ୍ଟର ଜମି ହସ୍ତାନ୍ତର କରିଛି। ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ବିଜେପି ରାଜ୍ୟର ସୀମାରେ ବାଡ଼ ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିଛି। ସେ କହିଛନ୍ତି, 'ଆମେ ନିର୍ବାଚନ ପ୍ରଚାର ସମୟରେ ପ୍ରତିଶ୍ରୁତି ଦେଇଥିଲୁ ଯେ ଯଦି ଆପଣ ଆମକୁ କ୍ଷମତା ଦିଅନ୍ତି, ତେବେ ଆମେ କିଛି ଦିନ ମଧ୍ୟରେ ବାଂଲାଦେଶ ସୀମାରେ ବାଡ଼ ଦେବା ଆରମ୍ଭ କରିବୁ।'ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ବିଜେପି ରାଜ୍ୟର ସୀମାରେ ବାଡ଼ ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତି ସେ ପୂରଣ କରିଛି। ଆମେ ନିର୍ବାଚନ ପ୍ରଚାର ସମୟରେ ପ୍ରତିଶ୍ରୁତି ଦେଇଥିଲୁ ଯେ ଯଦି ଆପଣ ଆମକୁ କ୍ଷମତା ଦିଅନ୍ତି, ତେବେ ଆମେ କିଛି ଦିନ ମଧ୍ୟରେ ବାଂଲାଦେଶ ସୀମାରେ ବାଡ଼ ଦେବା ଆରମ୍ଭ କରିବୁ।' ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ଶାହ କହିଛନ୍ତି 'ମାତ୍ର ସାତ ଦିନ ମଧ୍ୟରେ ୬୦୦ ହେକ୍ଟର ଜମି ବିଏସଏଫକୁ ହସ୍ତାନ୍ତର କରିବା ପାଇଁ ମୁଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛି।' କେନ୍ଦ୍ର ଗୃହମନ୍ତ୍ରୀ ଅମିତ



ଶାହ ଏହି ପଦକ୍ଷେପକୁ ବିଜେପିର ବ୍ୟାପକ ଜାତୀୟ ସୁରକ୍ଷା ଏଜେଣ୍ଡା ସହିତ ଯୋଡ଼ିଛନ୍ତି ଏବଂ ଦାବି କରିଛନ୍ତି ଯେ ବଙ୍ଗଳାରେ ସରକାର ପରିବର୍ତ୍ତନ ପରେ ବାଂଲାଦେଶ ସୀମା ଦେଇ ଅନୁପ୍ରବେଶ ହ୍ରାସ ପାଇଛି। ପୂର୍ବରୁ, ମମତା ବାନାର୍ଜୀଙ୍କ ଶାସନ ସମୟରେ, ପ୍ରତିଦିନ ଅନୁପ୍ରବେଶ ହେଉଥିଲା, କିନ୍ତୁ ବର୍ତ୍ତମାନ ଅନୁପ୍ରବେଶକାରୀମାନେ ନିଜେ ଫେରିବା ଆରମ୍ଭ କରିଛନ୍ତି। ମୁଁ ଅନୁପ୍ରବେଶକାରୀମାନଙ୍କୁ କହିବାକୁ ଚାହୁଁଛି ସମୟ ଥାଉ ଥାଉ ନିଜ ଦେଶକୁ ଫେରି ଯାଅ।'ଶାହ କହିଛନ୍ତି, 'ଆଜି ବିଜେପି ଦେଶର ଭୌଗୋଳିକ କ୍ଷେତ୍ରର ୮୦ ପ୍ରତିଶତ ଉପରେ ଶାସନ କରୁଛି। ନିକଟରେ ବଙ୍ଗଳାରେ ନିର୍ବାଚନ ହୋଇଥିଲା, ଯେଉଁଠାରେ ଦିଦିଙ୍କ ସରକାର ସମ୍ପୂର୍ଣ୍ଣ ମୂଳପୋଛ ହୋଇଛି। ଗୃହମନ୍ତ୍ରୀ ଅମିତ ଶାହ ଏହା ମଧ୍ୟ କହିଥିଲେ ଯେ ବିଜେପିର 'ଗେରୁଆ ପତାକା' ଏବେ ଉତ୍ତରାଖଣ୍ଡରୁ ଗଙ୍ଗାସାଗର ପର୍ଯ୍ୟନ୍ତ ସମଗ୍ର ଗଙ୍ଗା ଅଞ୍ଚଳରେ ଉଡୁଛି। ଗାନ୍ଧୀନଗର ଗସ୍ତ ସମୟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶାହ ଏହା କହିଛନ୍ତି।

## ତ୍ୱିଶା ଶର୍ମା ମୃତ୍ୟୁ ଘଟଣା: ଶାଶୁ ଗିରିବାଳା ସିଂହ ଗିରଫ



ନୂଆଦିଲ୍ଲୀ,୨୮।୫ : ମଡେଲ୍ , ଅଭିନେତ୍ରୀ ତ୍ୱିଶା ଶର୍ମା ମୃତ୍ୟୁ ଘଟଣାରେ ବଡ ଅପଡେଟ ସାମ୍ନାକୁ ଆସିଛି। ତ୍ୱିଶାଙ୍କ ଶାଶୁ ଗିରିବାଳା ସିଂହ ଗିରଫ ହୋଇଛନ୍ତି। ହାଇକୋର୍ଟ ପୂର୍ବରୁ ତାଙ୍କ ଆଗୁଆ ଜାମିନ ରଦ୍ଦ କରିଥିଲା। ଆଜି ସିବିଆଇ ତାଙ୍କୁ ଗିରଫ କରିଛି। ସିବିଆଇ ଟିମ୍ ପ୍ରାୟ ସକାଳ ସାଢେ ୧୦ଟାରେ ଗିରିବାଳାଙ୍କ ଘରେ ପହଞ୍ଚିଥିଲା। ଏହାପରେ ଅନେକ ଘଣ୍ଟା ପର୍ଯ୍ୟନ୍ତ ତାଙ୍କୁ ପଚରାଉଚରା କରିଥିଲା। ଅଧିକ ଉଚ୍ଚଧରଣର କ୍ୟାମେରା ଦ୍ୱାରା ଟିମ୍ ଘର ଓ ଆଖପାଖ ଅଞ୍ଚଳକୁ ରେକଡିଙ୍ଗ ମଧ୍ୟ କରିଥିଲା। ତ୍ୱିଶା ଶର୍ମା ମାମଲାରେ ଅଭିଯୁକ୍ତ ପୂର୍ବତନ ବିଚାରପତି ଗିରିବାଳା ସିଂହଙ୍କ ଆଗୁଆ ଜାମିନ ବାତିଲ ହେବାର ଗୋଟିଏ ଦିନ ପରେ, ଗୁରୁବାର ଦିନ ସିବିଆଇର ଏକ ଦଳ ତାଙ୍କ ଭୋପାଳ ବାସଭବନରେ ପହଞ୍ଚିଥିଲା। ସୂତ୍ର ଅନୁସାରେ ଦଳ ଗିରିବାଳା ସିଂହଙ୍କୁ ହେପାଜତକୁ ନେଇଛି। ରାଜଧାନୀର ବାଗ ମୁଗାଲିଆ ଏକ୍ସଟେନସନରେ ଗିରିବାଳା ସିଂହଙ୍କ ବାସଭବନରେ ସିବିଆଇ ଅଧିକାରୀଙ୍କ ଏକ ଦଳ ପ୍ରବେଶ କରୁଥିବାର ଦେଖାଯାଇଥିଲା। ସୂତ୍ର ଅନୁସାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗିରିବାଳା ସିଂହଙ୍କୁ ପଚରାଉଚରା କରିଥିଲା ।ଉଲ୍ଲେଖନୀୟ ଯେ ମେ ୧୫ ତାରିଖରେ ସେସନ୍ସ କୋର୍ଟ ପୂର୍ବତନ ଜିଲ୍ଲା ଜଜ୍ ଗିରିବାଳା ସିଂହଙ୍କୁ ଆଗୁଆ ଜାମିନ ପ୍ରଦାନ କରିଥିଲେ। ସେ ଓ ତାଙ୍କ ପୁଅ ସମର୍ଥ ସିଂହଙ୍କ ଉପରେ ଯୌତୁକ ନିର୍ଯାତନା ଅଭିଯୋଗ ହୋଇଛି।

## ପାଞ୍ଚ ଜଣକୁ ଚାପିଦେଲା ବାଲି ବୋଝେଇ ଟ୍ରକ

ଉତ୍ତରପ୍ରଦେଶ,୨୮।୫: ଉତ୍ତରପ୍ରଦେଶ ବାନ୍ଦା ଜିଲ୍ଲା ବିସଣ୍ଡାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବାଲି ଭର୍ତ୍ତି ଟ୍ରକ ୫ ଜଣଙ୍କୁ ଚାପି ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଘଟଣାରେ ଅନ୍ୟ ୫ ଜଣ ଗୁରୁତର ରହିଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ପୋଲିସ ଅଧିକ୍ଷକ ଡାକ୍ତର ଶିବରାଜ କହିଛନ୍ତି, ବୁଧବାର ସନ୍ଧ୍ୟା ୪.୩୦ ସମୟରେ ବିସଣ୍ଡା ପୂର୍ବରୁ ଲୋଲି ଶିବ ଗାଁ ନିକଟରେ ବାଲି ଭର୍ତ୍ତି ଟ୍ରକ ଅବସରପ୍ରାପ୍ତ ଶିକ୍ଷକ ରାମେଶ୍ୱରଙ୍କୁ ଧକ୍କା ଦେଇଥିଲା । ଏହାପରେ ଘଟଣା ସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା । ଏହାପରେ କିଛି ଲୋକ ବାଇକ୍ ଯୋଗେ ଫେରାର ଟ୍ରକର ପିଛା କରିଥିଲେ । ଆଉ ନାଥୁ ନିକଟରେ ଇ-ରିକ୍ସାକୁ ଧକ୍କା ଦେବା ପରେ ଟ୍ରକ ଓଲଟି ପଡିଥିଲା । ଏହି ଘଟଣାରେ ୪ ଜଣ ଲୋକଙ୍କ ଜୀବନ ଚାଲିଯାଇଥିଲା । ଏହି ଦୁର୍ଘଟଣାରେ ଅନ୍ୟ ୫ ଜଣ ମଧ୍ୟ ଆହତ ହୋଇଛନ୍ତି।

## କାନାଡ଼ାରେ ୨୨ ବର୍ଷୀୟା ଗୁଜରାଟୀ ଛାତ୍ରୀଙ୍କୁ ଛୁରିଭୁସି ହତ୍ୟା



ନୂଆଦିଲ୍ଲୀ,୨୮।୫: କାନାଡାର ନିଆଗାରା ଅଞ୍ଚଳରେ ରହୁଥିବା ଗୁଜରାଟର ଜଣେ ୨୨ ବର୍ଷୀୟ ଛାତ୍ରୀଙ୍କୁ ଛୁରିଭୁସି ହତ୍ୟା କରାଯାଇଥିବା ପୁଲିସ କହିଛି। ମୃତ ଛାତ୍ରୀ ଜଣକ ଗୁଜରାଟର ଆନନ୍ଦ ଜିଲ୍ଲାର ବୋରସାଦର ବାସିନ୍ଦା ବିଧି କକ୍ଷେଶଭାଇ ମେଘାନି ଭାବରେ ଚିହ୍ନଟ କରାଯାଇଛି । ଚାରି ବର୍ଷ ହେଲା କାନାଡାରେ ରହି ଆଇନ ପାଠ ପଢୁଥିଲେ ଓ ପାର୍ଟଟାଇମ୍ ଚାକିରି ସହିତ ପାଠ ପଢୁଥିଲେ। ମେ ୧୫ ତାରିଖରୁ ବିଧି ନିଖୋଜ ଥିଲେ । ତଦନ୍ତରୁ ବିଧିଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିବା ଜଣାପଡ଼ିଛି । କାନାଡା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ସନ୍ଦିଗ୍ଧ ବ୍ୟକ୍ତିଙ୍କ ତଲାସି କରୁଛି । କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ବିଧି କାନାଡାରେ ସ୍ଥାୟୀ ବାସିନ୍ଦା ହେବା ପାଇଁ ଆବେଦନ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ମେ ୧୫ ତାରିଖରେ ନିଆଗାରା ଅଞ୍ଚଳରେ ତାଙ୍କ ବାସଭବନ ଛାଡିବା ପରେ ଆକ୍ରମଣ ହୋଇଥିଲା । ପୁଲିସ କହିଛି ଯେ, ଯୁବତୀଙ୍କୁ ସ୍ପଷ୍ଟ ଦିବାଲୋକରେ ଆକ୍ରମଣ କରାଯାଇଥିଲା ଓ ତାଙ୍କ ଶରୀରରେ ଗୁରୁତର ଆଘାତ ଲାଗିଥିଲା । ଘଟଣା ପରେ ସ୍ଥାନୀୟ ବାସିନ୍ଦା ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଯାଇଥିଲେ, କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବିଜେପି ବଦଳାଇଲା ସଭାପତି

### ହର୍ଷ ମାଲହୋତ୍ରାଙ୍କୁ ଦିଲ୍ଲୀ ଦାୟିତ୍ୱ

ନୂଆଦିଲ୍ଲୀ,୨୮।୫: ବିଜେପି ଗୁରୁବାର ତିନି ରାଜ୍ୟ- ତ୍ରିପୁରା, ହରିୟାଣା ଏବଂ ପଞ୍ଜାବ ସହ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ପାଇଁ ନୂଆ ରାଜ୍ୟ ସଭାପତିଙ୍କ ନିଯୁକ୍ତି ଘୋଷଣା କରିଛି। ଏହି ନିଯୁକ୍ତି ସହ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ରାଜ୍ୟମାନଙ୍କ ସହ ଜାତୀୟ ସ୍ତରରେ ମଧ୍ୟ ପଦାଧିକାରୀଙ୍କ ଏକ ନୂଆ ଟିମ୍ ବାଛିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସାଂସଦ ଏବଂ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରାଙ୍କୁ ଦିଲ୍ଲୀରେ ଦଳର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେହିଭଳି ହରିୟାଣାରେ ଅର୍ଚ୍ଚନା ଗୁପ୍ତାଙ୍କୁ ରାଜ୍ୟ ସଭାପତି ଘୋଷଣା କରାଯାଇଛି। ତ୍ରିପୁରାରେ ଅଭିଷେକ ଦେବରାୟ ଏବଂ ପଞ୍ଜାବରେ କେବଲ ସିଂହ ଢିଲ୍ଲୋଁଙ୍କୁ ରାଜ୍ୟ ସଭାପତି ଭାବରେ ନିଯୁକ୍ତ କରାଯାଇଛି। ହର୍ଷ ମାଲହୋତ୍ରା ଏବେ କେନ୍ଦ୍ର ସରକାରରେ କର୍ପୋରେଟ ବ୍ୟାପାର ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ପଦରେ ଅଛନ୍ତି। ସେ ବିରେନ୍ଦ୍ର ସଚଦେବାଙ୍କ ସ୍ଥାନ ନେବେ। ହର୍ଷ ମାଲହୋତ୍ରା ୨୦୨୪ ଲୋକସଭା ନିର୍ବାଚନରେ ପୂର୍ବ ଦିଲ୍ଲୀ ସିଟରୁ ସାଂସଦ ହୋଇଥିଲେ। ସେ କର୍ପୋରେଟର ସହ ପୂର୍ବ ଦିଲ୍ଲୀ ନଗର ନିଗମର ମେୟର ମଧ୍ୟ ରହିସାରିଛନ୍ତି। ଦିଲ୍ଲୀରେ ଆପ୍ ବିରୋଧରେ ପାର୍ଟିକୁ ଆହୁରି ମଜବୁତ କରିବା ଉଦ୍ଦେଶ୍ୟରେ ତାଙ୍କର ଚୟନକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭାବରେ ଦେଖାଯାଉଛି। ହରିୟାଣାରେ ଦଳ ବଡ଼ ସାଂଗଠନିକ ପରିବର୍ତ୍ତନ କରିବା ସହ ମୋହନ ଲାଲ ବଡୌଲୀଙ୍କୁ ହଟାଇ ଡା. ଅର୍ଚ୍ଚନା ଗୁପ୍ତାଙ୍କୁ ନୂଆ ରାଜ୍ୟ ସଭାପତି ଭାବରେ ନିଯୁକ୍ତ କରିଛନ୍ତି। ଡା. ଅର୍ଚ୍ଚନା ଗୁପ୍ତା ଏହା ପୂର୍ବରୁ ପାନିପତ ଜିଲ୍ଲା ସଭାପତି ଭାବରେ କାମ କରିସାରିଛନ୍ତି। ପଞ୍ଜାବରେ ସୁନୀଲ ଜାଖଡ଼ଙ୍କ ତିନି ବର୍ଷର କାର୍ଯ୍ୟକାଳ ସମାପ୍ତ ହେବା ପରେ ପୂର୍ବତନ ବିଧାୟକ କେବଲ ସିଂହ ଢିଲ୍ଲୋଁଙ୍କୁ ରାଜ୍ୟର ନୂଆ ସଭାପତି ନିଯୁକ୍ତ କରାଯାଇଛି। ୭୫ ବର୍ଷୀୟ ଢିଲ୍ଲୋ ୨୦୦୭ରୁ ୨୦୧୭ ପର୍ଯ୍ୟନ୍ତ ବରନାଲାରୁ ବିଧାୟକ ହୋଇଥିଲେ। ପୂର୍ବୋତ୍ତର ରାଜ୍ୟ ତ୍ରିପୁରାରେ ରାଜୀବ ଭଟ୍ଟାଚାର୍ଯ୍ୟଙ୍କ ସ୍ଥାନରେ ଯୁବ ବିଧାୟକ ଅଭିଷେକ ଦେବରାୟଙ୍କୁ ରାଜ୍ୟ ସଭାପତି ଦାୟିତ୍ୱ ଦିଆଯାଇଛି। ୪୦ ବର୍ଷୀୟ ଦେବରାୟ ଗୋମତୀ ଜିଲ୍ଲାର ମାତାବଡ଼ୀ ବିଧାନସଭା କ୍ଷେତ୍ରରୁ ବର୍ତ୍ତମାନ ବିଧାୟକ ଅଛନ୍ତି।

## ହଷ୍ଟେଲରେ ଅଗ୍ନିକାଣ୍ଡ: ୧୬ ଛାତ୍ରୀ ମୃତ, ୭୯ ଆହତ



ନୂଆଦିଲ୍ଲୀ,୨୮।୫: କେନିଆର ନକୁରୁ କାଉଣ୍ଟି ସ୍ଥିତ ଗିଲଗିଟ୍ର ଉଟୁମିଶି ଗାର୍ଲ୍ସ ଏକାଡେମୀର ହଷ୍ଟେଲରେ ଲାଗିଥିବା ଭୀଷଣ ଅଗ୍ନିକାଣ୍ଡ ପୁରା ଦେଶକୁ ଦୋହଲାଇ ଦେଇଛି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ଗୁରୁବାର ଭୋର ସମୟ ପ୍ରାୟ ୩ଟା ୩୦ ମିନିଟରେ ଛାତ୍ରୀଙ୍କ ଡର୍ମିଟୋରୀରେ ନିଆଁ ଲାଗିଯାଇଥିଲା। ଏହି ଅଘଟଣରେ ୧୬ ଜଣ ଛାତ୍ରୀଙ୍କର ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ହୋଇସାରିଛି। ସେଭଳି ଅନ୍ୟ ୭୪ ଜଣ ଆହତ ହୋଇଛି। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। କେନିଆ ରେଡକ୍ରସ୍ ଅନୁସାରେ, ନିଆଁ ଲାଗିବାର ସୂଚନା ମିଳିବା ମାତ୍ରେ ତୁରନ୍ତ ଜରୁରୀକାଳୀନ ସେବା, ଆମ୍ବୁଲାନ୍ସ ଟିମ୍ ଓ ମନୋବିଜ୍ଞାନୀ ସହାୟତା ଦିଆଯାଇଥିଲା। ଉଦ୍ଧାର ଅଭିଯାନ ସଙ୍ଗେସଙ୍ଗେ ଆରମ୍ଭ କରାଯାଇଥିଲା। ସେଭଳି ପ୍ରଶାସନ ପୁରା ପରିସରକୁ ନିଜ ନିୟନ୍ତ୍ରଣରେ ନେଇଛି। ପ୍ରାରମ୍ଭିକ ସୂଚନା ଅନୁସାରେ, ୧୦ ଛାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଆଉ ୬ ଜଣଙ୍କର ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା।

## ସିବିଏସ୍‌ଇ ଓଏସଏମ ପ୍ରକ୍ରିୟାରେ ତ୍ରୁଟି ସ୍ୱୀକାର କଲେ ଧର୍ମେନ୍ଦ୍ର ପ୍ରଧାନ

### କୌଣସି ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେବେ ନାହିଁ



ନୂଆଦିଲ୍ଲୀ,୨୮।୫: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିବିଏସଇର ଅନ୍-ସ୍କ୍ରିନ୍ ମାର୍କିଂ (ଓଏସଏମ) ମୂଲ୍ୟାଙ୍କନ ପ୍ରକ୍ରିୟାରେ ହୋଇଥିବା ତ୍ରୁଟି ପାଇଁ ନିଜେ ଦାୟିତ୍ୱ ନେଇଛନ୍ତି । ଏଥି ସହିତ ସେ ସ୍ପଷ୍ଟ କରିଛନ୍ତି ଯେ, ଏହି ଅନିୟମିତତା ପାଇଁ ଯଦି କେହି ଜାଣିଶୁଣି ଦାୟୀ ଥାଆନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ପୁନଃମୂଲ୍ୟାଙ୍କନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ସିବିଏସଇ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରି ଶିକ୍ଷା ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ଓଏସଏମ୍ ପ୍ରକ୍ରିୟା ଅଧୀନରେ କରାଯାଉଥିବା ବଡ଼ ଧରଣର ସ୍କାନିଂକୁ ନେଇ ଶିକ୍ଷାବିତ୍ ଚିନ୍ତା ପ୍ରକାଶ କରିଥିଲେ । ଏତେ ବଡ଼ ପରିମାଣର ଉତ୍ତର ପତ୍ର ସ୍କାନ କରିବାର କ୍ଷମତା ସମ୍ପୃକ୍ତ କମ୍ପାନି ପାଖରେ ଅଛି କି ନାହିଁ ସେ ବିଷୟରେ ମଧ୍ୟ ପ୍ରଶ୍ନ ଉଠିଥିଲା । ଏହି ଚିନ୍ତା ପରେ, କେନ୍ଦ୍ର ମନ୍ତ୍ରୀ ସିବିଏସଇ ଅଧିକାରୀଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଥିଲେ । ଡିଜିଟାଲ ମୂଲ୍ୟାୟନ ପ୍ରଣାଳୀର ସମୀକ୍ଷା କରିବା ତଥା ଛାତ୍ର ଏବଂ ଶିକ୍ଷା ବିଶେଷଜ୍ଞଙ୍କ ଦ୍ୱାରା ଉଠାଯାଇଥିବା ଅଭିଯୋଗଗୁଡ଼ିକର ଯାଞ୍ଚ କରିବା ପାଇଁ ଆଇଆଇଟିର ଦୁଇଜଣ ବିଶେଷଜ୍ଞ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ ।

# ଇରାନ ଉପରେ ପୁଣି ଆମେରିକାର ଆକ୍ରମଣ

### ହର୍ମୁଜକୁ ବନ୍ଦ କରୁଥିବା ସାମରିକ ଘାଟିକୁ ମିସାଇଲ ମାଡ଼

ନୂଆଦିଲ୍ଲୀ,୨୮।୫: ଇରାନ ଉପରେ ପୁଣି ଆମେରିକାର ଆକ୍ରମଣ ଆମେରିକୀୟ ସେନା ଇରାନ ଭିତରେ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରିଛି। ହର୍ମୁଜ୍ ପ୍ରଣାଳୀରେ ଆମେରିକୀୟ ସେନା ପାଇଁ ବିପଦ ସୃଷ୍ଟି କରୁଥିବା ସାମରିକ ଘାଟିକୁ ଟାର୍ଗେଟ କରି ଏହା କରାଯାଇଛି। ଆମେରିକୀୟ ଅଧିକାରୀ କହିଛନ୍ତି ଯେ ଆମେରିକୀୟ ସେନା ରାତାରାତି ଇରାନରେ ନୂତନ ଆକ୍ରମଣ କରିଛି। ଏହି ଆକ୍ରମଣଗୁଡ଼ିକ ହର୍ମୁଜ ପ୍ରଣାଳୀରେ ଥିବା ଆମେରିକୀୟ ସେନା ଏବଂ ବାଣିଜ୍ୟିକ ସାମୁଦ୍ରିକ ଯାତାୟାତକୁ ବିପଦରେ ପକାଇଥିବା ଏକ ସାମରିକ ସ୍ଥଳକୁ ଟାର୍ଗେଟ କରିଛି ।ଆମେରିକୀୟ ସେନା ଅନେକ ଇରାନୀ ଡ୍ରୋନକୁ ଅଟକାଇ ଖସାଇ ଦେଇଛି। ଏହି ଡ୍ରୋନଗୁଡ଼ିକୁ ମଧ୍ୟ ସମାନ ବିପଦ ସୃଷ୍ଟି କରୁଥିବା ପରି ମନେ କରାଯାଉଥିଲା। ତିନି ମାସ ଧରି ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ପାଇଁ ଚାଲିଥିବା ଆଲୋଚନା ମଧ୍ୟରେ ଆମେରିକାର ଏହି ଆକ୍ରମଣ ହୋଇଥିଲା। ଏହି ଯୁଦ୍ଧ ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଆକ୍ରମଣ ସହିତ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ଯୁଦ୍ଧରେ ହଜାର ହଜାର ଲୋକ ପ୍ରାଣ ହରାଇଛନ୍ତି। ଏହି ସଂଘର୍ଷର ପ୍ରଭାବ ବିଶ୍ୱ ଶକ୍ତି ମୂଲ୍ୟରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଛି ।ଆମେରିକା ଦାବି କରିଛି



ଯେ ଇରାନ ବିରୁଦ୍ଧରେ କରାଯାଇଥିବା ଆକ୍ରମଣ ଆମେରିକାର ସୁରକ୍ଷା ପାଇଁ ନିଆଯାଇଥିବା ପ୍ରତିରକ୍ଷାମୂଳକ ପଦକ୍ଷେପ ଥିଲା। ସେମାନେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ମେ ୨୭ରେ କରାଯାଇଥିବା ଆକ୍ରମଣ ଦ୍ୱିତୀୟ ପ୍ରତିରକ୍ଷାମୂଳକ କାର୍ଯ୍ୟାନୁଷ୍ଠାନ ଥିଲା। ଅଧିକାରୀମାନେ ଇରାନୀ ସେନା ଦ୍ୱାରା କରାଯାଉଥିବା ଆକ୍ରମଣାତ୍ମକ କାର୍ଯ୍ୟକଳାପ ଦେଖିବା ପରେ ଏହି ଆକ୍ରମଣ କରାଯାଇଥିଲା ।ଦୁଇଜଣ ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ସେନା ଚାରୋଟି ଇରାନୀ ଡ୍ରୋନକୁ ଗୁଳି କରି ପଞ୍ଚମ ଡ୍ରୋନ ଉତକ୍ଷେପଣ କରିବାକୁ ପ୍ରସ୍ତୁତ ହେଉଥିବା ଏକ ଘାଟିକୁ ଟାର୍ଗେଟ କରିଥିଲା। ଯେତେବେଳେ ସେମାନେ ଅନୁଭବ କଲେ ଯେ ଏହି ବିମାନଗୁଡ଼ିକ ହରମୁଜ ପ୍ରଣାଳୀ ପାଇଁ ବିପଦ ସୃଷ୍ଟି କରୁଛି ସେତେବେଳେ ସେନା ଏହି ପଦକ୍ଷେପ ନେଇଥିଲା।

# ସୌମ୍ୟରଂଜନ ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

## ଏବେବି ୧୦ ଅଭିଯୁକ୍ତ ଫେରାର : କ୍ରାଇମବ୍ରାଞ୍ଚ ଡିଆଇଜି

ଭୁବନେଶ୍ୱର(ନିପ୍ର): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ଗୁରୁବାର ଦିନ ପୁଣି ଜଣେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କଟକ ସଦର ଥାନା ଗଙ୍ଗେଶ୍ୱରଗଡର ଅଶୋକ ଜେନା ଓରଫ୍ ଗେଡା (୪୫) । ଅଶୋକ ଏକ ହୋଟେଲରେ ଲୁଚିଥିବା ସମୟରେ ତାଙ୍କୁ କୌଶଳକ୍ରମେ କ୍ରାଇମବ୍ରାଞ୍ଚ ଟିମ୍ ଧରିବାରେ ସଫଳ ହୋଇଛି। ଅନ୍ୟପଟେ କ୍ରାଇମବ୍ରାଞ୍ଚର ତଦନ୍ତ ୨୨ ଦିନରେ ପହଞ୍ଚିଛି। ଗିରଫ ଅଭିଯୁକ୍ତ ଅଶୋକ ଏକ ବାଡି ଧରି ସୌମ୍ୟଙ୍କ ମୁଣ୍ଡକୁ ଆକ୍ରମଣ କରିଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି । ଅଭିଯୁକ୍ତ ଅଶୋକକୁ କୋର୍ଟଚାଲାଣ କରାଯାଇଥିଲା । ହେଲେ ଜାମିନ ନ ମିଳିବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୌମ୍ୟ ହତ୍ୟା ମାମଲାରେ ଏହି ଗିରଫଦାରୀକୁ ମିଶାଇ, ମୋଟ୍ ଗିରଫଦାରୀ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି । ଏହି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଗିରଫଦାରୀ ସଂଖ୍ୟା ୬ରେ ପହଞ୍ଚିଛି। ପୂର୍ବରୁ ଏହି ଘଟଣାରେ କମିଶନରେଟ୍ ପୋଲିସ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚ ଟିମ୍ ଉଦ୍ୟମ ଜାରି ରଖିଛି । ବାଡି ଧରି ସୌମ୍ୟଙ୍କ ମୁଣ୍ଡକୁ ପିଟିଥିଲା ଏନେଇ କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଅଭିଯୁକ୍ତ ଅଶୋକ ବିରୋଧରେ ସ୍ପଷ୍ଟ ପ୍ରମାଣ ରହିଛି । ଭାଇରାଲ ଭିଡିଓରେ ମଧ୍ୟ ସିଏ ଥିଲା ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନରୁ ମଧ୍ୟ ପ୍ରମାଣ ମିଳିଛି । ଅଶୋକକୁ ଧରିବାକୁ ତା ଘରେ ବହୁତ ଥର ଚଢ଼ଉ ହୋଇଛି । ଏଥିସହ ତାକୁ ଟ୍ରାକ୍ କରିବାକୁ ଚେଷ୍ଟା କରିଥିଲୁ । ସେ ଗିରଫରୁ ବର୍ତ୍ତିବାକୁ ଲୁଚି ରହୁଥିଲା । ସେ ବାଡି ଧରି ସୌମ୍ୟଙ୍କ ମୁଣ୍ଡ ଏବଂ ଶରୀରର ଅନ୍ୟାନ୍ୟ ସ୍ଥାନକୁ ପଟିଥିଲା। ଡିଆଇଜି ବି. ଗଙ୍ଗାଧର ଆହୁରି କହିଛନ୍ତି ଯେ,ଏହି ମାମଲାରେ ଆହୁରି ୧୦ ଜଣ ଅଭିଯୁକ୍ତ ଫେରାର ରହିଛନ୍ତି । କୌଣସି ଅଭିଯୁକ୍ତକୁ ଛଡାଯିବ ନାହିଁ, ସମସ୍ତଙ୍କୁ ଗିରଫ୍ କରାଯିବ । ମସ୍ତିଷ୍କରେ ଆଘାତ ଲାଗିବା ଯୋଗୁ ସୌମ୍ୟଙ୍କ ମୃତ୍ୟୁ ହୋଇଥିବା ନେଇ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏଥିସହ ସୌମ୍ୟଙ୍କ ଶରୀରର ଅନ୍ୟାନ୍ୟ ଅଂଶରେ ମଧ୍ୟ ଏକାଧିକ ଆଘାତ ଲାଗିଛି। ଏହା ଏକ ସମ୍ବେଦନଶୀଳ ହତ୍ୟାକାଣ୍ଡ । ଘଟଣାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ସୃଷ୍ଟି ହେଉଛି। ସେଥିପାଇଁ ଅଭିଯୁକ୍ତମାନେ ଲୁଚି ଯାଇଛନ୍ତି । ପୀଡିତାଙ୍କ ସହ ସୌମ୍ୟଙ୍କ ପରିଚୟ ନ ଥିଲା । ଭିଡ ହିଂସାର ସ୍ୱତନ୍ତ୍ର ଧାରା ରହିଛି । ପରେ ମଧ୍ୟ ଉକ୍ତ ଦଫା ଲଗାଯାଇ ପାରିବ ବୋଲି ଡିଆଇଜି କହିଛନ୍ତି। ସୂଚନାଯୋଗ୍ୟ ଯେ, ମେ’ ୭ ତାରିଖରେ ସୌମ୍ୟରଞ୍ଜନଙ୍କୁ ଏକ ଦୁର୍ଘଟଣା ଏବଂ ଝିଅକୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା । ସୌମ୍ୟଙ୍କ ହାତ ଓ ଗୋଡକୁ ବାଉଁଶରେ ବାନ୍ଧି ଅତି ଅମାନୁଷିକଭାବେ ଅତ୍ୟାଚାର କରାଯାଇଥିଲା । ଆଉ ସୌମ୍ୟରଞ୍ଜନଙ୍କର ମୃତ୍ୟୁ ହୋଇଥିଲା । ଏହି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବା ବେଳେ ଦୁଇ ମୁଖ୍ୟ ଅଭିଯୁକ୍ତ ସମେତ ୧୬ ଜଣ ଗିରଫ ହୋଇସାରିଲେଣି । ଦୁଇ ମୁଖ୍ୟ ଅଭିଯୁକ୍ତ ହେଲେ ପଞ୍ଚାନନ ବଡଜେନା ଅର୍ଥାତ୍ ‘କାଳିଆ’ ଏବଂ ରଞ୍ଜିତ ରଣାଙ୍କୁ ନୟାଗଡ ରଣପୁର ଜଙ୍ଗଲ ଅଞ୍ଚଳରୁ ଗିରଫ କରାଯାଇଥିଲା। ତେବେ ଏହି ମାମଲାରେ କ୍ରାଇମବ୍ରାଞ୍ଚ ସିସିଟିଭି ଫୁଟେଜ ଏବଂ ଅଭିଯୁକ୍ତଙ୍କୁ ଜେରା କରିବା ପରେ ଜଣକ ପରେ ଲୁଚି ରହିଥିଲା ଅଭିଯୁକ୍ତଙ୍କୁ ଧରୁଛି ।

### କକ୍ରୋଜ୍ ଜନତା ପାର୍ଟି ନାଁରେ ୭ କୋଟିରୁ ଅଧିକ ସାଇବର ଠକେଇ

# ଜାମତାରା ଗ୍ୟାଙ୍ଗର ୪ ଠକଙ୍କୁ ବାନ୍ଧିଲା ସାଇବର ପୋଲିସ

ଭୁବନେଶ୍ୱର(ନିପ୍ର): ପୋଲିସ ବାବୁଙ୍କ ପୁଅ ସାଇବର ସୈତାନ। ଖାଲି ସେତିକି ନୁହେଁ, ୧୪ ରାଜ୍ୟ ପାଇଁ ସେ ଥିଲେ ମୋଷ୍ଟ ୱାଣ୍ଟେଡ। ଏହି ଜାମତରା ଗ୍ୟାଙ୍ଗ କକ୍ରୋଜ୍ ଜନତା ପାର୍ଟି ନାଁରେ ଚଳାଇଥିଲେ ସାଇବର ଠକେଇ । ବିଭିନ୍ନ ଆପ୍ଲିକେଶନ ମାଧ୍ୟମରେ ଲିଙ୍କ ପଠାଇ ଯୁବପିଢିଙ୍କୁ ଭୁଆଁ ବୁଲାଉଛନ୍ତି ସାଇବର ଠକ । ଏହି ସାଇବର ଠକମାନେ ଓଡିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୭ କୋଟିରୁ ଅଧିକ ଟଙ୍କା ଠକେଇ କରିବା ସହ ପୋଲିସକୁ ଚକମା ଦେଇ ଘୁରି ବୁଲୁଥିଲେ । ଏହି ଗ୍ୟାଙ୍ଗକୁ ସାଇବର ଥାନା ପୋଲିସ ଧରିବାରେ ସଫଳ ହୋଇଛି । ଗିରଫ ୪ ସାଇବର ଠକ ହେଲେ ପଶ୍ଚିମବଙ୍ଗର କଲ୍ୟାଣୀପୁର ଥାନା ଅଞ୍ଚଳର ଅୟନ ନାଣ୍ଡି(୨୭), ଝାଡଖଣ୍ଡର ଅଲ୍ଲମୁଦିନ୍? ଅନସାରୀ(୩୬),ଝାଡଖଣ୍ଡ ଦେଓଘରର ଅଭିଶେଷ କୁମାର ଦାସ(୨୧) ଏବଂ ଝାଡଖଣ୍ଡର ବିରେନ୍ଦ୍ର ଦାସ(୨୦) । ଗିରଫ ସାଇବର ଠକମାନଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଅଭିଯୁକ୍ତମାନଙ୍କ ନାମରେ ୧୦ ରୁ ଅଧିକ ରାଜ୍ୟର ବିଭିନ୍ନ ଥାନାରେ ୩୦ରୁ ଅଧିକ ସାଇବର ଠକେଇ ମାମଲା ରହିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଗିରଫ ଅଭିଯୁକ୍ତମାନଙ୍କୁ ଦରକାର ହେଲେ ପୋଲିସ ରିମାଣ୍ଡରେ ନେବାକୁ ଯୋଜନା କରୁଛି । ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ କକ୍ରୋଜ୍? ଜନତା ପାର୍ଟି ନାଁରେ କିଛି ଲିଙ୍କ ଆସୁଥିଲେ ସାବଧାନ । କାରଣ କକ୍ରୋଜ୍? ଜନତା ପାର୍ଟି ନାଁରେ ଚାଲିଛି ସାଇବର ଠକେଇ । ବିଭିନ୍ନ ଆପ୍ଲିକେସନ ମାଧ୍ୟମରେ ଲିଙ୍କ ପଠାଇ ଯୁବପିଢିଙ୍କୁ ଭୁଆଁ ବୁଲାଉଛନ୍ତି ସାଇବର ଠକ । ବର୍ତ୍ତମାନ ଭୁବନେଶ୍ୱର ସାଇବର ଥାନା ପୁଲିସ କବଜାରେ ଧରା ପଡିଛନ୍ତି ୪ଜଣ ସାଇବର ଠକ। କକ୍ରୋଜ ଜନତା ପାର୍ଟି ନାମରେ ଇଚକ ଫାଇଲ କରୁଥିଲେ ସାଇବର ଠକେଇ। ଏଥିସହ ଆରଟିଓ ଚାଲାଣ ନାମରେ ମଧ୍ୟ ଇଚକ ଫାଇଲ ପଠାଇ ଠକେଇ କରୁଥିଲେ। ଏହି ମାମଲାରେ ୪ଜଣ ସାଇବର ଠକଙ୍କୁ ଗିରଫ କଲା ସାଇବର ଥାନା ପୋଲିସ। ଗିରଫ ୪ ଅଭିଯୁକ୍ତ ଝାଡଖଣ୍ଡ ଜାମତରା ଅଞ୍ଚଳର। ୭ କୋଟିରୁ ଅଧିକ ଟଙ୍କା ଠକେଇ କରିଥିଲେ ଏହି ଗ୍ୟାଙ୍ଗ। ଠକେଇ ଟଙ୍କାଙ୍କୁ ନିଜ ମାଆଙ୍କ ଆକାଉଣ୍ଟକୁ ପଠାଇ ଦେଉଥିଲେ ଠକ। ଏହି ଗ୍ୟାଙ୍ଗରେ ଆଉ କିଛି ଅପରାଧୀ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ସାଇବର ଥାନା ପୁଲିସ ଚଢ଼ାଉକୁ ଜୋରଦାର କରିଛି।

### ମରଣାନ୍ତକ ଆକ୍ରମଣ ମାମଲା

## ଅଭିଯୁକ୍ତକୁ ୩ ବର୍ଷ ସଜା

ଭୁବନେଶ୍ୱର(ନିପ୍ର): ଏକ ମରଣାନ୍ତକ ଆକ୍ରମଣର ବିଚାରକରି ଗୁରୁବାର ୩ୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଉଛନ୍ତି, ଅକ୍ଷୟ କୁମାର ଗୋଛି ଓରଫ ଜୁବୁଲି। ସୂଚନାଥାଉ କି, ୨୦୧୬ ମସିହା ଏପ୍ରିଲ ୬ ତାରିଖ ଅପରାହ୍ଣ ୩ଟା ସମୟରେ ଅଭିଯୋଗକାରୀ ହରିହର ସେନାପତିଙ୍କ ପୁତୁରା ବିକାଶ ସେନାପତି ଜଣେ ବାନ୍ଧବୀଙ୍କ ସହ ଆଇନକ୍ସ ସିନେମା ହଲକୁ ସିନେମା ଦେଖିବାକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ସମୟରେ, ସେ ସିନେମା ହଲରୁ ଫେରୁଥିବା ବେଳେ ସହିଦନଗର ଥାନା ଅନ୍ତର୍ଗତ ନିକୋ ପାର୍କ ରୋଡ ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଜୋରଜବରଦସ୍ତ ଅଟକାଇ ଛୁରୀ ଏବଂ ଲୁହା ରଡ୍ ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ପେଟର ଡାହାଣ ପାର୍ଶ୍ୱରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଘଟଣା ସମ୍ପର୍କରେ ତାଙ୍କ ଭାଇ ରଜନୀଙ୍କଠାରୁ ଫୋନ୍ ମାଧ୍ୟମରେ ସୂଚନା ପାଇ ଅଭିଯୋଗକାରୀ କର କ୍ଲିନିକ୍‌କୁ ଯାଇଥିଲେ, ଯେଉଁଠାରେ ଆହତ ବିକାଶ ସେନାପତି ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦେଇଥିଲେ। ପରେ ଅଭିଯୋଗକାରୀ ଏନେଇ ଶହୀଦନଗର ଥାନାରେ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ମାମଲାର ତଦନ୍ତ ଥାନାର ସବ-ଇନ୍ସପେକ୍ଟର ରଶ୍ମିତା ଲାକ୍ରା କରିଥିଲେ। ମାମଲାର ବିଚାର ସମୟରେ ଅଦାଲତ ମୋଟ ୭ ଜଣ ସାକ୍ଷୀଙ୍କ ବୟାନ ଏବଂ ୬ଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି ବିଚାର କାର୍ଯ୍ୟ ସମ୍ପନ୍ନ କରିଥିଲେ। ଅଦାଲତ ତାଙ୍କ ରାୟରେ ଆସାମୀ ଅକ୍ଷୟ କୁମାର ଗୋଛିକୁ ଧାରା-୩୦୮/୩୪ ଆଇପିସି ଅନୁଯାୟୀ ୩ ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ: ଯୁବକ ଗିରଫ

ଶେରଗଡ଼(ନିପ୍ର): ୫ ବର୍ଷର ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ପୋଲିସ ଜନୈକ ଯୁବକକୁ ଗିରଫକରି କୋର୍ଟ ଚାଲାଣ କରିଛି। ୨୫ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ବାହାରେ ଏପଟେ ସେପଟେ ହେଉଥିବା ବେଳେ ୨୪ ବର୍ଷିୟ ଯୁବକ ତାକୁ ଡାକି ଦୁଷ୍କର୍ମ କରିଥିଲା। ନାବାଳିକା ଜଣଙ୍କ ଘରକୁ ଯାଇ ତାର ମାଙ୍କୁ କହିଥିଲା। ମାଙ୍କ ଏତାଲା କ୍ରମେ ଶେରଗଡ଼ ପୋଲିସ ବୁଧବାର ଯୁବକଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଛି।

## ବଡ଼ମାଛପୁର ଗ୍ରାମରେ ବ୍ୟାପକ ଚୋରା ମଦ କାରବାର !

ନିମାପଡ଼ା(ନିପ୍ର): ନିମାପଡ଼ା ଥାନା ଅନ୍ତର୍ଗତ ବଡ଼ମାଛପୁର ଗ୍ରାମର ଜନୈକ ଚୋରା ମଦ କାରବାରରେ ଲିପ୍ତ ବ୍ୟବସାୟୀଙ୍କୁ ପୋଲିସ ଅନୁକମ୍ପା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଗ୍ରାମବାସୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୀର୍ଘଦିନ ଧରି ପୋଲିସ କର୍ମଚାରୀଙ୍କ ସହଯୋଗରେ ସଂପୃକ୍ତ ଚୋରା ମଦ ବ୍ୟବସାୟୀ ସାମ୍ରାଜ୍ୟ ବିସ୍ତାର କରି ଚାଲିଥିବା ବେଳେ ଗ୍ରାମର ମୁରବୀ ବ୍ୟକ୍ତିମାନେ ଥାନାରେ ଜଣାଇବାରୁ ଆପୋଷ ସମାଧାନ ପାଇଁ ପରାମର୍ଶକୁ ମାନି ପୋଲିସ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇ ମଦ କାରବାର କରିବ ନାହିଁ ବୋଲି ଏକ ସଂକଳ୍ପ ପତ୍ର ଥାନାରେ ଦାଖଲ କରିଥିଲେ । ପୁନଃ ବେପାର ବଢ଼ାଇ ଚାଲିବାରୁ ଗ୍ରାମବାସୀ ସଂପୃକ୍ତ ବ୍ୟବସାୟୀଙ୍କୁ ଗ୍ରାମରେ ଅଟକ ରଖି ଥାନାକୁ ଖବର ଦେଇଥିଲେ। ପୋଲିସ ଭ୍ୟାନ୍ ଗ୍ରାମରେ ପହଂଚି ଆସାମୀକୁ ଉଦ୍ଧାର କରି ଥାନାକୁ ଆଣିଥିଲେ ହେଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଛାଡ଼ି ଦେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଜନ ଅସନ୍ତୋଷ ଦେଖାଦେଇ ଏହାର ତଦନ୍ତ ନିମନ୍ତେ ଗଣମାଧ୍ୟମ ଜରିଆରେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଗ୍ରାମବାସୀ ମାନେ କହିଥିଲେ। ନିମାପଡ଼ା ପୋଲିସ ଏବଂ ନିମାପଡ଼ା ଅବକାରୀ ବିଭାଗ ଅଧିକାରୀଙ୍କ ସହଯୋଗରେ ଚୋରା ମଦ କାରବାର ଏଠାରେ ବୃଦ୍ଧି ପାଉଛି ବୋଲି ଜନ ପ୍ରତିନିଧିଙ୍କ ସମେତ ଅନେକ ଜନସାଧାରଣ ଅଭିଯୋଗ କରି ରାଜ୍ୟ ଅବକାରୀ ବିଭାଗ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିବା ସୂଚନା ଦେଇଥିଲେ।

### ପବିତ୍ର ଇଦ୍‌ରେ ବୋହିଲା ରକ୍ତ

# ଦୁଇଗୋଷ୍ଠୀ ମୁହାଁମୁହିଁ: ୩ ଆହତ



ପିପିଲି(ନିପ୍ର): ପିପିଲି ଏସଡିପିଓଙ୍କ କାର୍ଯ୍ୟାଳୟ ଅଧିନ ବଳଙ୍ଗା ଥାନା ଅନ୍ତର୍ଗତ ନୂଆଗୋପାଳପୁର ବସ୍ତିରେ ପବିତ୍ର ଇଦ୍‌ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ୩ଜଣ ଆହତ ହୋଇଛନ୍ତି। ପରିସ୍ଥିତିକୁ ଆଖି ଆଗରେ ରଖି ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ, ସୁନିଲ କୁମାର ପ୍ରଧାନ, ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟ ରଞ୍ଜନ ମହାଳିକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆଖି ଆଗରେ ରଖି ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରିଛନ୍ତି। ଏନେଇ ଥାନାରେ ୨ଗୋଷ୍ଠୀ ପକ୍ଷରୁ ଲିଖିତ ଅଭିଯୋଗ କରଯାଇଛି । ଗ୍ରାମର ମିର ଲିଆକତ ଅଲ୍ଲୀଙ୍କ ପତ୍ନୀ ତସଲିମା ବିବି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୪ଦିନ ତଳେ ଗ୍ରାମର କୋଠ ହିସାବକୁ ନେଇ ଗ୍ରାମର ସୟଦ ଆଲ୍ଲମ୍ ଅଲ୍ଲୀ ଓ ମିର୍ ଲିଆକତଙ୍କ ମଧ୍ୟରେ ଉଚବାଚ ହୋଇଥିଲା। ଗୁରୁବାର ମଧ୍ୟାହ୍ନରେ ମୀର୍ ଲିଆକତ ମସଜିଦକୁ ନମାଜ ପାଠ କରିବାକୁ ଯିବା ସମୟରେ ପୂର୍ବ ଯୋଜନା ମୁତାବକ ସୟଦ ଆଲମ ଓ ତାଙ୍କର ପୁତୁରାମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ମୀର ଲିଆକତଙ୍କ ମୁଣ୍ଡ ଫଟିଯାଇଥିଲା। ସେହିଭଳି ଗ୍ରାମର ସୟଦ ଅଜଗର ଅଲ୍ଲିଙ୍କ ମୋବାଇଲକୁ ମିର ଲିଆକତ ଅଲ୍ଲୀ ଫୋନକରି ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରି ଘରୁ ବାହାରକୁ ଡାକିଥିଲେ। ଅଜଗର ଓ ତାଙ୍କ ଭାଇ ସୟଦ ରିଆସତ ଅଲ୍ଲୀ ଘରୁ ବାହାରକୁ ବାହାରିବା ମାତ୍ରେ ମିର ଲିଆକତ ଓ ମିର ନସତ ଅଲ୍ଲୀ, ମିର ରିଆଜତ ଅଲ୍ଲୀ, ଟୁଲୁ ମହମ୍ମଦ, ସୋହେବ ଶାହା ପ୍ରମୁଖ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ରିଆସତଙ୍କ ପତ୍ନୀ ରେଜୁୟାନ ବିବି ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନାରେ ୧୬୦/୨୬ ଓ ୧୬୧/୨୬ରେ ୨ଟି ମାମଲା ରୁଜୁ କରାଯାଇଥିଲା ବେଳେ ସନ୍ଧ୍ୟା ସମୟରେ ଅତିରିକ୍ତ ଏସପି ସଚିନ ପଟେଲ ଥାନାରେ ପହଞ୍ଚି ଘଟଣା ସଂପର୍କରେ ଥାନା ଆଇଆଇସି ଶ୍ରୀମତୀ ସାହୁଙ୍କ ସହ ଆଲୋଚନା କରିଛନ୍ତି। ଉଭୟ ଗୋଷ୍ଠୀ ଉପରେ ଥାନା ଆଇଆଇସି ଶ୍ରୀମତୀ ସାହୁ ତୀକ୍ଷ୍ଣ ନଜର ରଖିଥିବା ବେଳେ ଘଟଣା ସ୍ଥଳରେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଉପସ୍ଥିତ ରହିଛନ୍ତି ।

## କାର୍ ଦୁର୍ଘଟଣାରେ ୨ ଗୁରୁତର: ଉତ୍ତ୍ୟକ୍ତ ଜନତା ଗାଡ଼ି ଜାଳି ଦେଲେ



ନିମାପଡ଼ା(ନିପ୍ର): ନିମାପଡ଼ା ପୌରାଂଚଳ ଅନ୍ତର୍ଗତ ମୁସଲିମ୍ ବସ୍ତି ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୩ ଜଣ ଗୁରୁତର ଆହତ ହୋଇ ପ୍ରଥମେ ନିମାପଡ଼ା ଏବଂ ପରେ ଅବସ୍ଥା ବିଗିଡ଼ିବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ରେଫର କରାଯାଇଥିଲା । ଗାଡ଼ି ଚାଳକ ଘଟଣା ସ୍ଥଳରେ ଗାଡ଼ି ରଖି ଦୁର୍ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ଆହତ ଏବଂ ସ୍ଥାନୀୟ ଜନସାଧାରଣ ପୋଲିସକୁ ଖବର ଦେବାରେ ପାଟ୍ରୋଲିଂ ଗାଡ଼ି ଘଟଣା ସ୍ଥଳରେ ପହଂଚି ଆହତଙ୍କୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଉତ୍ତ୍ୟକ୍ତ ଜନତା ଗାଡ଼ି ମାଲିକଙ୍କୁ ପହଂଚିବା ପାଇଁ ଦାବି କରିଥିଲେ ହେଁ ସେ ନ ପହଂଚିବାରୁ ଉତ୍ତ୍ୟକ୍ତ ଜନତା କାର୍ ପୋଡ଼ି ଦେଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ । ବସ୍ତି ନିକଟରେ ଘଟଣା ଘଟିଥିବା ବେଳେ କେତେକ ଯୁବକ ଜନୈକ ନିଶା ବେପାରୀଙ୍କ ସହଯୋଗରେ ପୋଲିସ ହସ୍ତକ୍ଷେପ ଲୋଡ଼ିଥିଲେ । ପୋଲିସ ବିଳମ୍ବରେ ପହଂଚିବାରୁ ଉତ୍ତ୍ୟକ୍ତ ଜନତା ଛତ୍ରଭଙ୍ଗ ଦେଇଥିବା ବେଳେ ପୋଲିସ ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି । ତେବେ ଘଟଣା ସଂକ୍ରାନ୍ତରେ କୌଣସି ମୋକଦ୍ଦମା ହୋଇ ନଥିବା ଥାନା ସୂତ୍ରରୁ ଜଣାପଡ଼ିଛି । ଆହତ ବ୍ୟକ୍ତିମାନେ ହେଲେ ଶେଖ୍ ପୁତୁଲ, ସୂର୍ଯ୍ୟକାନ୍ତ ମୁଦୁଲି, ବବୁଲ ଭୋଇ ବୋଲି ସୂଚନା ମିଳିଛି ।

## ବଜ୍ରାଘାତରେ ଜଳିଗଲା ବୈଦ୍ୟୁତିକ ଯନ୍ତ୍ରାଂଶ

ଶେରଗଡ଼(ନିପ୍ର): ଶେରଗଡ଼ରେ ବୁଧବାର ରାତିରେ କାଳବୈଶାଖୀ ସାଙ୍ଗକୁ ପ୍ରବଳ ବଜ୍ରପାତ ସହ ବର୍ଷା ପବନ ହୋଇଛି। ଏହାର ପ୍ରଭାବରେ ଧନନ୍ତର ଗ୍ରାମର ସଦାଶିବ ବେହେରା ଘର ଉପରେ ପ୍ରବଳ ବଜ୍ରପାତ ହୋଇଛି। ଘରର ଉପର ଭାଗ ଭାଙ୍ଗି ବିଦ୍ୟୁତ ତାର ସମ୍ପୂର୍ଣ୍ଣ ଜଳିଯାଇଛି। ଏଥି ସହିତ ଘରର ଲାଗିଥିବା ଟିଭି, ଫ୍ରିଜ, କୁଲର ଜଳିଯାଇଛି। ନଷ୍ଟ ହୋଇଥିବା ଜିନିଷର ଆନୁମାନିକ ୧ଲକ୍ଷ ଟଙ୍କା ହୋଇଥିବା ପରିବାର ଲୋକେ କହିଛନ୍ତି। ରାତି ୯ଟାରୁ ଶେରଗଡ଼ ଅଞ୍ଚଳରେ ପ୍ରବଳ ବଜ୍ରପାତ ବର୍ଷା ପବନ ଅନୁଭୂତ ହୋଇଥିଲା।

### ମା-ପୁଅଙ୍କୁ ଥାର୍ଡ ଡିଗ୍ରୀ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ

## ତାଳଚୁଆ ମେରାଇନ ଥାନା ଅଧିକାରିଣୀ ନିଲମ୍ବିତ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆ ମେରାଇନ ଥାନାରେ ଘଟିଥିବା ଏକ ଚର୍ଚ୍ଚିତ ଘଟଣାକୁ ନେଇ ଓଡିଶା ପୋଲିସ ମହଲରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ଜେନା ଥାନାକୁ ଏଫଆଇଆର ଦେବାକୁ ଆସିଥିବା ଜଣେ ମା’ ଓ ପୁଅଙ୍କୁ ଥାନା ଭିତରେ ଅମାନବିକ ବ୍ୟବହାର ସହ ଥାର୍ଡ ଡିଗ୍ରୀ ଦେଇଥିବା ଅଭିଯୋଗ ଆସିବା ପରେ ଓଡିଶା ପୋଲିସ ଡିଜି କଡ଼ା ପଦକ୍ଷେପ ନେଇଛନ୍ତି। ସୂଚନା ଅନୁଯାୟୀ, ଅଭିଯୋଗ ନେଇ ମା’-ପୁଅ ଦୁଇଜଣ ତାଳଚୁଆ ମେରାଇନ ଥାନାକୁ ଯାଇଥିଲେ। କିନ୍ତୁ ଏଫଆଇଆର ରଖିବା ପରିବର୍ତ୍ତେ ସେମାନଙ୍କୁ ଥାନା ଭିତରେ ଅଟକ ରଖି ମାଡ଼ମାରା ଓ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଘଟଣା ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ତଦନ୍ତରେ ଅଭିଯୋଗର ସତ୍ୟତା ମିଳିବା ପରେ ଓଡିଶା ପୋଲିସ ଡିଜି ସନ୍ଧ୍ୟାରାଣୀ ଜେନାଙ୍କୁ ତତ୍କାଳ ପ୍ରଭାବରୁ ନିଲମ୍ବନ କରିଥିବା ସୂଚନା ମିଳିଛି। ଘଟଣାକୁ ନେଇ ସାଧାରଣ ଲୋକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ, ପୋଲିସ ବିଭାଗରେ ଏଭଳି ଆଚରଣ କେବେ ବରଦାସ୍ତ କରାଯିବ ନାହିଁ ବୋଲି ଉଚ୍ଚ ଅଧିକାରୀମାନେ କହିଛନ୍ତି। ବର୍ତ୍ତମାନ ସମଗ୍ର ଘଟଣାର ଅଧିକ ତଦନ୍ତ ଚାଲିଛି ଏବଂ ଆଗାମୀ ଦିନରେ ଅଧିକ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ସୂଚନା ମିଳିଛି।

### ନିର୍ମାଣର ଦେଢ଼ ବର୍ଷରେ ଆଁ କଲାଣି କଂକ୍ରିଟ ରାସ୍ତା

# ମରଣଯନ୍ତା ସାଜିଛି ଧାମନଗର-ଦୋବଲ ରାସ୍ତା



ଧାମନଗର(ନିପ୍ର): ରାଜ୍ୟରେ ଶାସନ ପରିବର୍ତ୍ତନ ହେଲା, ମାତ୍ର ବଦଳିଲାନି ପୂର୍ତ୍ତ ବିଭାଗର କାର୍ଯ୍ୟଶୈଳୀ କି ଠିକାଦାରଙ୍କ ମନମୁଖୀ କାର୍ଯ୍ୟ। ୨୦୨୪ରେ ଓଡ଼ିଶାରେ ନୂଆ ସରକାର ଆସିବା ପରେ ଜନସାଧାରଣଙ୍କ ସୁବିଧା ପାଇଁ ଧାମନଗରର ଅନ୍ୟତମ ମୁଖ୍ୟ ରାସ୍ତା କୁହାଯାଉଥିବା ଧାମନଗର-କ୍ଷେଣ୍ଡପୁର ଭାୟା ଦୋବଲ ରାସ୍ତାର ମରାମତି ଓ ପୁନଃ-ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ଅତ୍ୟନ୍ତ ପରିତାପର ବିଷୟ ଯେ, ନିର୍ମାଣର ମାତ୍ର ଦେଢ଼ ବର୍ଷ ନପୂରୁଣୁ ଏହି କୋଟି କୋଟି ଟଙ୍କାର କଂକ୍ରିଟ ରାସ୍ତାଟି ଏବେ ବିଭିନ୍ନ ସ୍ଥାନରେ ଫାଟି ଆଁ କଲାଣି। ପୂର୍ତ୍ତ ବିଭାଗର ସରକାରୀ ଗାଇଡ୍‌ଲାଇନ୍ ଏବଂ ବୈଷୟିକ ନିୟମାବଳୀକୁ ସମ୍ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇ କରାଯାଇଥିବା ଏହି ନିମ୍ନମାନର ନିର୍ମାଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ରାସ୍ତାର ସ୍ଥିତି ଏବେ ଅତ୍ୟନ୍ତ ଶୋଚନୀୟ। ଧାମନଗର କଲେଜ ସାମ୍ନାରେ ରାସ୍ତାକୁ ପ୍ରାୟ ୬ ଇଞ୍ଚ ଉଚ୍ଚା କରି କଂକ୍ରିଟ୍ ଢଳେଇ କରାଯାଇଥିଲା। ଆଶ୍ଚର୍ଯ୍ୟର ବିଷୟ, ଏହି ୬ ଇଞ୍ଚ ମୋଟାର ନୂତନ ସ୍ଲାବ୍ ମଧ୍ୟ ଭାରୀଯାନର ଚାପ ସହିନପାରି ଫାଟିଗଲାଣି। ସେହିପରି ଖଡ଼ିପଦାରୁ ଦୋବଲ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏଯାଏଁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ସୁଦ୍ଧା ହୋଇନାହିଁ। ଗୋଟିଏ ପଟେ ଠିକାଦାର କାମ ଅଧାପନ୍ତରିଆ କରି ରଖିଥିବା ବେଳେ, ଅନ୍ୟପଟେ ନିର୍ମିତ ହୋଇସାରିଥିବା ଅଂଶରେ ଏବେଠାରୁ ହିଁ ବଡ଼ ବଡ଼ ଫାଟ ଦେଖାଦେବା ବିଭାଗୀୟ ଅପାରଗତାକୁ ପଦାରେ ପକାଇଛି। ଧାମନଗର ଓ ଦୋବଲ ଅଞ୍ଚଳର ଭୌଗୋଳିକ ସ୍ଥିତି ଅନୁସାରେ ଏହି ରାସ୍ତା ତଳେ କେଲୁଅ ବା ଅତ୍ୟଧିକ ଚିକିଟା ମାଟି ରହିଛି। ଏହି ମାଟିର ପ୍ରକୃତି ହେଉଛି ବର୍ଷା ଦିନେ ଏହା ଫୁଲିଯାଏ ଏବଂ ଖରା ଦିନେ ସଙ୍କୁଚିତ ହୋଇଯାଏ। ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ ନିୟମାବଳୀ ଅନୁଯାୟୀ, ଏଭଳି ମାଟି ଉପରେ କଂକ୍ରିଟ୍ ରାସ୍ତା ପ୍ରସ୍ତୁତ କରିବା ପୂର୍ବରୁ ସ୍ୱତନ୍ତ୍ର ସ୍ଥିରୀକରଣ ଡିଜାଇନ୍ କରିବା ବାଧ୍ୟତାମୂଳକ। ମାତ୍ର ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ କୌଣସି ସ୍ୱତନ୍ତ୍ର ପ୍ରତିକାରମୂଳକ ବ୍ୟବସ୍ଥା ନକରି ସିଧାସଳଖ ଢଳେଇ କରିଦିଆଗଲା, ଯାହା ଆଜି ରାସ୍ତା ଫାଟିବାର ପ୍ରମୁଖ କାରଣ ସାଜିଛି। ତାପମାତ୍ରାର ଅତ୍ୟଧିକ ପରିବର୍ତ୍ତନ ତଥା ସଙ୍କୋଚନ ଓ ପ୍ରସାରଣ ଯୋଗୁଁ ରାସ୍ତାର ଦୁଇଟି ଲେନ୍ ମଝିରେ ଥିବା ସଂଯୋଗସ୍ଥଳ ଗୁଡ଼ିକ ଏବେ ପ୍ରଶସ୍ତ ହେବାରେ ଲାଗିଛି। ନିୟମ ଅନୁସାରେ ଏହି ଜଏଣ୍ଟ ଗୁଡ଼ିକୁ ସଠିକ୍ ସମୟରେ କାଟି ସେଥିରେ ବେକର୍ ରଡ୍ ଏବଂ ବିଟୁମିନ ବା ସିଲାଣ୍ଟ ଭରିବା କଥା। ମାତ୍ର ତାହା ନକରାଯିବାରୁ ଏହି ସଂଯୋଗସ୍ଥଳ ଗୁଡ଼ିକ ଚଉଡ଼ା ହୋଇ ଲମ୍ବା ଓ ଗଭୀର ଗାଡ଼ରେ ପରିଣତ ହେଲାଣି। ବିଶେଷ କରି ରାତି ସମୟରେ ଦ୍ରୁତଗତିରେ ଯାଉଥିବା ବାଇକ୍ ଚାଳକଙ୍କ ଚକା ଏହି ଗାଡ଼ରେ ପଶିଯିବା ଫଳରେ ଅନେକ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ବୈଷୟିକ ତ୍ରୁଟି ସହିତ ବୋଝ ଉପରେ ଲଳିତା ବିଡ଼ା ସାଜିଛି ବେଆଇନ ଓଭରଲୋଡିଂ। ବୈତରଣୀ ନଦୀରୁ ପ୍ରତିଦିନ ଶହ ଶହ ଓଭରଲୋଡେଡ୍ ବାଲି ବୋଝେଇ ହାଇୱା ଏବଂ ଟ୍ରକ୍ ଏହି ରାସ୍ତା ଦେଇ ଦିନରାତି ଚଳାଚଳ କରୁଛି। ଏହା ସହିତ ଗ୍ରାମାଞ୍ଚଳରେ ନିର୍ମାଣ କାର୍ଯ୍ୟ ବୃଦ୍ଧି ପାଇଥିବାରୁ ମେଟାଲ, ଚିପ୍ସ ଏବଂ ଲୁହା ରଡ୍ ବୋଝେଇ ଭାରୀ ଯାନ ମଧ୍ୟ ଏହି ରାସ୍ତା ଉପରେ ନିରନ୍ତର ଯାତାୟତ କରୁଛନ୍ତି। ରାସ୍ତାର ନିର୍ଦ୍ଧାରିତ ଭାର ବହନ କ୍ଷମତାଠାରୁ କେତେ ଗୁଣ ଅଧିକ ଓଜନର ଗାଡ଼ି ଚାଲୁଥିବାରୁ, ଦୁର୍ବଳ ବେସ୍ ଉପରେ ଥିବା କଂକ୍ରିଟ୍ ସ୍ଲାବ୍ ଏହି ଚାପ ସହି ନପାରି ଭାଙ୍ଗି ଆଁ କରୁଛି। ସରକାରଙ୍କ ପୂର୍ତ୍ତ ବିଭାଗ ନିୟମ ଅନୁଯାୟୀ, କୌଣସି ବି ନୂତନ କଂକ୍ରିଟ୍ ରାସ୍ତାର ଡିଫେକ୍ଟ ଲାଏବିଲିଟି ପିରିୟଡ୍ ଅତିକମରେ ୩ ରୁ ୫ ବର୍ଷ ରହିଥାଏ। ଏହି ସମୟ ମଧ୍ୟରେ ଯଦି ରାସ୍ତା ଖରାପ ହୁଏ, ତେବେ ସମ୍ପୃକ୍ତ ଠିକାଦାର ନିଜ ଖର୍ଚ୍ଚରେ ଏହାର ସମ୍ପୂର୍ଣ୍ଣ ମରାମତି ବା ପୁନଃ-ନିର୍ମାଣ କରିବା ପାଇଁ ଆଇନଗତ ଭାବେ ବାଧ୍ୟ। ଏ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି ଯେ, ରାଜ୍ୟ ସରକାର ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ପଠାଇ ଧାମନଗର-ଦୋବଲ ରାସ୍ତାର ଯାଞ୍ଚ କରନ୍ତୁ। ମାଟିର ପ୍ରକୃତି ଅନୁସାରେ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରାଯାଇ ଠିକାଦାରଙ୍କ ଜରିଆରେ ରାସ୍ତାର ପୁନଃ-ନିର୍ମାଣ କରାଯାଉ ଏବଂ ଓଭରଲୋଡିଂ ଗାଡ଼ି ଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ଆଗାମୀ ଦିନରେ ବୃହତ ଆନ୍ଦୋଳନ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ଘେରିବା ପାଇଁ ଧାମନଗରବାସୀ ଚେତାବନୀ ଦେଇଛନ୍ତି।

# ଭାରତ ବିପକ୍ଷ ଟେଷ୍ଟ, ଦିନିକିଆ ପାଇଁ ଆଫଗାନିସ୍ତାନ ଦଳ



ନୂଆଦିଲ୍ଲୀ, ୨୮/୫: ଆଫଗାନିସ୍ତାନ ଦଳ ଘରୋଇ ଭାରତ ବିପକ୍ଷରେ ଏକମାତ୍ର ଟେଷ୍ଟ ଓ ୩ ମ୍ୟାଚ୍‌ର ଦିନିକିଆ ଶୃଙ୍ଖଳା ଜୁନ୍ ୬ରୁ ୨୮ ପର୍ଯ୍ୟନ୍ତ ଖେଳିବ। ଆଫଗାନିସ୍ତାନ ଟେଷ୍ଟ ଓ ଦିନିକିଆ ଦଳ ଘୋଷଣା ହୋଇଛି। ହଜ୍‌ମତୁଲ୍ଲା ସାହିଦି ଉଭୟ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ରସିଦ ଖାଁ କେବଳ ଦିନିକିଆ ଖେଳିବେ। ଏକମାତ୍ର ଟେଷ୍ଟ ଜୁନ୍ ୬ରୁ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯିବ। ପରେ ୩ ମ୍ୟାଚ୍‌ର ଦିନିକିଆ ଶୃଙ୍ଖଳା ଖେଳାଯିବ। ଟେଷ୍ଟ ଦଳ: ହଜ୍‌ମତୁଲ୍ଲା ସାହିଦି (ଅଧିନାୟକ), ଅବଦୁଲ୍ ମାଲିକ୍, ସେଦିକୁଲା ଅଟଲ, ରେହମତ ଶାହ, ରହମନୁଲ୍ଲା ଗୁରବାଜ, ରହମନୁଲ୍ଲା ଜାଦ୍ରାନ, ଅଫସାର ଜାଜାଇ, ଇକ୍ରାମ ଅଲିଖିଲ, ଅଜ୍‌ମାତୁଲ୍ଲା ଓମରଜାଇ, ସୈଫୁଦ୍ଦିନ ଆଶ୍ରଫ, ଏନ୍ ଖାରୋଟି, କ୍ୱାସିସ ଅହମ୍ମଦ, ବିଲାଲ ସାମି, ଜିଆ ସରିଫ, ସାଲିମ ସାଫି। ଦିନିକିଆ ଦଳ: ହଜ୍‌ମତୁଲ୍ଲା ସାହିଦି (ଅଧିନାୟକ), ରହମନୁଲ୍ଲା ଗୁରବାଜ, ଇବ୍ରାହିମ ଜାଦ୍ରାନ୍, ସେଦିକୁଲା ଅଟଲ, ଡି. ରସୁଲି, ରହମତ ଶାହ, ଇକ୍ରାମ ଅଲିଖିଲ, ମହମ୍ମଦ ନବି, ଅଜମତୁଲ୍ଲା ଓମରଜାଇ, ରସିଦ ଖାଁ, ଏନ୍ ଖାରୋଟି, ଗଜନଫର, ଜିଆ ଉର ରେହମାନ, ଶାଫ୍ରି ମଲିକ, ବିଲାଲ ସାମି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଅଟୋ ଆମ୍ବୁଲାନ୍ସ ସେବା

ବୁଗୁଡ଼ା, ୨୮/୫(ନିପ୍ର): ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ୍‌ସ୍ତରୀୟ 'ନିରୀକ୍ଷଣ ସାଥୀ' ଆନୁକୂଲ୍ୟରେ ମାଗଣା ଅଟୋ ଆମ୍ବୁଲାନ୍ସ ସେବାକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍ଘାଟନ କରିଛନ୍ତି। ଏହି ଆମ୍ବୁଲାନ୍ସ ଦୁର୍ଗମ ଅଞ୍ଚଳର ଗର୍ଭବତୀ, ଗୁରୁତର ରୋଗୀ ଓ ଶିଶୁଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବାରେ ପ୍ରମୁଖ ଭୂମିକା ନେବ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ । ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ହିଁ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଦ୍ୱିତୀକୃଷ୍ଣ ପାତ୍ର, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବିଜେପି ନଗର ସଭାପତି କେଦାରନାଥ ମହାରଣା, ସିଡ଼ିପିଓ ବବିତା କୁମାରୀ ପଣ୍ଡା, ସୁନୀଲ ପାଢ଼ୀ, ମେଡିକାଲ ଅଫିସର ଅରୁଣ କୁମାର ପାତ୍ର, ବିପିଏମ ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ପିଏଚସିଓ ରଜନୀ କୁମାରୀ ପାତ୍ରଙ୍କ ସମେତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ ।

● ରଥ ନିର୍ମାଣକୁ ନେଇ ରଥଖଳା ଚଳଚଞ୍ଚଳ

# ତିନିରଥର ପାଞ୍ଚଦଣ୍ଡାର ନିର୍ମାଣ କାର୍ଯ୍ୟ ସହ ମୁଖ ସାଲ ଶେଷ



ପୁରୀ, ୨୮/୫(ନିପ୍ର): ମୁଖ୍ୟ ମହାରଣାଙ୍କ ତଦାରଖରେ ଶେଷ ହୋଇଛି ତିନିରଥର ପାଞ୍ଚଦଣ୍ଡାର ଚଉପଟ କାର୍ଯ୍ୟ। ଏଥିସହ ଦଣ୍ଡା ଗୁଡ଼ିକର ଉଭୟ ପାର୍ଶ୍ୱର ସାଲ କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ଦଣ୍ଡା ଫ୍ରେମ୍ ପ୍ରସ୍ତୁତି ପାଇଁ ପାଞ୍ଚ ଦଣ୍ଡାର ଉଭୟ ପାର୍ଶ୍ୱରେ ସଂଯୋଗ ହୋଇଛି ମୁହାଁଟ। ତିନିରଥର ଏହି ୨୦ ଫୁଟିଆ ମୁହାଁଟର ନିର୍ମାଣ କାର୍ଯ୍ୟ ଶେଷ ହୋଇ ରଥ ଖଳାରେ ସାଇତା ଯାଇଛି। ଏଥିସହ ତିନିରଥର ପାର୍ଶ୍ୱ ଦଣ୍ଡା ଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାଞ୍ଚ ଦଣ୍ଡାର ଉଭୟ ପାର୍ଶ୍ୱରେ କୁଡୁକା ଦ୍ୱାରା ସଂଯୋଗ ହୋଇଛି ପାର୍ଶ୍ୱ ଦଣ୍ଡା। ଦର୍ପଦଳନ ରଥର ପାଞ୍ଚ ଦଣ୍ଡା ସହ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ ଦଣ୍ଡାକୁ ମିଶାଇ ୭ ଟି ଦଣ୍ଡା ଲାଗୁଥିବା ବେଳେ ତଳଧ୍ୱଜା ରଥ ଏବଂ ନନ୍ଦିଘୋଷ ରଥର ପାଞ୍ଚ ଦଣ୍ଡା ସହ ଉଭୟ ପଟରେ ଦୁଇଟି ଲେଖାଏଁ ପାର୍ଶ୍ୱ ଦଣ୍ଡାକୁ ମିଶାଇ ମୋଟ ୯ଟି ଲେଖାଏଁ ଦଣ୍ଡା ସଂଯୋଗ ହୋଇ ଫ୍ରେମ୍ ପ୍ରସ୍ତୁତ କରାଯାଇଛି। ରୂପକାର ସେବକମାନେ ତିନିରଥର ୩୩ଟି ସାଲ ଗୁଜର ରୂପ ଖୋଦେଇ ସହ ରୂପ ଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ କରିଥିଲେ। ପଲିସ୍ କାର୍ଯ୍ୟ ଶେଷ କରି ତିନିରଥର ୮ ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରଳ ରୂପ ଖୋଦେଇ ଶେଷ କରି ରୂପ ଗୁଡିକରେ ଅଳଙ୍କାର ପକା କାର୍ଯ୍ୟ ସହ ପଲିସ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର କରତି ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳର ଚିରଟ କାର୍ଯ୍ୟ ଶେଷ ହୋଇଥିଲା। ନନ୍ଦିଘୋଷ ରଥ ୪୦ ଫୁଟିଆ ପୋଲ ଗୟଳର ଚିତା କାର୍ଯ୍ୟ ପରେ ଚିରଟ କାର୍ଯ୍ୟ ଶେଷ କରି ଦର୍ପଦଳନ ରଥ ୪୦ ଫୁଟିଆ ପୋଲ ଗୟଳର ଚିରଟ କାର୍ଯ୍ୟ ପୂର୍ବରୁ ଉଭୟ ପାର୍ଶ୍ୱକୁ ବାରିସିରେ ହାଣି ସମତଳ ବା ଚିତା କାର୍ଯ୍ୟ ଜାରି ରହିଛି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ଦଣ୍ଡା କଣ୍ଟା ସହ ଗରଗରା କଣ୍ଟା ନିର୍ମାଣ ଶେଷ କରି ୧୬ ଏମ୍ ଏମ୍ ସାଇଜର ଚାନ୍ଦା ଗୟଳ କଣ୍ଟା ଏବଂ ବଡ଼ ଥଳ ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କୂରୁମ ପିଢ଼ା, ସୁଦ୍ଧା ସୁଆର ପିଢ଼ା, ବନକ ପିଢ଼ା, ରୁଖା, ଭେଟ ବାକ୍ସ ପାଇଁ ଟେବୁଲ୍ ଷ୍ଟାଣ୍ଡ କାଠ ନିର୍ମିତ ସରଞ୍ଜାମମାନ ପ୍ରସ୍ତୁତ ଜାରି ରଖିଛନ୍ତି।

# ୨ ମାସ ହେବ ମିଳୁନି ଆକାଉଣ୍ଟରେ ଭତ୍ତା ଟଙ୍କା !



କୁଚିଣ୍ଡା, ୨୮/୫(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ହିତାଧିକାରୀଙ୍କୁ ଗତ ୨ ମାସ ହେବ ଆକାଉଣ୍ଟରେ ଭତ୍ତା ଟଙ୍କା ମିଳୁନାହିଁ । ଫଳରେ ଆକାଉଣ୍ଟରେ ଭତ୍ତା ଟଙ୍କା ପାଉଥିବା ହିତାଧିକାରୀ ବୃଦ୍ଧବୃଦ୍ଧାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବୁଧବାର ବକ୍ସମା ପଞ୍ଚାୟତର କେତେକ ହିତାଧିକାରୀ କୁଚିଣ୍ଡା ବିଏସଏସଓ (ସାମାଜିକ ସୁରକ୍ଷା ଅଧିକାରୀ)ଙ୍କୁ ସାକ୍ଷାତ କରି ନିଜର ଅସନ୍ତୋଷ ଜାହିର କରିଥିଲେ ମଧ୍ୟ ବିଏସଏସଓ ନିଜର ଅସହାୟତା ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ଗତ ଦୁଇ ମାସ ହେବ କୁଚିଣ୍ଡା ବ୍ଲକର ୧୬ଟି ପଞ୍ଚାୟତରେ ଆକାଉଣ୍ଟରେ ପାଉଥିବା ଭତ୍ତା ଟଙ୍କା ହିତାଧିକାରୀମାନେ ପାଇ ପାରୁନାହାନ୍ତି। ବୁଧବାର ବକ୍ସମା ସମେତ ବିଭିନ୍ନ ପଞ୍ଚାୟତର ବୃଦ୍ଧବୃଦ୍ଧାମାନେ ବ୍ଲକ ଅଫିସକୁ ଆସିଥିଲେ ମଧ୍ୟ ନିରାଶରେ ଘରକୁ ଫେରିଥିଲେ। ପ୍ରାୟ ୪୫ ଡିଗ୍ରୀ ସେଲସିଅସ ତାପମାତ୍ରାରେ ସେମାନେ କୁଚିଣ୍ଡା ବ୍ଲକ ଅଫିସକୁ ଆସିଥିଲେ ମଧ୍ୟ ବିଡ଼ିଓ ଅଫିସରେ ନ ଥିବାରୁ ସେମାନେ ବିଏସଏସଓଙ୍କୁ ସାକ୍ଷାତ କରି ଆକାଉଣ୍ଟରେ ଭତ୍ତା ଟଙ୍କା ପଡୁନଥିବା କହିଥିଲେ। ବିଏସଏସଓ ଭୋଇ ନିଜର ଅସହାୟତା ପ୍ରକାଶ କରି ଆକାଉଣ୍ଟରେ ଭତ୍ତା ଟଙ୍କା ରାଜ୍ୟସ୍ତରରୁ ଆସେ, ତେଣୁ ଏଥିରେ ଆମେ କିଛି କରି ପାରିବୁ ନାହିଁ ବୋଲି କହିଥିଲେ। ଫଳରେ ସେମାନେ ନିରାଶ ହୋଇ ଘରକୁ ଫେରିଥିଲେ। ଏ ସମ୍ପର୍କରେ ବିଡ଼ିଓ ଜୟନ୍ତ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି କେତେକ ପଞ୍ଚାୟତର ପ୍ରକଳ୍ପ ପରିଦର୍ଶନରେ ଯାଇଥିବା ସମୟରେ କିଛି ବୃଦ୍ଧବୃଦ୍ଧାମାନେ ଅଫିସକୁ ଆସି ଭତ୍ତା ଟଙ୍କା ପାଉନଥିବା ବିଏସଏସଓଙ୍କୁ ଅଭିଯୋଗ କରିଥିଲେ। ଯେହେତୁ ଦୁଇମାସ ହେବ ଆକାଉଣ୍ଟରେ ଭତ୍ତା ଟଙ୍କା ଆସୁନଥିବା ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିବା ସେ କହିଥିଲେ।



ଭୁବନେଶ୍ୱର: ଇଦ୍ ଅବସରରେ ଝାରପଡ଼ା ସ୍ଥିତ ଇଦ୍‌ଘା ପଡ଼ିଆରେ ସମବେତ ନମାଜ୍ ପାଠ (ଫଟୋ-ଦିନଲିପି)

# ଗାଳ୍ପିକା ଇନ୍ଦିରା ଦାଶଙ୍କ 'ନର୍ତ୍ତକୀ' ଓ 'ଶିଶିର କନ୍ୟା'ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୨୭/୫(ନିପ୍ର):** ଭୁବନେଶ୍ୱରର ଏକ ହୋଟେଲ କନଫରେନ୍ସ ହଲରେ ବୁଧବାର ସଂଧ୍ୟାରେ ଆୟୋଜିତ ଏହି ପାଠକାର୍ପଣ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ପ୍ରଖ୍ୟାତ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଂଜନ, ଇନ୍ଦିରା ଦାଶଙ୍କ ଉପନ୍ୟାସ ଓ ଗଳ୍ପର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଲେ 'ଇନ୍ଦିରାଙ୍କ କଥା ସାହିତ୍ୟରେ ସୂକ୍ଷ୍ମ ଅନୁଭବ ଓ କଳାଶକ୍ତିର ଅତ୍ୟନ୍ତ ପ୍ରଭାବ ଲେଖାଗୁଡ଼ିକୁ ଜୀବନ କରିଥାଏ।

'ଜୀବନର ଗଭୀର ଅନୁଭୂତି ଓ ଅନୁଭବର ସୂକ୍ଷ୍ମ ଓ ସ୍ନିଗ୍ଧ ଅଭିବ୍ୟକ୍ତି ହିଁ ସାହିତ୍ୟ'। ଜୀବନର ଦ୍ୱନ୍ଦ୍ୱ, ଦୁଃଖ ଓ ଯନ୍ତ୍ରଣାର ସୁନ୍ଦର, ସାବଲିଳ, ସରଳ, ପରିପ୍ରକାଶ ହିଁ ଇନ୍ଦିରା ଦାଶଙ୍କ ଉପନ୍ୟାସ ଓ ଗଳ୍ପର ମୂଳ ଉତ୍ସ ବୋଲି ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ପ୍ରଖ୍ୟାତ ଔପନ୍ୟାସିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ଇନ୍ଦିରା ଦାଶଙ୍କ ଦୁଇଟି ପୁସ୍ତକ 'ନର୍ତ୍ତକୀ' ଓ 'ଶିଶିର କନ୍ୟା' ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ର ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଡକ୍ଟର ମିହିର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ଔପନ୍ୟାସିକା ଇନ୍ଦିରାଦାଶ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଶେଷରେ ପୁସ୍ତକର ପ୍ରକାଶକ ବିଦ୍ୟାପୁରୀର ନିର୍ଦ୍ଦେଶକ ଜୀବନାନନ୍ଦ ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଟଣୀରେ ଇଦ୍-ଉଲ-ଜୁହା

ଜଟଣୀ, ୨୮/୫(ନିପ୍ର): ଗୁରୁବାର ମୁସଲିମ ସମ୍ପ୍ରଦାୟର 'ଇଦ-ଉଲ-ଜୁହା' ଉତ୍ସବରେ ଜଟଣୀର ସମସ୍ତ ମୁସଲିମ ସମ୍ପ୍ରଦାୟର ଭାଇମାନେ ଅବ୍ରାହମଙ୍କୁ ସ୍ମରଣ କରିବା ଏବଂ ଆଲ୍ଲାଙ୍କ ପ୍ରତି ତାଙ୍କର ଭକ୍ତିକୁ ସମ୍ମାନ ଜଣାଇବା ପାଇଁ ପାଳନ କରାଯାଏ । ପ୍ରତ୍ୟୁଷରୁ ସ୍ଥାନୀୟ ଗଜପତି ନଗର ଅଂଚଳରେ ଥିବା 'ଇଦ୍‌ଘା 'ପଡିଆରେ ସମସ୍ତ ମୁସଲିମ ଭାଇମାନେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ । ନମାଜ ପାଠ ପରେ ସମସ୍ତେ ସମସ୍ତଙ୍କୁ ଆଲିଙ୍ଗନ କରି ଅଭିବାଦନ ଜଣାଇଥିଲେ । ଇଦ୍‌ଘା ପଡ଼ିଆରେ ଶାନ୍ତିପୂର୍ଣ୍ଣ ନମାଜ ପାଠକୁ ନେଇ ମୁସଲିମ ସମ୍ପ୍ରଦାୟର ତଥା ବଡି ମସଜିଦ ମତଓ୍ୱାଲୀ ମହମ୍ମଦ ଜାଫରନୁରଙ୍କୁ ସ୍ଥାନୀୟ ବୁଦ୍ଧିଜୀବୀ ଅନେକ ପ୍ରଶଂସା ଜଣାଇଥିଲେ ।

# ଏନ୍‌ସି କ୍ୟାମ୍ପରେ ଚାଲିଛି ଓଡ଼ିଶାର ୬୦୦ କ୍ୟାଡେଟ୍ ଅଂଶଗ୍ରହଣ

ଭଦ୍ରକ, ୨୮/୫(ନିପ୍ର): ଓଡିଶା ବାଟାଲିୟନ୍ ଏନସିସି, ଭଦ୍ରକ ଦ୍ୱାରା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ / ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତିହିଡି, ଭଦ୍ରକଠାରେ ୨୪ ମେ ରୁ ୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ୧୦ ଦିନିଆ ମିଳିତ ବାର୍ଷିକ ତାଲିମ୍ ଶିବିର ଆୟୋଜନ କରାଯାଉଛି। ଓଡିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୬୦୦ ଜଣ କ୍ୟାଡେଟ୍ ଏହି ଶିବିରରେ ଅଂଶଗ୍ରହଣ କରୁଛନ୍ତି। ଶିବିର କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସଏସ ରଘୁବଂଶୀଙ୍କ ତତ୍ତ୍ୱାବଧାନରେ ଯୁବକମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣ ଓ ଚରିତ୍ର ଗଠନ ପାଇଁ ଡ୍ରିଲ୍, ଅସ୍ତ୍ରଶସ୍ତ୍ର ତାଲିମ, ମ୍ୟାପ୍ ରିଡିଂ, ଫିଲ୍ଡ କ୍ରାଫ୍ଟ ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଦିଆଯାଉଛି। ଶିବିରରେ ବୃକ୍ଷରୋପଣ ଏବଂ ସ୍ୱଚ୍ଛ ଭାରତ ଅଭିଯାନ ଭଳି ସାମାଜିକ ସେବା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। କ୍ୟାଡେଟମାନଙ୍କ ମଧ୍ୟରେ ଏକତା ଓ ଭାବନା ବୃଦ୍ଧି ପାଇଁ ଡ୍ରିଲ୍, ଫାୟାରିଂ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନ୍ତଃ-କମ୍ପାନୀ ପ୍ରତିଯୋଗିତା ଆୟୋଜନ କରାଯାଉଛି।

# ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

ଧାମନଗର, ୨୮/୫(ନିପ୍ର): ଧାମନଗର ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋହଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମ ପାଇଁ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କେତେକ



ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ମେଗା କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମଧ୍ୟ ମନ୍ତ୍ରୀଙ୍କ ସହ ସାମିଲ ହୋଇଥିଲେ ସୋହଡ଼ା ପଞ୍ଚାୟତର ପ୍ରମୁଖ ୯ଟି ଗାଁ ଯଥା— ପିତେଇପୁର, ଡାଙ୍ଗୁଆପାଟଣା, ଗୌରାଙ୍ଗପୁର-ଦୁଲାରପୁର-ପାଟୁଳି, କଣ୍ଟାପାରି, ବେଦପୁର, କ୍ଷେତ୍ରପୁର, ମିଶ୍ରପୁର, ସୋହଡ଼ା ଓ ବାଲିପଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ମୋଟ ୨,୦୧,୪୬,୪୩୪ ଟଙ୍କା ବ୍ୟୟ ଅଟକଳରେ ସର୍ବମୋଟ ୭୮ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଗ୍ରାମୀଣ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟକୁ ସର୍ବାଧିକ ପ୍ରାଥମିକତା ଦିଆଯାଇ ୨୫ଟି ପ୍ରକଳ୍ପ ଚିହ୍ନଟ କରାଯାଇଛି। ସେହିପରି ଶିକ୍ଷା ଓ ଶିଶୁ ବିକାଶ କ୍ଷେତ୍ରରେ ୧୬ଟି ସ୍କୁଲର ମରାମତି ଓ ୧୨ଟି ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ ଓ ପୁନରୁଦ୍ଧାର ହେବ। ସାମାଜିକ କାର୍ଯ୍ୟ ପାଇଁ ୧୧ଟି ଗୋଷ୍ଠୀ କେନ୍ଦ୍ର, ଆଧ୍ୟାତ୍ମିକ ଭାବନା ରକ୍ଷା ପାଇଁ ୭ଟି ମନ୍ଦିର/ଭୋଗମଣ୍ଡପ, ବାଲିପଡ଼ାଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମରାମତି, ବେଦପୁରରେ ଜଗନ୍ନାଥ ଦାସ ସ୍ମାରକୀ ଗ୍ରନ୍ଥାଗାର ଓ ବୈକୁଣ୍ଠି ଆଦର୍ଶ ପୁଷ୍କରିଣୀ ସଂରକ୍ଷଣ, ପିତେଇପୁରରେ ପାଲା ମଣ୍ଡପ ଏବଂ କ୍ଷେତ୍ରପୁରଠାରେ ଏକ ଛୋଟ ପୋଲ ନିର୍ମାଣ ଏହି ଯୋଜନାର ଅନ୍ତର୍ଭୁକ୍ତ। ଏହି ଗସ୍ତକାଳରେ ପିତେଇପୁରଠାରେ ପବିତ୍ର ବୈତରଣୀ ନଦୀରେ ନିର୍ମିତ ନୂତନ ସୁଦୃଶ୍ୟ ସ୍ନାନଘାଟ ତଥା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଲୋକାର୍ପଣ ହୋଇଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 13/ET/SBP/ENGG/2026-27, ତା.25.05.2026ରିଖ
ଇ-ଟେଣ୍ଡର ସଂ. 04-eT-SETT-SBP-26
କାର୍ଯ୍ୟର ନାମ : ରେଢ଼ାଖୋଲ ଷ୍ଟାଡିୟମ, ସମ୍ବଲପୁର ଠାରେ ସାମୂହିକ ଶୟନକକ୍ଷ(Dormitory) (G+1)ର ନିର୍ମାଣ ସହିତ ଡର୍ମିଟୋରୀ, କ୍ରୀଡ଼ା ଗ୍ୟାଲେରୀର ନିର୍ମାଣ, ଶୌଚଳୟ ସୁବିଧା, ବୈଦ୍ୟୁତିକ କାର୍ଯ୍ୟ ଇତ୍ୟାଦି ଭଳି ଅବଶିଷ୍ଟ କାର୍ଯ୍ୟଗୁଡ଼ିକର ସମାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 3,47,96,524.99, ବିଡ୍ ସିକ୍ୟୁରିଟୀ : ₹ 6,96,000/-, କାର୍ଯ୍ୟ ଶେଷ ହେବା ଅବଧି : 07 (ସାତ) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 15.06.2026, 1500 ଘଣ୍ଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ହାତରେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-197/R/26-27

10001/201/2627



**ଅଂଶୁଘାତ ସତର୍କତା**



**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10001/10003/2/26-27/0025

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ